

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୮ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 08 JULY 2023
Vol.No. 35 ■ No. 179 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଖରାପ ପାଗରେ ଅମରନାଥ ଯାତ୍ରା ଆସନ୍ତା ଆଦେଶ ପର୍ଯ୍ୟନ୍ତ ସ୍ଥଗିତ

ନୂଆଦିଲ୍ଲୀ,୭/୦୭ : ଜାମ୍ମୁ-କାଶ୍ମୀରରେ ଖରାପ ପାଗ ପାଇଁ ଶୁକ୍ରବାର ଦିନ ଅମରନାଥ ଯାତ୍ରାକୁ ଆସନ୍ତା ଆଦେଶ ପର୍ଯ୍ୟନ୍ତ ରୋକିଦିଆ ଯାଇଛି । ଜାମ୍ମୁ-କାଶ୍ମୀରରେ ଗୁରୁବାରରୁ ବଡ ଧରଣର ବର୍ଷା ହେଉଛି, ଯାହା ଶୁକ୍ରବାର ଦିନ ମଧ୍ୟ ଜାରି ରହିଛି । ଏହି ଆଦେଶ ପରେ ଆଧାର ଶିବିର ବାଲଟାଲ ଏବଂ ପହଲଗାମର ଦୁଇ ରୁଟ୍‌ରେ ଯାତ୍ରୀଙ୍କୁ ଆଗକୁ ଯିବାକୁ ରୋକି ଦିଆଯାଇଛି । ଜଣେ ଅଧିକାରୀ କହିଛନ୍ତି ଯେ ଅମରନାଥ ଗୁଂଫା ଯାଉଥିବା ଯାତ୍ରାକୁ ଭାରି ବର୍ଷା ପାଇଁ ଶୁକ୍ରବାର ସକାଳେ ରୋକିଦିଆଯାଇଛି । କୌଣସି ତୀର୍ଥଯାତ୍ରୀଙ୍କୁ ପବିତ୍ର ଗୁଂଫା ଆଡ଼କୁ ଯିବାକୁ ଅନୁମତି ଦିଆଯାଇ ନାହିଁ ।

## ସ୍କୁଟି ଡିକି ଭାଙ୍ଗି ୮୨ ହଜାର ଟଙ୍କା ଲୁଟ୍

ବାଙ୍କି, ୦୭/୦୭ (ନି.ପ୍ର): ଲୁଟର ଶିକାର ହୋଇଥିବା ମହିଳାଙ୍କ ନାଁ ରଶ୍ମିତା ମହାନ୍ତି । ତାଙ୍କ ଘର ବାଙ୍କୀ ଥାନା ଅନ୍ତର୍ଗତ ଦୁର୍ଗାପୁର ନୂଆସାହି ଗାଁରେ । ଆଜି ଦିନ ପ୍ରାୟ ୧୧ଟା ବେଳେ ସ୍ଥାନୀୟ ଏକ ବ୍ୟାଙ୍କରୁ ରଶ୍ମିତା ଟଙ୍କା ଉଠାଇଥିଲେ । ଏହା ପରେ ବାଙ୍କୀ ବଜାରରେ ଥିବା ଚାଉଳ ମାର୍କେଟର ହନୁମାନ ମନ୍ଦିର ନିକଟରେ ସ୍କୁଟି ରଖି ପାଖରେ ଥିବା ଏକ ଗ୍ରୋସରୀ ଦୋକାନକୁ ସଉଦା କିଣିବାକୁ ଯାଇଥିଲେ । ସେ ସଉଦା କିଣିବା ସମୟରେ କେହି ଦୁର୍ବୃତ୍ତ ସ୍କୁଟିର ଡିକି ଭାଙ୍ଗି ୮୨ ହଜାର ଟଙ୍କା ନେଇ ଯାଇଥିଲେ । ଏନେଇ ରଶ୍ମିତା ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

### ବାହାନଗା ଟ୍ରେନ ଟ୍ରାଜେଡି

# ୩ ରେଳ କର୍ମଚାରୀଙ୍କୁ ଗିରଫ କଲା ସିବିଆଇ

## ସିନିୟର ସେକ୍ସନ ଇଂଜିନିୟର ଅରୁଣ କୁମାର ମହନ୍ତ, ସେକ୍ସନ ଇଂଜିନିୟର ମହମ୍ମଦ ଅମୀର ଖାନ ଓ ଟେକନିସିଆନ ପପୁ କୁମାର ଗିରଫ



ବାଲେଶ୍ୱର/ଭୁବନେଶ୍ୱର, ୦୭/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ତିନି ଜଣ ରେଳ କର୍ମଚାରୀଙ୍କୁ ଗିରଫ କରିଛି ସିବିଆଇ । ଶୁକ୍ରବାର ଦିନ ସିନିୟର ସେକ୍ସନ ଇଂଜିନିୟର ଅରୁଣ କୁମାର ମହନ୍ତ, ସେକ୍ସନ ଇଂଜିନିୟର ମହମ୍ମଦ ଅମୀର ଖାନ ଓ ଟେକନିସିଆନ ପପୁ କୁମାରଙ୍କୁ ଗିରଫ କରାଯାଇଛି । ଏହି ତିନିଜଣ ଅଭିଯୁକ୍ତଙ୍କ ନାମରେ ଆଇପିସିର ଧାରା ୩୦୪ ଓ ୨୦୧ ସିଆରପିସିରେ ମାମଲା ରୁଜୁ ହୋଇଛି । ଅପରାଧିକ ଷଡଯନ୍ତ୍ର ସହ ପ୍ରମାଣ ନଷ୍ଟ କରିବା ଭଳି ସଂଗୀନ ଅଭିଯୋଗ ସିବିଆଇ ଏମାନଙ୍କ ନାମରେ ଆଣିଛି । ଗିରଫ ପରେ ୩ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ସିବିଆଇ ମୁଖ୍ୟାଳୟକୁ ଅଣାଯାଇ ପଚରାଉଚରା କରାଯାଇଥିଲା । ଶୁକ୍ରବାର ବିଳମ୍ବିତ ସଂଧ୍ୟାରେ ୩ ଜଣଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା । ପରେ ସେମାନଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯିବ ବୋଲି ସୂଚନା ମିଳିଛି । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ତିନିଜଣ ଅଭିଯୁକ୍ତ ଜାଣିଥିଲେ ଯେ ସେମାନଙ୍କ କାର୍ଯ୍ୟକଳାପ ଲାଗି ଏଭଳି ଦୁର୍ଘଟଣା ଘଟିବ । ଏହା ସତ୍ତ୍ୱେ ବି ସେମାନେ କାହାକୁ ଜଣାଇନଥିଲେ । ଦକ୍ଷିଣପୂର୍ବ ରେଳ ସୁରକ୍ଷା କମିସନର (ସିଆରଏସ୍) ମଧ୍ୟ ତଦନ୍ତ ରିପୋର୍ଟରେ ଏହି କଥା କହିଥିଲେ । ତାଙ୍କ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଟ୍ରାକ୍ ରେ କିଛି ଅସୁବିଧା ନଥିଲା । ସିଗ୍ନାଲ୍ ଓ ଟେଲି ଯୋଗାଯୋଗ ବିଭାଗରେ ସମସ୍ୟା ଥିଲା । ସୂଚନାଯୋଗ୍ୟ ଯେ ଗତ ଜୁନ୍ ୨ ତାରିଖରେ ଘଟିଥିବା ଏହି ଦୁର୍ଘଟଣାରେ ୨୯୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦୦୦ରୁ ଅଧିକ ଲୋକ ଆହତ ହୋଇଥିଲେ ।

# ୬ ଜିଲ୍ଲାରେ ନୂଆ ବିଜେଡି ସଭାପତି

## ବାଲେଶ୍ୱରରୁ ମନ୍ତ୍ରୀ ଅଶ୍ୱିନୀ ପାତ୍ର



ଭୁବନେଶ୍ୱର, ୦୭/୦୭ (ନି.ପ୍ର): ୬ ଜିଲ୍ଲାରେ ସଭାପତି ନିଯୁକ୍ତ କରିଛି ବିଜେଡି । ଢେଙ୍କାନାଳ, ବାଲେଶ୍ୱର, କୋରାପୁଟ ,ବରଗଡ, ରାଉରକେଲା ଓ ଝାରସୁଗୁଡା ଜିଲ୍ଲାରେ ସଭାପତିଙ୍କୁ ଦଳର ମୁଖ୍ୟ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି । ଢେଙ୍କାନାଳ ଜିଲ୍ଲାର ବିଜେଡି ସଭାପତି ହୋଇଛନ୍ତି ନୃସିଂହ ଚରଣ ସାହୁ । ସେହିପରି ଦେବୀ ପ୍ରସାଦ ଭୁତିଆଙ୍କୁ ଢେଙ୍କାନାଳ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ଅଶ୍ୱିନୀ କୁମାର ପାତ୍ର ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି । ଝିହ୍ନ ହିକକା କୋରାପୁଟ ଜିଲ୍ଲା ବିଜେଡି ସଭାପତି ହୋଇଥିବାବେଳେ ପ୍ରଶାନ୍ତ ଗୁପ୍ତା କାର୍ଯ୍ୟକାରୀ ସଭାପତି ହୋଇଛନ୍ତି । ସେହିପରି, ପ୍ରଭାସ କୁମାର ସିଂଙ୍କୁ ବରଗଡ ଜିଲ୍ଲା ସଭାପତି ଓ ସୁଶାନ୍ତ ମହାପାତ୍ର (ଜାପାନୀ)ଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ରାଉରକେଲା ସାଂଗଠନିକ ଜିଲ୍ଲା ସଭାପତି ହୋଇଛନ୍ତି ହାଲୁ ମୁଣ୍ଡାରୀ ଓ ଝାରସୁଗୁଡ଼ା ଜିଲ୍ଲା ସଭାପତି ହୋଇଛି ରବି ସିଂ । ନୂଆ ନିଯୁକ୍ତି ନେଇ ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି ।

## ତୃତୀୟ ଦିନରେ ମଧ ଡିଏନ୍ ଗ୍ରୁପ ଉପରେ ଆୟକର ବିଭାଗର ଚଢ଼ଉ ଜାରି




ଭୁବନେଶ୍ୱର, ୦୭/୦୭ (ନି.ପ୍ର): ଟିକସ ଫାଙ୍କିବା ଅଭିଯୋଗରେ ବ୍ୟବସାୟିକ ପ୍ରତିଷ୍ଠାନ ଡିଏନ୍ ଗ୍ରୁପ ଉପରେ ଆୟକର ବିଭାଗର ଚଢାଉ ଲଗାତାର ଜାରୀ ରହିଛି । ବୁଧବାର ଦିନ ପ୍ରଥମେ ଚଢାଉ କରାଯାଇଥିବା ବେଳେ ତୃତୀୟ ଦିନରେ ମଧ ଶୁକ୍ରବାର ଦିନ ଚଢାଉ ଜାରି ରହିଛି । ଆୟକର ବିଭାଗର ଅଧିକାରୀମାନେ ଡିଏନ୍ ଗ୍ରୁପ ସହିତ ଜଡ଼ିତ ବ୍ୟକ୍ତିମାନଙ୍କୁ ପଚରାଉଚରା କରୁଛନ୍ତି । ଡିଏନ୍ ଗ୍ରୁପରର ମାଲିକ ଓ ସହଯୋଗୀଙ୍କ ସମେତ ଅନ୍ୟମାନଙ୍କୁ ପଚରାଉଚରା ଜାରି ରହିଛି । ତୃତୀୟ ଦିନରେ ନୟାପଲି ମୁଖ୍ୟ ଅଫିସ ସମେତ୍ ଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି । ତୃତୀୟ ଦିନରେ ଜବତ କାଗଜପତ୍ରକୁ ଛାନଭିନ୍ କରାଯାଉଛି । ସଂସ୍ଥାର କିଛି ଅଧିକାରୀଙ୍କୁ ନେଇ ଅଫିସ ରେ ପଚରାଉଚରା ଚାଲିଛି । ମିଳିଥିବା ସୂଚନା ଅନୁସାରେ ସଂସ୍ଥାର ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମେତ ୨୦ରୁ ଉର୍ଧ ସ୍ଥାନରେ ଚଢ଼ଉ କରାଯାଇଛି । ପ୍ରଥମ ଦିନ ଚଢାଉ ବେଳେ ୟୁନିଟ୍-୪ ପୋଷ୍ଟାଲ କଲୋନିରେ ରହୁଥିବା ସଂସ୍ଥାର କର୍ମଚାରୀ ଚନ୍ଦ୍ରଶେଖର ପଣ୍ଡାଙ୍କ ଘରୁ ନଗଦ ୩୦ କୋଟି ଟଙ୍କା ମିଳିଥିଲା ।

## ୟୁଜିସି ନିଷ୍ପତ୍ତି ବଦଳାଇଲା: ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ପିଏଚ୍‌ଡି ଜରୁରି ନୁହେଁ

ଭୁବନେଶ୍ୱର , ୦୭/୦୭ (ନି.ପ୍ର): ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇଁ ପିଏଚ୍‌ଡି ବାଧ୍ୟତାମୂଳକ ନୁହେଁ । ଏନ୍‌ଇଟି, ଏସ୍‌ଇଟି ଓ ଏସ୍‌ଏଲ୍‌ଇଟି ମାଧ୍ୟମରେ ଜଣେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇପାରିବେ । ତାଙ୍କୁ ସିଧାସଳଖ ଏହି ପଦବି ପାଇଁ ମନୋନୀତ କରାଯାଇପାରିବ । ୟୁଜିସି ଅଧକ୍ଷ ଏମ ଜଗଦୀଶ କୁମାର କହିଛନ୍ତି ଯେ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ବେଳେ ପିଏଚ୍‌ଡି ଡିଗ୍ରି ପୂର୍ବଭଳି କେବଳ ବିକଳ୍ପ ହୋଇ ରହିବ । ଇଟି, ଏସ୍‌ଇଟି ଓ ଏସ୍‌ଏଲ୍‌ଇଟିକୁ ହିଁ ଏହି ପଦ ଲାଗି ସର୍ବନିମ୍ନ ଯୋଗ୍ୟତା ଭାବେ ବିବେଚନା କରାଯିବ । ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଏପରି ଯୋଗ୍ୟତା ରଖିଥିବା ଆଶାୟୀଙ୍କୁ ସିଧାସଳଖ ନିଯୁକ୍ତି ଦେଇପାରିବେ । ସୂଚନା ଅନୁଯାୟୀ ୨୦୧୮ରେ ୟୁଜିସି ପକ୍ଷରୁ ବିଶ୍ୱବିଦ୍ୟାଳୟ ଓ କଲେଜରେ ନିଯୁକ୍ତି ପାଇଁ ନୂଆ ନିୟମ ଜାରି କରାଯାଇଥିଲା ।

▶▶ପୃଷ୍ଠା ୭

## ଆଇପିଏସ ସ୍ତରରେ ଅଦଳବଦଳ: ବଦଳିଲେ ନୟାଗଡ଼ ଓ କଟକ ଏସପି

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ରାଜ୍ୟ ସରକାର ଆଜି ଆଇପିଏସ ସ୍ତରରେ ଅଦଳବଦଳ କରିଛନ୍ତି । ନୟାଗଡ଼ ଓ କଟକରେ ନୂଆ ପୁଲିସ ଏସପିଙ୍କୁ ନିଯୁକ୍ତି ମିଳିଛି । ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୨୦୦୩ ବ୍ୟାଚ୍ ଆଇପିଏସ୍ କେ.ସଫିନ ଅହମ୍ମଦଙ୍କୁ କ୍ରାଇମବ୍ରାଂଚ ଆଇଜି ଭାବେ ବଦଳି ହୋଇଛି । ସଫିନ ଏବେ ଏଚଆରପିସି ଆଇଜି ଅଛନ୍ତି । ସେହିପରି ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଡିଆଇଜି ୨୦୦୭ ବ୍ୟାଚ୍ ଆଇପିଏସ୍ ସାର୍ଥକ ଷଡ଼ଙ୍ଗୀଙ୍କୁ ଅଗ୍ନିଶମ ସେବା ଓ ହୋମଗାର୍ଡ ଡିଆଇଜି ଭାବେ ବଦଳି ହୋଇଛି । ୨୦୦୮ ବ୍ୟାଚ୍ ଆଇପିଏସ୍ ତଥା କମ୍ପ୍ୟୁଟର ଡିଆଇଜି ସତ୍ୟଜିତ୍ ନାଏକଙ୍କୁ

▶▶ପୃଷ୍ଠା ୭

## ଆନନ୍ଦ ଟୋପ୍ପୋ ମୃତ୍ୟୁ ମାମଲାରେ ତଦନ୍ତ କରିବ କ୍ରାଇମବ୍ରାଂଚ

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ବହୁଚର୍ଚ୍ଚିତ ଆନନ୍ଦ ଟୋପ୍ପୋ ମୃତ୍ୟୁ ମାମଲାରେ ତଦନ୍ତ କ୍ରାଇମବ୍ରାଂଚ କରିବ । ହାଇକୋର୍ଟ ଏ ନେଇ ଦାୟର ମାମଲାର ଶୁଣାଣୀ କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ପରେ ବିରେନ୍ଦ୍ର ଲାକ୍ରାଙ୍କ ପାଇଁ ଅଡୁଆ ବଢିଛି । ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାର ସବୁ ଦିଗକୁ ତଦନ୍ତ କରି ନିମ୍ନ ଅଦାଲତରେ ରିପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ତଦନ୍ତ ସମୟରେ ସଂଗ୍ରହ କରାଯାଇଥିବା ସମସ୍ତ କାଗଜପତ୍ର, କେସ ଡାଇରୀ, ନଥିପତ୍ର କ୍ରାଇମବ୍ରାଂଚକୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଆନନ୍ଦ ଟୋପ୍ପୋ ମୃତ୍ୟୁ ମାମଲାରେ ନିରପେକ୍ଷ ଭାବେ ତଦନ୍ତ ହୋଇନଥିବା ଦର୍ଶାଇ ଆବେଦନକାରୀ ବନ୍ଧନା ଟୋପ୍ପୋ ହାଇକୋର୍ଟରେ ଆବେଦନ କରିଥିଲେ । ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣୀ କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବ ଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି ।

# ହାଓ୍ୱଡା-ସିକନ୍ଦରାବାଦ ଫାଲକନୁମା ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ: ଜଳିଗଲା ୩ ବଗି, ଯାତ୍ରୀ ସୁରକ୍ଷିତ



ଯାଦାଦ୍ରୀ, ୦୭/୦୭ (ନି.ପ୍ର): ତେଲେଙ୍ଗାନାରେ ଏକ ଚଳନ୍ତା ଟ୍ରେନର ୩ ପାସେଞ୍ଜର ବଗିରେ ନିଆଁ ଲାଗିଯାଇଛି । ସୋସିଆଲ ମିଡିଆରେ ଯେଉଁ ଛବି ପ୍ରସାରିତ ହେଉଛି ସେଥିରୁ ଟ୍ରେନର ବଗିଗୁଡିକ ହୁତହୁତ ହୋଇ ଜଳୁଥିବା ଦେଖାଯାଇଛି । ୭ ଏପ୍ରିଲ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ହାଓ୍ୱଡାରୁ ସିକନ୍ଦରାବାଦ ଯାଉଥିବା ଫଲକନୁମା ଏକ୍ସପ୍ରେସ୍ ବଗିରେ ଏହି ନିଆଁ ଲାଗିଛି । ଦୁର୍ଘଟଣା ନାଲଗୋଣ୍ଡା ନିକଟରେ ହୋଇଛି । ତେବେ ଏଥିରେ କେହି ହତାହତ ହୋଇନଥିବା ଅଧିକାରୀମାନେ କହିଛନ୍ତି । ନିଆଁ ଲାଗିବା ମାତ୍ରେ ଟ୍ରେନରୁ ଯାତ୍ରୀମାନଙ୍କୁ ଓହ୍ଲାଇ ଦିଆଯାଇଥିଲା । ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟରେ ପହଞ୍ଚାଇବା ପାଇଁ ଅନ୍ୟ ବ୍ୟବସ୍ଥା କରାଯାଉଛି । ରିପୋର୍ଟ ଅନୁସାରେ ପଗିଡିପଲ୍ଲୀ ଓ ବୋମ୍ମଇପଲ୍ଲୀ ଷ୍ଟେସନର ମଧ୍ୟବର୍ତ୍ତି ଅଞ୍ଚଳରେ ଏହି ଅଗ୍ନିକାଣ୍ଡ ହୋଇଛି । ଟ୍ରେନର ଏସ୍-୪, ଏସ୍-୫ ଓ ଏସ୍-୬ ବଗିରେ ନିଆଁ ଲାଗିଛି । ନିଆଁ ଲାଗିଥିବାର ଜଣାପଡିବାମାତ୍ରେ ଟ୍ରେନକୁ ଅଟକାଇ ଦିଆଯାଇଥିଲା ଓ ଯାତ୍ରୀଙ୍କୁ ଓହ୍ଲାଯାଇଥିଲା । ଦମକଳ ଓ ବିପର୍ଯ୍ୟୟ ପ୍ରସମନ ଅଧିକାରୀ ଘଟଣାସ୍ଥଳକୁ ପହଞ୍ଚିଥିବା ବେଳେ

▶▶ପୃଷ୍ଠା ୭

## ରାହୁଲ ନିରାଶ: ହାଇକୋର୍ଟରୁ ମିଳିଲାନି ଆଶ୍ୱସ୍ତି



ନୂଆଦିଲ୍ଲୀ,୭/୦୭ : ମୋଦି ସରନେମ ମାମଲାରେ ତଳ କୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଗୁଜରାଟ ହାଇକୋର୍ଟ ଯାଇଥିବା ରାହୁଲ ଗାନ୍ଧିଙ୍କୁ ପୁଣି ନିରାଶ ହେବାକୁ ପଡ଼ିଛି । ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି ଓ ତଳ କୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି । ଫଳରେ ରାହୁଲ ପାଇଥିବା ୨ ବର୍ଷ ଜେଲଦଣ୍ଡାଦେଶ କାଏମ ରହିଛି । ଆଉ ରାହୁଲଙ୍କ ଲୋକସଭା ସଦସ୍ୟ ପଦ ଫେରି ପାଇବା ଆଶା ମଉଳି ଯାଇଛି । ତେବେ ସେ ସୁପ୍ରିମକୋର୍ଟରେ ଆବେଦନ କରିବେ ବୋଲି ଜଣାପଡ଼ିଛି । ଗୁଜରାଟ ହାଇକୋର୍ଟ ତଳ କୋର୍ଟଙ୍କ ରାୟକୁ କାଏମ ରଖିଥିଲେ ହେଁ ରାହୁଲ ଏବେ ଜେଲ୍ ଯିବେ ନାହିଁ । କାରଣ ତଳ କୋର୍ଟ ପୂର୍ବରୁ ତାଙ୍କୁ ଜାମିନ ମିଳି ସାରିଛି । ଯଦି ଆଜି ଗୁଜରାଟ ହାଇକୋର୍ଟ ରାହୁଲଙ୍କ ସପକ୍ଷରେ ରାୟ ଶୁଣାଇଥା'ନ୍ତେ, ତା'ହେଲେ ରଦ୍ଦ ହୋଇଯାଇଥିବା ଲୋକସଭା ସଦସ୍ୟ ପଦ ସେ ପୁଣି ଫେରି ପାଇଥାଆନ୍ତେ । ଗତ ମେ' ମାସରେ ଗୁଜରାଟ ହାଇକୋର୍ଟ ରାହୁଲ ପାଇଥିବା ୨ ବର୍ଷ ଜେଲ ଦଣ୍ଡାଦେଶ ଉପରେ ଅନ୍ତରୀଣ ରୋକ ଲଗାଇବାକୁ ମନା କରି ଦେଇଥିଲେ । ଗ୍ରୀଷ୍ମ ଅବକାଶ ପରେ ତାଙ୍କ ଆବେଦନ ଉପରେ ରାୟ ଦେବେ ବୋଲି କୋର୍ଟ କହିଥିଲେ । ୨୦୧୯ ସାଧାରଣ ନିର୍ବାଚନ ପ୍ରଚାର ବେଳେ ରାହୁଲ ଗାନ୍ଧି କୋଲାରରେ ଭାଷଣ ଦେଉଥିଲେ । ଏହି ସମୟରେ ସେ କହିଥିଲେ ଯେ କେମିତି ସମସ୍ତ ଚୋରଙ୍କ ସରନେମ ମୋଦି ? ତାଙ୍କର ଏହି ବୟାନକୁ ନେଇ ବିଜେପି ଆଟାକିଂ ମୁଡକୁ ଆସିଥିଲା । ରାହୁଲ ଗାନ୍ଧି ଓବିସିମାନଙ୍କୁ ଅପମାନିତ କରିଥିବା ଦଳ ଅଭିଯୋଗ କରିଥିଲା । ଏଥିସହ ଗୁଜରାଟ ବିଜେପି ନେତା ପୁର୍ଣ୍ଣେଶ ମୋଦି କୋର୍ଟଙ୍କ ଦ୍ୱାରସ୍ଥ ହୋଇ ରାହୁଲ ଗାନ୍ଧିଙ୍କ ନାଁରେ ଅପରାଧିକ ମାନହାନୀ କେସ୍ ? କରିଥିଲେ । ଗତ ମାର୍ଚ୍ଚ ୨୫ ତାରିଖରେ ଗୁଜରାଟର ସୁରଟର ଏକ କୋର୍ଟ ଏହି ମାମଲାରେ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ

▶▶ପୃଷ୍ଠା ୭

## ବିଧାନସଭା ନିର୍ବାଚନ ପ୍ରସ୍ତୁତି: ୯ ନେତାଙ୍କୁ ୪ ରାଜ୍ୟର ଦାୟିତ୍ୱ ଦେଲା ବିଜେପି




ନୂଆଦିଲ୍ଲୀ,୭/୦୭ : ଚଳିତ ବର୍ଷ ଶେଷ ଆଡ଼କୁ ରାଜସ୍ଥାନ, ତେଲେଙ୍ଗାନା, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି ବିଜେପି । ସେଥିପାଇଁ ଦଳ ଆଜି ଏହି ୪ ରାଜ୍ୟ ପାଇଁ ନିର୍ବାଚନ ପ୍ରଭାରୀ ଓ ସହ ପ୍ରଭାରୀ ନିଯୁକ୍ତ କରିଛି । କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ରାଜସ୍ଥାନ ପାଇଁ ନିର୍ବାଚନ ପ୍ରଭାରୀ ନିଯୁକ୍ତ କରାଯାଇଛି । ସେହିଭଳି ଗୁଜରାଟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ନୀତିନ ପଟେଲ ଓ କୁଲଦୀପ ବିଷ୍ଣୋଇଙ୍କୁ ରାଜସ୍ଥାନର ନିର୍ବାଚନ ସହପ୍ରଭାରୀ ନିଯୁକ୍ତ କରାଯାଇଛି । ବରିଷ୍ଠ ନେତା ପ୍ରକାଶ ଜାଭଡ଼େକରଙ୍କୁ ଦଳ ତେଲେଙ୍ଗାନାର ନିର୍ବାଚନ ପ୍ରଭାରୀ ଦାୟିତ୍ୱ ଦେଇଛି । ସେହିଭଳି ସୁନୀଲ ବଂଶଲଙ୍କୁ ତେଲେଙ୍ଗାନାର ନିର୍ବାଚନ ସହପ୍ରଭାରୀ ଦାୟିତ୍ୱ ଦେଇଛି ଦଳ ।

▶▶ପୃଷ୍ଠା ୭

# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ

## କେନ୍ଦ୍ରୀୟ ଅନୁଦାନର ସଫଳ ବିନିଯୋଗ ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ୦୭/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କମିଟି ର ଅଧକ୍ଷ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀଯୁକ୍ତ ବିମଳେନ୍ଦୁ ରାୟ ସ୍ୱାଗତ ଭାଷଣ ସହିତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଓ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ପୂର୍ବକ କେନ୍ଦ୍ରୀୟ ଅନୁଦାନରେ କାର୍ଯ୍ୟକାରୀ ଯୋଜନା ଗୁଡିକର ସଫଳ ରୂପାୟନ କରିବାକୁ ସାଂସଦ ଶ୍ରୀମତୀ ସିଂଦେଓ ଗୁରୁତ୍ୱାରୋପ କରିଥିଲେ । ସାଂସଦ ପାଣ୍ଠି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ତଥା ହାତକୁ ନେବାକୁ ଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଓ କାର୍ଯ୍ୟକାରିତା କୁ ଯଥାଶୀଘ୍ର ସଂପୂର୍ଣ୍ଣ କରିବାକୁ ସାଂସଦ କହିବା ସହ ଗ୍ରାମାଂଚଳର ଚାଷୀଙ୍କୁ ବମ୍ଫୁ ଫେନସିଂ ଉପରେ ପ୍ରୋତ୍ସାହିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଗୁଣାତ୍ମକ ମାନ, ମନରେଗା ଯୋଜନା, ଜଙ୍ଗଲ ବିଭାଗ, ପୂର୍ତ୍ତ ବିଭାଗର କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଆବସ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, କ୍ଷୁଦ୍ର ଜଳସେଚନ, ମେଗା ଲିପ୍ଟ, ଜାତୀୟ ମଙ୍ଗଳ ଯୋଜନା, ସମଗ୍ର ଶିକ୍ଷା ଅଭିଯାନର କାର୍ଯ୍ୟକାରିତାର ସମୀକ୍ଷା କରି ଜିଲ୍ଲାର ବିଭିନ୍ନ ବିପଦପୂର୍ଣ୍ଣ ତଥା ପରିତ୍ୟକ୍ତ ଅବସ୍ଥାରେ ଥିବା ସ୍କୁଲ କୋଠା ଗୁଡିକୁ ଚିହ୍ନଟ ପୂର୍ବକ ତୁରନ୍ତ ମରାମତି ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ସାମାଜିକ ସହାୟତା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକର ଯୋଗ୍ୟତା ଭିତିରେ ସୁବ୍ୟବସ୍ଥିତ ଓ ସଫଳ ବିନିଯୋଗ କରିବା ଉପରେ ସାଂସଦ ଶ୍ରୀମତୀ ସିଂଦେଓ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ । ସେହିପରି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଙ୍କୁ ଜିଲ୍ଲାରେ ପୋଷଣ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ସୁନିର୍ଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୦-୨୧ ବର୍ଷରେ ଅନୁମୋଦିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ର କାର୍ଯ୍ୟକାରିତା ରେ ଅସନ୍ତୋଷ ବ୍ୟକ୍ତ କରିବା ସହ ସାଂସଦ ପାଣ୍ଠିର ବିନିଯୋଗ ପତ୍ର ପ୍ରଦାନକୁ ସୁନିର୍ଶ୍ଚିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ନଦନଦୀ ଘେରରେ ଥିବା ସୁବର୍ଣ୍ଣପୁର ଜିଲ୍ଲାରେ ଜଳସେଚନ ବିଭାଗ, ଜାତୀୟ ଉଦ୍ୟାନ ମିଶନ ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା, ସ୍ୱଚ୍ଛ ଭାରତ ମିଶନ ତଥା ଅନ୍ୟାନ୍ୟ ଯୋଜନା ଉପରେ ସାଂସଦ ସମୀକ୍ଷା କରିଥିଲେ । ବୈଠକରେ ମୁଖ୍ୟ ଉନ୍ନୟନ ତଥା ଇଓ ଜିଲ୍ଲା ପରିଷଦ ନିହାର ରଞ୍ଜନ କହଁର, ଡିଏଫଓ ମଦନଲାଲ ଶର୍ମା, ଯୁଗ୍ମ ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ଚତୁର୍ଭୂଜ ସାହୁ,ଆରଡି ଇଇ ବି. ନାରାୟଣ ରେଡ୍ଡୀ, ଏଜିଏଚ ଦୃଷୀକେଶ ଦାସ, ଡିଇଓ ଲକ୍ଷ୍ମଣ କୁମାର ଭୋଇ, ଡିଏଲଓ ଡିଲେଶ୍ୱର ଖାଖା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଟିପିଓଡବ୍ଲୁଡିଏଲ ନିର୍ବାହୀ ଅଧିକାରୀ ଅଶୋକ ମିଶ୍ର, ଆରଡବ୍ଲ୍ୟୁଏସଏସ ନିର୍ବାହୀ ଯନ୍ତ୍ରୀ, ତେଲ ଜଳସେଚନ ବିଭାଗ ଯନ୍ତ୍ରୀ , ପିଡି ଜଳଛାୟା ପ୍ରକଳ୍ପ , ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, କର୍ମ ନିୟୋଜନ ଅଧିକାରୀ,ନିର୍ବାହୀ ଯନ୍ତ୍ରୀ ବରପାଲି କେନାଲ ଡିଭିଜନ, ବିଏସଏନଏଲ ଅଧିକାରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ଦିଶା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରିଯାନ ଚଳାଚଳ ଯୋଗୁ ବିଦ୍ୟାଳୟ ଛାତ୍ରଛାତ୍ରୀ ପ୍ରଭାବିତ

କୋରେଇ, ୦୭/୦୭ (ନି.ପ୍ର): ବରୁଣ୍ଡାଇ ରାସ୍ତା ପାର୍ଶ୍ୱରେ କରଦା ସ୍କୁଲ ଅବସ୍ଥିତ । ବିଦ୍ୟାଳୟକୁ ଛାତ୍ର/ଛାତ୍ରୀଙ୍କ ଯାତାୟତ ଓ ନିରାପତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାସ୍ତା ପାର୍ଶ୍ୱ ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଛାତ୍ର/ଛାତ୍ରୀ ଅଧ୍ୟୟନ କରନ୍ତି । ବାଲି ଭାରିଯାନ ଚଳାଚଳ ଯୋଗୁ ଛାତ୍ରଛାତ୍ରୀଙ୍କ ଯାତାୟତ ସହିତ ପାଠ ପଢ଼ାରେ ବ୍ୟାହତ ସୃଷ୍ଟି ହେଉଛି । ଫଳରେ ପୁରାତନ ଛାତ୍ର ସଂସଦ ଓ ସ୍ଥାନୀୟ ବାସିନ୍ଦା ଭାରିଯାନ ଚଳାଚଳ ଉପରେ ରୋକ ଲଗାଇବାକୁ ଦାବି କରିଛନ୍ତି । ଏମିତିକି ବିଦ୍ୟାଳୟ ସମୟରେ ଭାରିଯାନ ଚଳଚଳକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ଦାବି କରିଛନ୍ତି । ପ୍ରକାଶଯେ ଷଠିପୁର -ବରୁଣ୍ଡାଇ ପୂର୍ତ୍ତ ବିଭାଗ ରାସ୍ତା କଡରେ କରଦା ସ୍କୁଲ ଅବସ୍ଥିତ । ବିଦ୍ୟାଳୟକୁ ଯାତାୟତ ପାଇଁ ଛାତ୍ର/ଛାତ୍ରୀଙ୍କୁ ରାସ୍ତା ପାର ହେବାକୁ ପଡେ । ବିଦ୍ୟାଳୟନ ନିକଟସ୍ଥ ରାସ୍ତାର ଅପରପାର୍ଶ୍ୱରେ ଥିବା ବାଲିପସି, ବରୁଣାଇପଦା ଆଦି ଗ୍ରାମର ଛାତ୍ର/ଛାତ୍ରୀ ମାନଙ୍କୁ ରାସ୍ତା ପାରହୋଇ ବିଦ୍ୟାଳୟକୁ ଯାତାୟତ କରନ୍ତି । ଉକ୍ତ ରାସ୍ତାରେ ଏବେ ଶହ ଶହ ସଂଖ୍ୟାରେ ବାଲିବୋଝେଇ ଭାରିଯାନ ଯାତାୟତ କରନ୍ତି । ସ୍କୁଲ ନିକଟରେ ଅନେକ ସମୟରେ ବଙ୍କାଣି ଥିବାରୁ ରାସ୍ତାରେ ଗାଡି ଜାମ ହୋଇଯିବା ସହ ସେମାନଙ୍କ ହର୍ଣ୍ଣ ଶବ୍ଦ ଛାତ୍ର/ଛାତ୍ରୀଙ୍କ ଅଧ୍ୟୟନ ବାଧା ସୃଷ୍ଟି କରୁଛି । ଏମିତିକି ଯାତାୟତ ସମୟରେ ଛାତ୍ର/ଛାତ୍ରୀଙ୍କ ନିରାପତା ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବେଦନଶୀଳ ବିଷୟ ପାଲଟିଛି । ବର୍ତମାନ କୋରାଇର ୮ଟି ବାଲିଘାଟରୁ ୭ଟି ବନ୍ଦ ଥିବା ବେଳେ ଗୋଟିଏ ବାଲିଘାଟ ଚାଲିଛି । ଯାହା ଫଳରେ ଭାରିଯାନ ଯାତାୟତ ସଂଖ୍ୟା ଏହି ରାସ୍ତାରେ ବହୁଳ ଭାବେ ଦେଖିବାକୁ ମିଳିଛି । ଗାଡି ଗୁଡିକର ଲମ୍ଵାଲାଇନ ଫଳରେ ଯାତାୟତ ଓ ପାଠ ପଢାରେ ବାଧା ଉପୁଜିଛି । ସେଥି ସକାଶେ ସକାଳୁ ସଂନ୍ଧ୍ୟା ପର୍ଯ୍ୟନ୍ତ ଏହି ରାସ୍ତାରେ ବାଲି ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି । ଛାତ୍ର/ଛାତ୍ରୀଙ୍କ ସୁରକ୍ଷା ଓ ନିରାପତା ତଥା ଭବିଷ୍ୟତକୁ ଦୃଷ୍ଟିରେ ରଖି ଭାରିଯାନ ଚଳାଚଳ ଉପରେ କଟକଣା କରିବାକୁ ପୁରାତନ ଛାତ୍ର ସଂସଦ ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଛି ।

# ବ୍ୟାପୁଛି ଚକ୍ଷୁ ସଂକ୍ରମଣ : ବିଦ୍ୟାଳୟରେ ଉପସ୍ଥାନ କମ

କୋରେଇ, ୦୭/୦୭ (ନି.ପ୍ର): ବର୍ତମାନ ସବୁଠି ଚକ୍ଷୁ ସଙ୍କ୍ରମଣ ରୋଗ ଦେଖାଦେଇଛି । ସର୍ତକତା ଅବଲମ୍ବନ କରି ନିୟମିତ ଔଷଧ ଖାଇଲେ ଏହା ୨ ଦିନ ମଧ୍ୟରେ ଭଲ ହେବ ବୋଲି ବିଶେଷଜ୍ଞ ମାନେ ମତ ଦେଇଛନ୍ତି । ଏହା ପିଲାଙ୍କ ଠାରୁ ଆରମ୍ଭ କରି ବହୁ ବ୍ୟକ୍ତି ଏହାର ଶିକାର ହେବା ଦେଖିବାକୁ ମିଳିଛି । ବିଶେଷ କରି ବହୁଳ ଭାବେ ବିଦ୍ୟାଳୟ ଛାତ୍ର/ଛାତ୍ରୀ ପ୍ରଭାବିତ ହୋଇଛନ୍ତି । ଏମିତିକି ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ଓ ରୋଷେଇଆ ବି ବାଦ ପଡିନଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟ ଗୁଡିକରେ ଏହାକୁ ଦେଖି ଯେଉଁ ମାନେ ଆକ୍ରାନ୍ତ ହୋଇଛନ୍ତି ସେମାନଙ୍କୁ ବିଦ୍ୟାଳୟ ବାରଣ କରାଯାଇଛି । ଖରାରେ ସେମାନେ ବିଦ୍ୟାଳୟ ଆସିଲେ ଅଧିକ ସଙ୍କ୍ରମିତ ହେବା ସହ ଅନ୍ୟମାନେ ଏହାର ଶିକାର ହେବାର ସମ୍ଭାବନା ଉପୁଜିଛି । ଫଳରେ ବିଦ୍ୟାଳୟ ମାନଙ୍କରେ ଉପସ୍ଥାନ ଅଧାରୁ ତଳକୁ ଖସିଆସିଛି । ଅସାବଧାନତା ହେତୁ ଅନେକ ବହୁ ଦିନ ପର୍ଯ୍ୟନ୍ତ ଚକ୍ଷୁରୋଗରେ ସଙ୍କ୍ରମିତ ହେବା ଦେଖାଦେଇଛି । ଏହାକୁ ନେଇ ସାଧାରଣରେ ଭୟ ସଂଚାର ହୋଇଛି । ବିଦ୍ୟାଳୟ ମାନଙ୍କରେ ଚକ୍ଷୁ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ଦେଖାଦେଇଛି । ଏଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ରାଷ୍ଟ୍ରୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗଙ୍କ ମାଲକାନଗିରି ଗସ୍ତ

ମାଲକାନଗିରି, ୦୭/୦୭ (ନି.ପ୍ର): ରାଷ୍ଟ୍ରୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ ( ଏନସିପିସିଆର)ଙ୍କ ଏକ ଦଳ ମାଲକାନଗିରି ଗସ୍ତ କରିଛନ୍ତି । ଏନସିପିସିଆର ରେଜିଷ୍ଟ୍ରାର ଶ୍ରୀମତୀ ଅନୁ ଚୌଧୁରୀ ଆଜି ମାଲକାନଗିରି ସଦରର ଶିଶୁଙ୍କ ସହ ସଂଶ୍ଳିଷ୍ଟ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଶ୍ରୀମତୀ ଚୌଧୁରୀ ଆଦର୍ଶ ପୋଲିସ ଷ୍ଟେସନରେ ଶିଶୁଙ୍କ ନିମନ୍ତେ ସୁହାଇଲା ଭଳି ପରିବେଶ ଥିବାରୁ ପରିଦର୍ଶନରେ ନିଜର ଖୁସି ବ୍ୟକ୍ତ କରିଛନ୍ତି । ଏଠାରେ ସେ ମହିଳା ଓ ଶିଶୁ ଡେସ୍କ ବୁଲି ଦେଖିଥିଲେ ଏବଂ ପୋଲିସ୍ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନାରୁ ୨୦୨୩ରେ ୫୩ ଗୋଟି କେସ ପଞ୍ଜିକରଣ ହୋଇଥିବା ଜାଣିବାକୁ ପାଇଥିଲେ । ସମସ୍ତ କେସ୍ ଗୁଡିକୁ ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ଉପସ୍ଥାପନ କରାଯିବ ବୋଲି ମଧ ସେ ସୂଚନା ଦେଇଛନ୍ତି । ସେହିପରି ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ଶିଶୁ ୱାର୍ଡ ବୁଲି ଦେଖିଛନ୍ତି । ପେଡିଆଟ୍ରିକ୍ ଇଂଟେନ୍ସିଭ୍ କେୟାର ୟୁନିଟକୁ ଶୀଘ୍ର ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ ୟୁନିଟ୍ରେ ଖାଲି ପଡ଼ିଥିବା ଶିଶୁ ବିଶେଷଜ୍ଞ ପଦବୀ ପୂରଣ ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଏହି ଦଳ ବି ବି ଗୁଡା ଓ ଏମଭି -୪୩ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଶିଶୁଙ୍କ ସୁବିଧା ନିମନ୍ତେ ଆବଶ୍ୟକୀୟ ସମସ୍ତ ସାଧନ ଉପଲବ୍ଧ କରାଇବା ପାଇଁ ଗୁରୁତ୍ୱାରୋପ କରିଥିଲେ । ସେହିପରି ବୁଟିଗୁଡ଼ା ମାଧ୍ୟମିକ ଇଂରାଜୀ ବିଦ୍ୟାଳୟ ପରିଦର୍ଶନ ଅବସରରେ ଶିଶୁଙ୍କ ନିମନ୍ତେ ଆବଶ୍ୟକୀୟ ଭିତିଭୂମି ଉପଲବ୍ଧ କରାଇବା ପାଇଁ ମଧ ଗୁରୁତ୍ୱାରୋପ କରିଛନ୍ତି । ସିସିଆଇ ପରିବର୍ତନ ଶିଶୁ ଗୃହ ରେ ଶିଶୁ ଉପଯୋଗୀ ପରିବେଶ ପ୍ରତି ଧ୍ୟାନ ଦେବାକୁ କୁହାଯାଇଛି ଯେଉଁଠାରେ ୪୪ ବାଳିକା ଏବଂ ୧୯ ଜଣ ବାଳକ ରହୁଛନ୍ତି । ଅପରାହ୍ନରେ ଶ୍ରୀମତୀ ଚୌଧୁରୀ ଜିଲ୍ଲା ପ୍ରଶାସନ ସହ ଏକ ବୈଠକ କରିଥିଲେ । ସୂଚନା ଥାଉ କି ଖଇରପୁଟଠାରେ ୭ ଜୁଲାଇରେ ଏହି ବେଂଚର ଏକ କ୍ୟାମ୍ପ ଆୟୋଜନ ହେଉଛି । ଯେଉଁଠାରେ ଶିଶୁଙ୍କ ସହ ଜଡ଼ିତ ସମସ୍ତ ଅଭିଯୋଗ ର ଶୁଣାଣି ହେବ । ତେଣୁ ଏଥି ନିମନ୍ତେ ଜିଲ୍ଲା ର ସମସ୍ତ ବିଭାଗ କିଭଳି ପ୍ରସ୍ତୁତି କରିଛନ୍ତି ସେଥି ନିମନ୍ତେ ସମୀକ୍ଷା କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ, ଓଏସସିପିସିଆର ସଚିବ, ପ୍ରଭାତ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ନାରାୟଣ ଦାସ, ଏନ ସି ପି ସି ଆର ଆଇନ ସହାୟକ, ଶିଭମ୍ ରାୟ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

# ୪ଦିନିଆ ପ୍ରଧାନଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୦୭/୦୭ (ନି.ପ୍ର): ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ୪ ଦିନ ବ୍ୟାପୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କର 'ସଂପୃକ୍ତି' ତାଲିମ ଶିବିରକୁ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ଡଃ ବ୍ରହ୍ମା ଗୁରୁମନ୍ତ୍ର ପ୍ରଦାନ କରି କହିଲେ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରାଇମେରୀ ଗ୍ରେଡ୍ ପିଲାମାନଙ୍କୁ ଆକୃଷ୍ଟ କରିବା ଲାଗି ଏଫ୍‌ଏଲନ ରୁମ୍ ପ୍ରତିଷ୍ଠା, ସ୍କିମ୍ ଲେସନ୍ ପ୍ଲାନ୍, ଲେସନ୍ ନୋଟ୍, ତିନି ମାସିଆ ଯୋଜନା ପ୍ରସ୍ତୁତି, ଗୁଣାତ୍ମକ ଶିକ୍ଷା ପ୍ରଦାନ ଇତ୍ୟାଦି ସମ୍ପର୍କରେ ଅଭିମନ୍ତ୍ରିତ କରିବା ସମାଜ ପ୍ରତି ପିଲାମାନଙ୍କ ପ୍ରତି ଧ୍ୟାନ ପ୍ରଦାନ କରି ସମସ୍ତଙ୍କୁ ସାଙ୍ଗରେ ନେଇ ବିଦ୍ୟାଳୟକୁ ସରସ ସୁନ୍ଦର କରିବା ନିମନ୍ତେ ପ୍ରତ୍ୟେକ ଶିବିରାର୍ଥୀ ଶପଥବଦ୍ଧ ହୋଇଥିଲେ । ଯେଉଁ ବିଦ୍ୟାଳୟ ଭଲ ପ୍ରଦର୍ଶନ କରିବ ସେଥିଲାଗି ଛାତ୍ରଛାତ୍ରୀ, ଏସ୍‌ଏମ୍‌ସି, ଶିକ୍ଷକ/ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ପୁରସ୍କାର ପ୍ରଦାନ ନିମନ୍ତେ ଚଳିତ ବର୍ଷ ରାଜ୍ୟ ସରକାର ୪ଶହ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ଡଃ ବ୍ରହ୍ମା ଘୋଷଣା କରିଥିଲେ । ଏହି ଅବସରରେ ଜିଲ୍ଲା ଡିଆଇଟିର ପ୍ରଶିକ୍ଷକ ରାଜକିଶୋର ନାୟକ, କଳ୍ପନା ସହୁ, ଲୋପାମୁଦ୍ରା ପଣ୍ଡା, ଅସୀମା ସାହୁ, ଶ୍ରଦ୍ଧାଞ୍ଜଳୀ ମାହୁନ୍ତ, ସୁନିତା ବେହେରା, ମଧୁସ୍ମିତା ବେହେରା, ଆର.ପି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶୁଭାଂଶୁ କୁମାର ଦାସ, ଶିକ୍ଷାବିତ ନରହରି ସୂତାର, ରଞ୍ଜନ ଦାସ, ଆ ର୍ଚରଣ ନାୟକ, ମହମ୍ମଦ ଅଜଗର ଅଲ୍ଲୀ, ଅଚ୍ୟୁତା ନନ୍ଦ ସାମଲ, ଅଶ୍ୱିନୀ ରାଉତ, ଅନିଲ ନନ୍ଦ ୨ଶହ ପ୍ରଧାନ ଶିକ୍ଷକମାନଙ୍କୁ ୪ଟି କ୍ୟାଡର ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ପ୍ରଦାନ କରି ସେମାନଙ୍କର ଦକ୍ଷତା ବିକାଶ କରାଯାଇଥିଲା । କେନ୍ଦ୍ରାପଡାକୁ ଶିକ୍ଷାର ୧ନଂ କରିବାକୁ ଡଃ ବ୍ରହ୍ମା ପରାମର୍ଶ ଦେଇଥିଲେ । କେନ୍ଦ୍ରାପଡା ଓ ସାରାରାଜ୍ୟରେ ଶିକ୍ଷାର ବିକାଶ ନିମନ୍ତେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାର ଅଧ୍ୟକ୍ଷ ଡଃ ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମାଙ୍କ ନେତୃତ୍ୱରେ ଉଲ୍ଲେଖନୀୟ ପଦକ୍ଷେପ ନିମନ୍ତେ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦି ସମ୍ବର୍ଦ୍ଧିତ କରିଥିବାରୁ ତାଙ୍କୁ ଶିବିରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ଫୁଲକଁଳେଇ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଚମ୍ପୁଆ, ୦୭/୦୭ (ନି.ପ୍ର): ଚମ୍ପୁଆ ବ୍ଲକ ଜଜପଶି ପଂଚାୟତ ଅନ୍ତର୍ଗତ ଫୁଲକଁଅଲେଇ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ ୭୪ ତମ ବନ ମହୋତ୍ସବ ମହାସମାରୋହ ରେ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବ ସଚେତନତା ସଭାରେ ପ୍ରଧାନ ଶିକ୍ଷକ ଜୀବନ କୁମାର ମହାନ୍ତ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ରେଞ୍ଜର ଏସିଏଫ ଅକ୍ଷୟ ଛତ୍ରୀୟା, ସମ୍ମାନିତ ଅତିଥି ଭାବେ ଉଖୁଣ୍ଡା ଫରେଷ୍ଟର ପ୍ରମୋଦ ବେହେରା, ଶିକ୍ଷକ ଭାସ୍କର ଚନ୍ଦ୍ର ମହାନ୍ତ, ବନରକ୍ଷୀ ସାଗରୀକା ବେଜ, ଜ୍ୟୋତି ରୂପା ପାଣି ପ୍ରମୁଖ ଯୋଗ ଦେଇ ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ, ମାହାତ୍ମ୍ୟ ସମ୍ପର୍କରେ ଅବଗତ କରି ଦୃତଗତିରେ ଜଙ୍ଗଲ କ୍ଷୟ ହେଉଥିବାରୁ ତାପମାତ୍ରା ବୃଦ୍ଧି ପାଉଛି । ପରିବେଶ ପ୍ରତି ସଜାଗ ରହି ଜଙ୍ଗଲ ନିଆଁକୁ ରୋକିବା ସହିତ ସମସ୍ତେ ଗଛ ଟିଏ ଲଗାଇ ବଂଚାଇବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥି ମାନଙ୍କ ସହିତ ଛାତ୍ର ଛତ୍ରୀ ମାନେ ବୃକ୍ଷ ରୋପଣ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଦୀନେଶ କୁମାର ଲେଙ୍କା ସଂଯୋଜନା କରିଥିବା ବେଳେ ବନ ସୁରକ୍ଷା ସମିତିର ଡିଓ ତନୁରାମ ମହାନ୍ତ, ଶିକ୍ଷକ ଯଶୋବନ୍ତ ପାତ୍ର, ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତ, ମଞ୍ଜୁଶ୍ରୀ ସାହୁ, ତୃପ୍ତି ତପସ୍ୱିନୀ ମହାନ୍ତ, ପିଅନ ବୈଶାଖୁ ନାଏକ, କିରାଣୀ ସରୋଜ କୁମାର ମହାନ୍ତ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

# ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାନବିସ ସମ୍ପନ୍ନ

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାର ଏବଂ ସୂଚନା ବିଜ୍ଞାନ ବିଭାଗର ୭ ଜଣ ସ୍ନାତକୋତର ଛାତ୍ରଛାତ୍ରୀ ଶିକ୍ଷାନବିସ ଭାବେ ଯୋଗଦେଇ ସେମାନଙ୍କ ବୈଷୟିକ ପ୍ରଶିକ୍ଷଣ ସମ୍ପର୍ଣ୍ଣ କରିଛନ୍ତି । ସ୍ନାତକୋତର ପାଠ୍ୟକ୍ରମର ଅଂଶବିଶେଷ ଭାବେ ଏକ ମାସ ଧରି ଉକ୍ତ ଛାତ୍ରଛାତ୍ରୀମାନେ ଶିକ୍ଷାନବିସ ଭାବେ ଯୋଗ ଦେଇଥିଲେ । ଉକ୍ତ ସମୟ ମଧ୍ୟରେ ସେମାନଙ୍କୁ ପୁସ୍ତକ ପଞ୍ଜିକରଣ, ଗ୍ରନ୍ଥାଗାର ପରିଚାଳନା, ଇ-ଗ୍ରନ୍ଥାଗାର, ଡାଟା ଏଂଟ୍ରି, ଅଟୋମେସନ, ଆକ୍ସେସିଙ୍ଗ୍, କାଟାଲଗିଙ୍ଗ୍, ଡିଜିଟାଇଜେସନ ଆଦି ପ୍ରକ୍ରିୟା ଉପରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହାଦ୍ୱାରା ସେମାନଙ୍କ ଦକ୍ଷତା ବୃଦ୍ଧି ପାଇବା ସହ କର୍ମକ୍ଷେତ୍ରରେ ଏହି ପ୍ରଶିକ୍ଷଣ ସହାୟକ ହେବ ବୋଲି ଛାତ୍ରଛାତ୍ରୀମାନେ ମତବ୍ୟକ୍ତ କରିଥିଲେ । ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ଅଧିକାରୀ ଓ କର୍ମଚାରୀ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଗତମାସରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ମଧ ଶିକ୍ଷାନବିସ ଭାବେ ସେମାନଙ୍କ ପ୍ରଶିକ୍ଷଣ ଶେଷ କରିଥିଲେ । ଏହି ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ରୁଦ୍ରପ୍ରସାଦ ବେହେରା, ସଂଘମିତ୍ରା ସାହୁ, ପଦ୍ମନାଭ ଜେନା, ବିଦ୍ୟାଧର ପଣ୍ଡା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ ସହ ସମସ୍ତ ସହଯୋଗ କରିଥିଲେ ।

# ସ୍ୱତନ୍ତ୍ର ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସ ରୌପ୍ୟ ବିଜେତାଙ୍କୁ ପ୍ରଶାସନର ସମ୍ବର୍ଦ୍ଧନା

ବଲାଙ୍ଗିର, ୦୭/୦୭ (ନି.ପ୍ର): ଜର୍ମାନୀର ବର୍ଲିନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସ ୨୦୨୩ରେ ଭାଗ ନେଇ ସଟପୁଟରେ ରୌପ୍ୟ ପଦକ ହାସଲ କରିଥିବା ବୈଷ୍ଣବ ରାଜପଲିଆଙ୍କୁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ସମ୍ବର୍ଦ୍ଧିତ କରିଛି । ଜୁନ୧୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ମହାକୁମ୍ଭରେ ଶ୍ରୀ ରାଜପଲିଆ ୪,୪୦୦ ମିଟର ରିଲେ ଦୌଡ ଏବଂ ଜାଭେଲିନରେ ମଧ ଚତୁର୍ଥ ସ୍ଥାନ ହାସଲ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଂଚଲ ରାଣା ନିଜ ଅଫିସରେ କୋଚଙ୍କ ସମେତ ୩ ଜଣଙ୍କୁ ସମର୍ଦ୍ଧିତ କରିଛନ୍ତି ।

# ପ୍ରକଳ୍ପ ସ୍ତରୀୟ ଶିଶୁ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ

ଜୟପୁର, ୦୭/୦୭ (ନି.ପ୍ର): ପ୍ରକଳ୍ପ ସ୍ତରୀୟ ଶିଶୁ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଛି । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଜୟପୁର ତରଫରୁ ସଭା ଅନୁଷ୍ଠିତ ହୋଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ଓଡିଶା ସରକାରଙ୍କ ନିଦ୍ଦେଷ କ୍ରମେ ଅନୁଷ୍ଠିତ କାଯ୍ୟକ୍ରମରେ ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ବିଡିଓ ରାଜୀବ ଦାସ, ସିଡିପିଓ ସୁଚିତା ପଣ୍ଡା, ସୁପରଭାଇଜର ଓ ସରପଂଚ ପ୍ରମୁଖ ଉପସ୍ଥିତ ଥିଲେ । ବାଲ୍ୟ ବିବାହକୁ ବନ୍ଦ କରିବା ଲାଗି ମିଳିତ ଭାବେ କଣ କରିବା ଆବଷ୍ୟକା ବାହା ଘରର ତଥ୍ୟ କିପରି ପାଇ ପାରିବା ତା ଉପରେ ଲୋକଙ୍କ ସଚେତନ କରାଇବା, ବାଲ୍ୟ ବିବାହ ନକରିବାକୁ ଗ୍ରାମ ସଭାରେ ନିଷ୍ପତି ନେବା, ଅନୁସୁଚିତ ଜାତି ଓ ଜନ ଜାତି ମାନଙ୍କ ମଧ୍ୟରେ ବାଲ୍ୟ ବିବାହର କୁପରିଣତି ଓ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବା ଆବଷ୍ୟକ । ଯେଉଁ ପୁଅ ଓ ଝିଅ ବାଲ୍ୟ ବିବାହକୁ ମନା କରି ବାହା ହୋଇ ନାହାଁନ୍ତି ସେ ମାନଙ୍କୁ ଏକାଠି କରି ସମାଜରେ ସଚେତନତା ଆଣିବା ଦରକାର । ବିଭିନ୍ନ ବିଭାଗ ମାନେ ଗ୍ରାମ ସ୍ତରରେ ତାଲିମ ଓ ଅନ୍ୟାନ୍ୟ ସଚେତନତା କାଯ୍ୟକ୍ରମ ଭିତରେ ନିଜର କାଯ୍ୟକ୍ରମରେ ବାଲ୍ୟ ବିବାହକୁ ନିଜ ଆଲୋଚନା ବିଷୟ ଭାବେ ସ୍ଥାନିତ କରିବା ଆବଶ୍ୟକା ଯେଉଁ ସ୍ୱେଚ୍ଛାସେବି ଅନୁଷ୍ଠାନ ମାନେ ଜିଲାରେ କାମ କରୁଛନ୍ତି ସେ ମାନଙ୍କ ଦ୍ୱାରା ଗାଁ ଗାଁରେ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ଆବଷ୍ୟକତା ରହିଛି । ଅଧାରେ ପାଠ ଛାଡିଥିବା ପୁଅ ଝିଅ ମାନଙ୍କ ପାଇ ସରକାରି ଯୋଜନା ଅନ୍ତଭୁକ୍ତ ବୈଷୟିକ ତାଲିମ ଶିକ୍ଷାର ସୁବିଧା କରାଇବା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବାଲ୍ୟ ବିବାହ କୁ ନେଇ ସଚେତନତ ସୃଷ୍ଟି କରିବା, ବାଲ୍ୟ ବିବାହ ଆଇନକୁ ସଠିକ ଭାବେ କାଯ୍ୟକାରି କରାଇବା ଆଦି ଉପରେ ସଚେତନ କରାଯାଇଥିଲା ।

# ଦିଶା ହମିଓପାଥି କ୍ଲିନିକ୍ ସହିତ ଔଷଧ ଦୋକାନ ଖୋଲିଲା

ବଲାଙ୍ଗିର, ୦୭/୦୭ (ନି.ପ୍ର): ବଲାଙ୍ଗିର କ୍ଲବ ପଡ଼ା ଦୈନିକ ବଜାର ଶେଷ ମୁଣ୍ଡରେ ଦିଶା ହାମିଓ କ୍ଲିନିକ୍ ସହିତ ଔଷଧ ଦୋକାନ ଗତକାଲି ସନ୍ଧ୍ୟା ରେ ଖୋଲିଲା । ଆଗରୁ ଥିବା ଔଷଧ ଦୋକାନ ଗୁଡ଼ିକ ଥିଲେ ମଧ ଏହି ଦୋକାନ ଗୁଡିକରେ କୌଣସି ଡିଗ୍ରୀ ପ୍ରାପ୍ତ ଡାକ୍ତର ନଥିଲେ । ଏହି କ୍ଲିନିକ୍ ରେ ସୁବର୍ଣ୍ଣପୁର ଖାରି ହମିଓ ଡିସପେନସାରି ରେ ନିଯୁକ୍ତି ପାଇଥିବା ଡ଼ାକ୍ତର ଦୀପିକା କର ଏହି କ୍ଲିନିକ ରେ ରୋଗୀ ପରାମର୍ଶ ସହିତ ଔଷଧ ଲେଖିବା କମ କରିବା ଯୋଗୁଁ ହୋମିଓ ପାଥିରେ ବିଶ୍ୱାସ ରଖୁଥିବା ଲୋକେ ସୁବିଧା ନେଇପାରିବେ ।

# ଦରଦାମ୍ ବୃଦ୍ଧି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କିଷାନ କଂଗ୍ରେସ

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ବଜାର ଦର ନିୟନ୍ତ୍ରଣ କରିବାରେ ସରକାର ବିଫଳ । ରାଜ୍ୟ ବିଜେଡ଼ି ସରକାରର ଚରମ ଅବହେଳାରୁ ଖରା ଓ ବର୍ଷା ସହଣୀ ବିହନ ଅଭାବ, ବିପଣନ, ମଣ୍ଡି ବ୍ୟବସ୍ଥା ଓ ଆବଶ୍ୟକ ଶୀତଳଭଣ୍ଡାର ନ ଥିବା ଯୋଗୁଁ ବର୍ଷତମାମ ଓଡ଼ିଶା ବଜାରକୁ ପରିବା ଆସି ପାରୁନାହିଁ । ଗରୀବ, ନିମ୍ନ ମଧ୍ୟବିତ୍ ଓ ସାଧାରଣ ଖାଉଟି ପରିବା କିଣିବା କାଠିକର ପାଠ । ଚାଷୀ ଏହାର ଫାଇଦା ନେବା ପରିବର୍ତେ ବାହାର ରାଜ୍ୟର ବ୍ୟବସାୟୀ ଏହାର ମୁନାଫା ଉଠାଉଛନ୍ତି । ତେଣୁ ଏହାର ପ୍ରତିବାଦରେ ଖାଉଟି ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ଗୁରୁବାର ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ କରି ୧୫ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଓଡ଼ିଶା ସରକାର ତୁରନ୍ତ ଏହାର ସମାଧାନ କରିବାକୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି କିଷାନ କଂଗ୍ରେସ । ଉକ୍ତ ସ୍ମାରକପତ୍ରରେ ଦାବୀଗୁଡ଼ିକ ମଧ୍ୟରେ ପନିପରିବା ମିଶନ୍ ଗଠନ, ଅଧିକ ଅମଳକ୍ଷମ ପନିପରିବାକୁ ଫସଲବୀମାରେ ଅନ୍ତର୍ଭୁକ୍ତ, ପ୍ରତି ବ୍ଲକସ୍ତରରେ ଶୀତଳଭଣ୍ଡାର ସ୍ଥାପନ, କୁଲିଂ ଚାମ୍ବର ଏବଂ ସୋଲାର ବ୍ୟବସ୍ଥା, ଅଂଚଳଭିତିରେ ପନିପରିବା ଉତ୍ପାଦନ ଗୋଷ୍ଠୀ ଗଠନ ଓ କ୍ଲଷ୍ଟର ଭିତ୍ତିକ ପନିପରିବା ଚାଷ ପାଇଁ ପ୍ରୋତ୍ସାହନ, ଓମଫେଡ଼ ଭଳି ପନିପରିବା ଉତ୍ପାଦନ ଓ ସୁବିପଣନ ପାଇଁ ଭେଜଫେଡ଼ ପ୍ରତିଷ୍ଠା, ଉନ୍ନତମାନର ବିହନ ଓ ଚାରା ଚାଷୀଙ୍କୁ ରିହାତି ମୂଲ୍ୟରେ ଯୋଗାଣ, ବିଭିନ୍ନ ପନିପରିବାର ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରସ୍ତୁତିକରଣ ପାଇଁ ବ୍ୟବସ୍ଥା, ପନିପରିବା ଚାଷ ଓ ସଂରକ୍ଷଣ ପାଇଁ ବ୍ୟବହୃତ ବିଜୁଳି ଚାଷୀଙ୍କୁ ମାଗଣାରେ ଯୋଗାଣ, ଅଧିକ ଅମଳକ୍ଷମ ପରିବାକୁ ଅତ୍ୟାବଶ୍ୟକ ସାମଗ୍ରୀର ଅନ୍ତର୍ଭୁକ୍ତ, ଉନ୍ନତ ପନିପରିବା ଚାଷ ପାଇଁ ବିହନ ଓ ଚାରା ଉତ୍ପାଦନ ପାଇଁ ପ୍ରତି ଗ୍ରାମ ପଞ୍ଚାୟତସ୍ତରରେ ନର୍ସରୀ ପ୍ରତିଷ୍ଠା, ବନ୍ୟଜନ୍ତୁଙ୍କ ଦାଉରୁ ଫସଲ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ପନିପରିବା ଉତ୍ପାଦନ, ସଂରକ୍ଷଣ, ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ସମ୍ପର୍କରେ ଚାଷୀଙ୍କୁ ଉପଯୁକ୍ତ ବୈଷୟିକ ତାଲିମ ପ୍ରଦାନ,ପ୍ରଭୃତି ଦାବୀ କରାଯାଇଛି । ଯଦି ସରକାର ଏହି ଦାବୀଗୁଡ଼ିକର ଆଶୁ ସମାଧାନ ନ କରନ୍ତି, ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ଜାରି ରହିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ କିଷାନ କଂଗ୍ରେସ ନେତା ବୃନ୍ଦାବନ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ପରକୀୟା ପ୍ରୀତିର କରୁଣ ପରିଣତି : ସ୍ୱାମୀ, ସ୍ତ୍ରୀ ହଣାକଟା : ଡାକ୍ତରଖାନାରେ ଭର୍ତି

ଚମ୍ପୁଆ, ୦୭/୦୭ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଘଟିଯାଇଛି ଏକ ଅଭାବନିୟ ଘଟଣା । ସ୍ୱାମୀର ପରକୀୟା ପ୍ରିତି ପାଇଁ ସ୍ୱାମୀ, ସ୍ତ୍ରୀ ମଧ୍ୟରେ କଳହ ଲାଗି ଉଭୟ ଗୁରୁତର ଆହତ ଅବସ୍ଥାରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି ହୋଇଥିବା ବେଳେ ଏ ନେଇ ଉଭୟ ପକ୍ଷରୁ ଚମ୍ପୁଆ ଥାନାରେ ଅଭିଯୋଗ ଦିଆଯାଇଥିବା ଜଣାପଡିଛି ।

ସୂଚନା ଅନୁଯାୟୀ, ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଭୈରବ ମହାନ୍ତଙ୍କ ପରକୀୟା ପ୍ରିତିକୁ ନେଇ ପରିବାରରେ ପ୍ରତିଦିନ ପାଟି ତୁଣ୍ଡ ହେବାସହ ତାଙ୍କ ସ୍ତ୍ରୀ ଖୁଲଣା ସୁନ୍ଦରୀ ମହାନ୍ତଙ୍କ ସହିତ ମତାନ୍ତର ଲାଗି ରହୁଥିଲା । ତେବେ ଗତକାଲି ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇ ଝଗଡା ତୀବ୍ର ରୂପ ଧାରଣ କରିଥିବା ବେଳେ ସ୍ୱାମୀ ଭୈରବ ଏକ ଛୁରୀରେ ସ୍ତ୍ରୀ ଖୁଲଣାଙ୍କ ବେକକୁ ଓ ହାତକୁ କାଟି ଦେଇଥିଲେ । ଅନ୍ୟପଟେ ଭୈରବ ସ୍ତ୍ରୀ ଖୁଲଣାଙ୍କୁ ଆକ୍ରମଣ କରିବା ସମୟରେ ଦୁହିଁଙ୍କ ମଧ୍ୟରେ ଠେଲା ପେଲା ହୋଇ ଭୈରବଙ୍କ ହାତରେ ମଧ ଛୁରୀ ବାଜି କ୍ଷତ ହୋଇଥିଲା । ଫଳରେ ଉଭୟ ପକ୍ଷରୁ ଚମ୍ପୁଆ ଥାନାରେ ଅଭିଯୋଗ ଦେବା ସହ ଦୁହେଁ ସ୍ୱାମୀ, ସ୍ତ୍ରୀ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି ।

# ସୌନ୍ଦର୍ଯ୍ୟ ପୁଦିନା ପତ୍ର

**ପୁଦିନା କେବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ ବରଂ ଏଥିରେ ଭରି ରହିଥିବା ଉପାଦାନ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ବି ବରଦାନ ସଦୃଶ... ପୋଦିନାକୁ ଏକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ ଭାବେ ବହୁ ପୁରୁଣା ଦିନକୁ ବ୍ୟବହାର କରାଯାଇଆସୁଅଛି । ଏଥିରେ ଥିବା ବିଭିନ୍ନ ତତ୍ତ୍ୱ ତ୍ୱଚା ଏବଂ କେଶର ସୁନ୍ଦରତାକୁ ବଢ଼ାଇଥାଏ । ଆସନ୍ତୁ ଜାଣିବା ଏହାର ବ୍ୟବହାର ସମ୍ପର୍କରେ...**





ବ୍ଲାକହେଡ୍ ଦୂର କରିବାରେ ପୁଦିନା ପତ୍ର ବେଶ୍ ଉପକାରୀ । ଯଦି ଆପଣଙ୍କର ଏହି ସମସ୍ୟା ରହିଛି ତେବେ କିଛି ପୁଦିନା ପତ୍ରକୁ ଅଳ୍ପ ପାଣିରେ ଭଲ ଭାବେ ଫୁଟେଇ ଦିଅନ୍ତୁ । ଏହି ପତ୍ରକୁ ଭଲ ଭାବେ ବାଟି ସେଥିରେ ଅଳ୍ପ ହଳଦୀଗଣ୍ଡ ମିଶାଇ ମୁହଁରେ ଲଗାନ୍ତୁ । ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ବ୍ଲାକହେଡ୍ ଥିବା ସ୍ଥାନକୁ ରଗଡ଼ନ୍ତୁ। ଅଳ୍ପ ସମୟ ରଖିବା ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ ।

ପୁଦିନା ପତ୍ରରେ ଆଣ୍ଟିବ୍ୟାକ୍ଟେରିଆଲ ତତ୍ତ୍ୱ ଭରପୂର ମାତ୍ରାରେ ରହିଛି । ତେଣୁ ଏହାର ପେଷ୍ଟକୁ ଫେସ୍ପ୍ୟାକ୍ ଭାବେ ଲଗାଇବା ଦ୍ୱାରା ବ୍ରଣ ଭାବେ ଲଗାଇବା ଦ୍ୱାରାବ୍ରଣ ଏବଂ କଳାଦାଗ ଆଦି ଦୂର ହୋଇଥାଏ।

ପୁଦିନା ପତ୍ରବଟାରେ ହଳଦୀଗୁଣ୍ଡ ଏବଂ ରୋଜୱାଟର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କ ସ୍କିନ୍ ଟୋନ୍ ବଢ଼ିବ ଏବଂ ପୂର୍ବପେକ୍ଷା ଅଧିକ ଗୋରା ଲାଗିବ ।

ରିଙ୍କଲ କିମ୍ବା ଫାଇନ୍ ଲାଇନ୍ ଭଳି ସ୍କିନ୍ ଏଜିଂ ସମସ୍ୟା ଦୂର କରିବାରେ ମଧ୍ୟ ଏହା ବେଶ୍ ସାହାଯ୍ୟ କରିଥାଏ । କିଛି ପୁଦିନା ପତ୍ରକୁ ପାଣିରେ ସିଝାଇ ଦିଅନ୍ତୁ । ପତ୍ରକୁ ଛାଣି ଅଲଗା କରି ଦିଅନ୍ତୁ । ଏହି ପାଣିକୁ ଛାଣି ଅଲଗା କରି ଦିଅନ୍ତୁ । ଏହି ପାଣିକୁ ମୁହଁରେ ଲଗାଇ କିଛି ସମୟ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ । ପ୍ରତିଦିନ ଏପରି କରନ୍ତୁ ଉପକୃତ ହେବେ ।

ମୁହଁ କୁଣ୍ଡାଇ ହେବା କିମ୍ବା ପୋଡ଼ିବା ସମସ୍ୟା କେତେଙ୍କଠାରେ ଦେଖିବାକୁ ମିଳେ। ଏହାକୁ ରୋକିବା ଲାଗି ପୁଦିନା ପତ୍ର ବଟାକୁ କିଛି ସମୟ ମୁହଁରେ ଲଗାଇ ରଖନ୍ତୁ । ସ୍କିନ୍ ଆଲର୍ଜି କିମ୍ବା ବ୍ୟାକ୍ଟେରିଆଲ ଇନ୍‌ଫେକ୍ସନ୍ ଥିଲେ ଶୀଘ୍ର ଦୂର ହୋଇଯିବ।

କେଶ ପାଇଁ ପୁଦିନାପତ୍ର ବହୁ ଉପକାରୀ । ଏହାକୁ ବାଟି ଲଗାଇଲେ କେଶ ଘନ ହୋଇଥାଏ । କେଶ ଝଡ଼ିବା ଦୂର କରିବାରେ ମଧ୍ୟ ପୁଦିନା ଲାଭଦାୟକ। ପୁଦିନା ପତ୍ରକୁ ୨୦ମିନିଟ୍ ପାଣିରେ ସିଝାନ୍ତୁ। ଉକ୍ତ ପାଣିକୁ ଥଣ୍ଡା କରି ବେଶ ମୂଳ ବା ସ୍କାଲ୍ପରୁ ଅଗ ଯାଏ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ । ୧୦ମିନିଟ୍ ରଖିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।

# ଗର୍ଭାବସ୍ଥାରେ ଜଣ୍ଡିସ୍

ରକ୍ତରେ ସିରମ୍ ବିଲରୁବିନ୍ ମାତ୍ରା ଶତକଡ଼ା ୨ମିଲିଗ୍ରାମରୁ ଅଧିକ ହେଲେ ଏହାକୁ ଜଣ୍ଡିସ୍ କୁହାଯାଏ । ଗର୍ଭାବସ୍ଥାରେ ଜଣ୍ଡିସ୍ ଆକ୍ରାନ୍ତ କରିବା ସାଂଘାତିକ । ଭାରତରେ ପ୍ରାୟ ହଜାରକରେ ଜଣଙ୍କୁ ଗର୍ଭାବସ୍ଥାରେ ଜଣ୍ଡିସ୍ ହେଉଥିବା ବେଳେ କେତେକ କ୍ଷେତ୍ରରେ ଏହା ଶିଶୁ ଓ ମାତୃ ମୃତ୍ୟୁର କାରଣ ହୋଇଥାଏ । ଗର୍ଭାବସ୍ଥାରେ ଜଣ୍ଡିସ୍ ହେବାର କାରଣଗୁଡ଼ିକ ହେଲା-ଉଚ୍ଚରକ୍ତଚାପ, ଗୋଡ଼ ଫୁଲି ବାତ ମାରିବା ଅବସ୍ଥା ଗର୍ଭର ଆଦ୍ୟାବସ୍ଥାରେ ବାନ୍ତି ହୋଇ ଅତ୍ୟନ୍ତ ଦୁର୍ବଳ ହେବା ଯୋଗୁ ଗର୍ଭାବସ୍ଥାର ଦ୍ୱିତୀୟାର୍ଦ୍ଧରେ ଯକୃତରେ ପିତ୍ତ ବୃଦ୍ଧି ହୋଇ ଜମାହେବା ଯକୃତରେ ଚର୍ବି ଜମିବା ଇତ୍ୟାଦି । ଭାଇରାଲ ହେପାଟାଇଟିସ୍ ସଂକ୍ରାମକ ରୋଗ । ହେପାଟାଇଟିସ୍ ଏଓ ଇ ଖାଦ୍ୟ- ପାନୀୟ ଦ୍ୱାରା ଏବଂ ବି,ସି ଓ ଡି ଇଞ୍ଜେକସନ୍, ରକ୍ତ ସଞ୍ଚାରଣ ଓ ଶାରୀରିକ ସମ୍ପର୍କ ମାଧ୍ୟମରେ ସଂକ୍ରମିତ ହୋଇଥାଏ । ଗର୍ଭାବସ୍ଥାରେ ଏପରି ଜଣ୍ଡିସ୍ଥାତ ଓ ଶିଶୁ ମୃତ୍ୟୁହାର ବଢ଼ାଏ ।




କେତେକ ମହିଳା ଜଟିଳ ଯକୃତ ରୋଗରେ ଆକ୍ରାନ୍ତ ଥିବା ବେଳେ ଗର୍ଭବତୀ ହୋଇଥାନ୍ତି । ଏହି ରୋଗଗୁଡ଼ିକ ହେଲେ- ସିରୋସିସ୍ ଅଫ୍ ଲିଭର, ବିଲିଆରି ସିରୋସିସ୍, ପିତ୍ତକୋଷରେ ପଥର, ମଦପାନ ଜନିତ ଯକୃତ ପ୍ରଦାହ ଯକୃତ ଶିରା ବନ୍ଦ ହୋଇ ଜଳ ଉଦରି ଏବଂ ଅନ୍ୟାନ୍ୟ ସବୁ ପ୍ରକାର ଜଟିଳ ଯକୃତ ରୋଗ । ଏମାନେ ଗର୍ଭରୋଗ ବିଶେଷଜ୍ଞ ଏବଂ ଯକୃତ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ ପୂର୍ବକ ଜଣ୍ଡିସ୍ ଚିକିତ୍ସା କରିବା ଉଚିତ । ରୋଗୀର ଲକ୍ଷଣ ଆବଶ୍ୟକ ସ୍ଥଳେ ଅଲଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି ଓ ସିଟିସ୍କାନ୍ କରି ରୋଗ ନିରୂପଣ କରାଯାଏ । ଗର୍ଭାବସ୍ଥାରେ ଅଧିକ ଭାଇରାଲ ହେପାଟାଇଟିସ୍ ରୋଗ ହୋଇଥାଏ । ଏହି ଭୂତାଣୁମାନେ ଯକୃତରେ ରହି ବଢିବଢ଼ି ଯକୃତକୁ କ୍ଷତାକ୍ତ କରିଥାନ୍ତି । ହେପାଟାଇଟିସ୍ ଏ ଗର୍ଭାବସ୍ଥାରେ ସାଂଘାତିକ ହୋଇ ଲିଭର ଫେଲୁଅର ହେବାର ଆଶଙ୍କା ଅଧିକ । ଏଥିରୁ ରକ୍ଷା ପାଇବ । ଲାଗି ଟୀକା ବାହାରିଲାଣି । ଏହା ସହ ସୁଷମ ଖାଦ୍ୟ ଖାଇବା ଏବଂ ଶୁଦ୍ଧ ପାଣି ପିଇବା ଦରକାର । ସେହିପରି ହେପାଟାଇଟିସ୍ ବିଓ ଡି ପାଇଁ ମଧ୍ୟ ଟିକା ଥିବା ବେଳେସିଓଇପାଇଁ ପ୍ରତିଧେକ ଏଯାବତ୍ ବାହାରିନାହିଁ ।



ଜଣ୍ଡିସ୍ ସମୟରେ ଗୁଣି ଗାରେଡି, ଝଡ଼ାଫୁଙ୍କା, ପରି ଅନାବଶ୍ୟକ ଚିକିତ୍ସା ମାରାତ୍ମକ ହୋଇପାରେ ।

# ଶୟନ କକ୍ଷରେ ଗଛ ରଖନ୍ତୁ ନାହିଁ

ଘର, କାର୍ଯ୍ୟାଳୟ, ସୋ ରୁମ୍ ଆଦିର ପୂର୍ବ ଦିଗରେ କାଠ ତିଆରି ଉପକରଣ ଯଥା-ଆଲମୀରା, ସୋ ପିସ୍ ଆଦି ରଖିବା ସହିତ ବୃକ୍ଷଲତା ଥିବା ଫଟୋ ଟାଙ୍ଗିଲେ ଲାଭ ମିଳିଥାଏ। ପରିବାରରେ ସୁଖ, ଶାନ୍ତି ଓ ସ୍ୱାସ୍ଥ୍ୟ ପାଇଁ ପରିବାରର ସମସ୍ତ ଲୋକଙ୍କୁ ନେଇ ଉଠାଇଥିବା ଏକ ଫଟୋ କାଠ ଫ୍ରେମରେ ଘରର ପୂର୍ବ ପଟ କାନ୍ଥରେ ଟାଙ୍ଗି ଦିଅନ୍ତୁ । କଇଁଚି, ଛୁରୀ ଆଦିକୁ ଏଭଳି ଭାବେ ରଖନ୍ତୁ ନାହିଁ ଯେପରି ତାହାର ଗୋଳିଆ ଅଂଶ ବାହାରକୁ ବାହାରିଥିବ । ଶୟନ ଗୃହରେ ଗଛ ରଖିବା ଅନୁଚିତ । କିନ୍ତୁ କୌଣସି ବ୍ୟକ୍ତି ଅସୁସ୍ଥ ଥିଲେ ତାଙ୍କ ଘରେ ତାଜା ଫୁଲ ରଖନ୍ତୁ । ରାତି ହେଲେ ଏହି ଫୁଲକୁ ଘରୁ ବ୍ୟବହାରକୁ ନେଇ ଆସନ୍ତୁ । ମାନସିକ ଶାନ୍ତି ପାଇଁ ଚନ୍ଦନରୁ ତିଆରି ଧୂପକାଠି ଜଳାନ୍ତୁ । ଏହା ମାନସିକ ବ୍ୟଗ୍ରତାକୁ କମାଇଥାଏ ।



କାଠ ଓ ଏଥିରେ ତିଆରି ସାମଗ୍ରୀ ଆମ ଜୀବନରେ ଅନେକ ମହତ୍ୱ ରଖିଥାଏ । ଫେଙ୍ଗଶୁଇ ଅନୁଯାୟୀ କାଠ ତିଆରି ଉପକରଣ ବା ସାମଗ୍ରୀ ଘର ବା ଅଫିସର ପୂର୍ବ ଦିଗରେ ରଖିଲେ ଏହି ଦିଗ ଶକ୍ତିଶାଳୀ ହୋଇଥାଏ । ଯଦି ଆପଣ ଆପଣଙ୍କ ଘର ଓ ଦୋକାନରେ ସକାରାତ୍ମକ ଶକ୍ତିର ଉପସ୍ଥିତି ଚାହୁଁଥାନ୍ତି ତାହେଲେ ତଳେ ଦିଆଯାଇଥିବା କାଠ ସାମଗ୍ରୀ ରଖି ଏହି ଶକ୍ତିକୁ ଆଣିପାରିବେ ଓ ବ୍ୟବସାୟ ବାଣିଜ୍ୟରେ ଉନ୍ନତି କରିପାରିବେ ।

ମାଟି ପାତ୍ରରେ ତିନୋଟି ଗଛ ଲଗାଇ ଘର ଭିତରେ ପୂର୍ବ ଦିଗରେ ରଖନ୍ତୁ । ବୋନସାଇ ଓ କାକ୍ଟସ ଲଗାନ୍ତୁ ନାହିଁ । କାରଣ ବୋନସାଇ ପ୍ରଗତିର ବାଧକ ହୋଇଥିବା ବେଳେ କାକ୍ଟସ ହାନିକାରକ ହୋଇଥାଏ ।

## ସର୍ଜରିରେ ବଦଳିବ ଭାଗ୍ୟରେଖା

କଥାରେ କୁହନ୍ତି ଜଣେ ଶିଶୁ ଜନ୍ମ ହେବା ପରେ ତା'ଣ ଭାଗ୍ୟକୁ ସାଥିରେ ନେଇଆସିଥାଏ। ଯାହାକୁ ଜ୍ୟୋତିଷମାନେ ହସ୍ତରେଖା ମାଧ୍ୟମରେ ଜାଣି ଆମକୁ କୁହନ୍ତି। କିନ୍ତୁ ଆମର ଏହି ବିଜ୍ଞାନ ଯୁଗରେ ଏବେ ଭାଗ୍ୟରେଖାକୁ ବଦଳା ଯାଇପାରୁଛି। ଏଭଳି କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ କି ? କଥାଟି ସମ୍ପୂର୍ଣ୍ଣ ସତ। ଭାଗ୍ୟ ବଦଳାଇବା ପାଇଁ ଏଠାରେ କରାଯାଉଛି ପାମ୍ ପ୍ଲାଷ୍ଟିକ ସର୍ଜରୀ। ସମସ୍ୟା ବିବାହର ହେଉ ଅବା ଚାକିରିର, ଭବିଷ୍ୟତ ଜାଣିବା ପାଇଁ ଆମେ ଜ୍ୟୋତିଷ ବିଜ୍ଞାନର ସାହାଯ୍ୟ ନେଇଥାଉ। ଜୀବନରେ କିଛି ଅଘଟଣ ଘଟିଲେ ଭାଗ୍ୟକୁ ବା ହାତରେ ଥିବା ରେଖାକୁ ଦୋଷ ଦେଇଥାଉ। ସେହି ରେଖାକୁ ବଦଳାଇବାକୁ ଚେଷ୍ଟା କରୁଥଛନ୍ତି ଜାପାନ ବାସିନ୍ଦା। ଜାପାନର ଲୋକମାନେ ନିଜର ଧନସମ୍ପତ୍ତି, ସଫଳତା, ଚାକିରି, ବିବାହ ସହିତ ଜଡ଼ିତ ହସ୍ତରେଖାକୁ ଠିକ୍ କରିବା ପାଇଁ ପ୍ଲାଷ୍ଟିକ ସର୍ଜରିର ସାହାଯ୍ୟ ନେଉଛନ୍ତି। ଏଥିପାଇଁ ତାଙ୍କୁ ଏକ ହଜାର ଡଲାର ୬୭,୯୨୯ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ହସ୍ତରେଖା ସବୁ କେଉଁ ସ୍ଥାନରେ ରହିଲେ ଠିକ ସମୟରେ ବିବାହ ହେବ, ଧନ ସମ୍ପତ୍ତି ବୃଦ୍ଧି ହେବ, ପ୍ଲାଷ୍ଟିକ ସର୍ଜରି କରି ରେଖାର ପଥ ପରିବର୍ତ୍ତନ କରିଦେଉଛନ୍ତି। ଏହି ସର୍ଜରି ପାଇଁ ଇଲେକ୍ଟ୍ରିକାଲ ସେଲ୍ସେଲର ସାହାଯ୍ୟ ନିଆଯାଉଛି। ହସ୍ତରେଖା ପରିବର୍ତ୍ତନ ପ୍ରକ୍ରିୟା ପାଇଁ ୧୧୧୦ ରୁ ୧୫ ମିନିଟ୍ ସମୟ ଲାଗୁଛି। ଟୋକିଓର ଶୋନାନ ବ୍ୟୁଟି କ୍ଲିନିକର ଶିଞ୍ଜୁକା ବ୍ରାଞ୍ଚର ପ୍ଲାଷ୍ଟିକ ସର୍ଜରି କରୁଥିବା ତକାକୀ ମାଟସୁକା କୁହନ୍ତି ଏହି ପ୍ଲାଷ୍ଟିକ ସର୍ଜରିରେ ଲେଜରର ବ୍ୟବହାର କରାଯାଉ ନାହିଁ। ଗତ କିଛି ବର୍ଷହେବ ୪୦ରରୁ ଅଧିକ ଲୋକ ପାମ୍ ପ୍ଲାଷ୍ଟିକ ସର୍ଜରି କରିସାରିଲେଣି।

# ପିଲାଙ୍କ ପାଇଁ ମିନି ଲାଇବ୍ରେରୀ

ଦିନକୁ ଦିନକୁ ଦିନ ବିଷୟ ବସ୍ତୁରେ ପରିବର୍ତ୍ତନ, ଜ୍ଞାନକୌଶଳ ଓ ମାନସିକ ତଥା ଶାରୀରିକ ବିଷୟବସ୍ତୁ ଯୋଗୁ ପିଲାଙ୍କ ଉପରେ ବହିର ବୋଝ ବଢ଼ିଚାଲିଛି । ଏହା ସହିତ ଏହି ପୁସ୍ତକ ଓ ଅନ୍ୟାନ୍ୟ ଶୈକ୍ଷିକ ସାମଗ୍ରୀ ରଖିବା ପାଇଁ ଅଧିକ ଷ୍ଟଡ଼ିରୁମ୍, ଆଲମୀରା, ଥାକର ଆବଶ୍ୟକ ପଡ଼ିଥାଏ । ପିଲାଙ୍କର ଏହି ଆବଶ୍ୟକତାକୁ ଅନେକ ଅଭିଭାବକ ଗୁରୁତ୍ୱର ସହିତ ନେଇ ଏସବୁ ଯୋଗାଇ ଦେଇଥାନ୍ତି । ତେବେ ସେମାନଙ୍କ ଷ୍ଟିଡିରୁମ୍କୁ ଗଲଶବେଳେ ଦେଖିବାକୁ ମିଳିଥାଏ ଯେ, ଘରର ବିଭିନ୍ନ ସ୍ଥାନ, ସେଲ୍‌ଫ, ଆଲମୀରାରେ ସେମାନଙ୍କର ଏସବୁ ଜିନିଷ ଛିନ୍ନଛତ୍ର ହୋଇପଡ଼ିଥାଏ । ଫଳ ଏୟା ହୋଇଥାଏ ଯେ, ପ୍ରତିଦିନ ସ୍କୁଲ ଯିବାବେଳକୁ ବହିପତ୍ର ଓ ନୋଟ୍ସ ଖୋଜି ଖୋଜି ପିଲାଟି ନୟାନ୍ତ ହୋଇଯାଏ । ବେଳେବେଳେ ଆବଶ୍ୟକ ବହି ବା ନୋଟ୍ସ ନ ନେଇ ସ୍କୁଲ ଯିବାକୁ ହୋଇଥାଏ । ଏହାର ପ୍ରଭାବ ପଢ଼ା ଉପରେ ପଡ଼େ । କେବେ ଶିକ୍ଷକଙ୍କ ଠାରୁ ତ କେବେ ବାପା ମାଙ୍କ ଠାରୁ ଗାଳି ଶୁଣିବାକୁ ପଡ଼ିଥାଏ ।

ପିଲାମାନଙ୍କୁ ଏଥିରୁ ରକ୍ଷା କରିବା ପାଇଁ ଛୋଟ ଲାଇବ୍ରେରୀଟିଏ ବନାଇଲେ କିପରି ହୁଅନ୍ତା ? ଏହାଦ୍ୱାରା ପିଲାଟି ନିଜ ଜିନିଷକୁ ଠିକ୍ ସ୍ଥାନରେ ରଖିପାରିବ ଓ ଖୋଜିଲା ବେଳେ ପରିଶ୍ରମ କରିବାକୁ ପଡ଼ିବନି । ଏହା ଅନ୍ୟମାନଙ୍କୁ ମଧ୍ୟ ଆନନ୍ଦ ଦେବ ?

ଆପଣଙ୍କର ଯଦି ବହୁତ ଘର ଅଛି ତାହେଲେ ଏଥିପାଇଁ ଏକ ସ୍ୱତନ୍ତର କୋଠାରୀ ନେଇପାରିବେ । ଅନ୍ୟଥା ନିଜ ଷ୍ଟଡ଼ି ରୁମର ଗୋଟିଏ ପାଖକୁ ଏଥିପାଇଁ ବ୍ୟବହାର କରିପାରିବେ । ଏହି ସ୍ଥାନରେ ଆପଣ ସେଲଫ ବା ଖୋଲା ଆଲମୀରା ରଖି କରିପାରିବେ ଆପଣଙ୍କ ମିନି ଲାଇବ୍ରେରୀ ।

ନିଜ ଲାଇବ୍ରେରୀ କରିବା ସମୟରେ ଘରକୁ ପ୍ରଥମେ ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ କରିବ ।

ଆବଶ୍ୟକ ପଡ଼ିଲେ ସେହି ଘରକୁ ନିଜ ପସନ୍ଦର ରଙ୍ଗ ଦେଇପାରିବେ । ସେହି ରଙ୍ଗ ଉପରେ ସଂଖ୍ୟା, ଅକ୍ଷର ଓ ବର୍ଣ୍ଣମାଳା ଭଲ ଭାବେ ଲେଖିନିଅନ୍ତୁ।



**ପିଲାମାନଙ୍କ ପାଠପଢ଼ା ସହିତ ସେମାନଙ୍କ ପାଇଁ ଏକ ମିନି ଲାଇବ୍ରେରୀର ଆବଶ୍ୟକତା ମଧ୍ୟ ରହିଛି । ମିନି ଲାଇବ୍ରେରୀଟିଏ ପିଲାମାନଙ୍କ ସ୍କୁଲ ଓ ଟ୍ୟୁସନରେ ବ୍ୟବହୃତ ସାମଗ୍ରୀ ଇଆଡ଼େ ସିଆଡ଼େ ବିଛାଡ଼ି ହୋଇ ପଡ଼ିବନି ।**

ସାମଗ୍ରୀ ରଖିବା ପୂର୍ବରୁ ସେଲଫରେ ପେପର ବା ଅନ୍ୟ କୌଣସି ମୋଟା ଜିନିଷ ବିଛାଇବାକୁ ଯେପରି ନଭୁଲ ।

॥ କିପରି କରିବେ ପ୍ରସ୍ତୁତି ॥

ବଜାରରୁ ବିଭିନ୍ନ ସାମଗ୍ରୀ ସତ ବର୍ଣ୍ଣମାଳା, ସଂଖ୍ୟା, ଅକ୍ଷର ଚାର୍ଟ କିଣି କରି ନେଇଆସ । ସେସବୁ କାନ୍ଥରେ ନିଜ ପସନ୍ଦର ସ୍ଥାନରେ ଟାଙ୍ଗି ଦିଅ ।

ଯେଉଁ ସେଲଫ୍ ବା ଆଲମୀରାରେ ଯେଉଁ ଜିନିଷ ରଖିବ ବୋଲି ଚିନ୍ତା କରିଛି ତାହାର ଏକ ସୂଚୀ ପ୍ରସ୍ତୁତ କର ।

ମୋଟା କାଗଜରେ ନିଜ ଇଚ୍ଛାରେ ପେନସିଲ ବକ୍ସ ତିଆରି କରି ତା ଉପରେ ରଙ୍ଗୀନ କାଗଜ ଦେଇ ଆକର୍ଷଣୀୟ କରି ସଜାଇ ପାରିବେ ।

ଗିଫ୍ଟରେ ପାଇଥିବା ସାମଗ୍ରୀ ସହିତ ପୁସ୍ତକକୁ ମଧ୍ୟ ରଖ । ଲାଇବ୍ରେରୀରେ ନିଜ ପଢ଼ିବା ପାଇଁ ମେଜ ଓ ଚୌକି ରଖିବା ସହିତ ଆଉ ଏକ ମେଜ ଓ ଚୌକ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଶ୍ୱ ପାଇଁ ବାର୍ତ୍ତା...

ବହୁପକ୍ଷୀୟ ଶିଖର ସମ୍ମିଳନୀଗୁଡ଼ିକର- ତାହା ପଛେ ଭର୍ଚୁଆଲ ବା ଆଭାସୀ ହେଉ ନା କାହିଁକି– ଉପଯୋଗିତା ଉପରେ ସନ୍ଦେହ ପ୍ରକଟ କରାଯିବା ଠିକ୍ ନୁହେଁ । ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱ ଭାଗ ଭାଗ ହୋଇ ଯାଇଥିବାରୁ ବିଭିନ୍ନ ପ୍ରମୁଖ ରାଷ୍ଟ୍ରର ନେତାମାନେ ଏକାଠି ହେବା ଏବଂ ସେମାନଙ୍କ ମନର କଥା ପ୍ରକାଶ କରିବା ନିମନ୍ତେ ଏମିତି ଅନେକଗୁଡ଼ିଏ ମଞ୍ଚର ଆବଶ୍ୟକତା ରହିଛି। ସାଂଘାଇ ସହଯୋଗ ସଂଗଠନ (ଏସ୍‌ଓ)ର ଉପଯୋଗିତା ଉପରେ ଯଥେଷ୍ଟ ପରିମାଣରେ ଗୁରୁତ୍ୱ ଆରୋପ କରାଯାଉଥିଲା, କାରଣ ୟୁରେସିଆର ପ୍ରତିନିଧି କରୁଥିବା ଚୀନ୍-ରୁଷିଆ କୈନ୍ଦ୍ରିକ ଗୋଷ୍ଠୀରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ପାଶ୍ଚାତ୍ୟ ଜଗତ ନାହାନ୍ତି ତଥା ବିଶ୍ୱ ଜନସଂଖ୍ୟାର ୪୦ ପ୍ରତିଶତ ଏହାକୁ ସ୍ୱାଭାବିକ ଆଗ୍ରହ ଅପେକ୍ଷା ଅଧିକ ଆଗ୍ରହର ସହିତ ଦେଖିଥିଲେ । ଗତ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥିବା ଏସ୍‌ସିଓ ରାଷ୍ଟ୍ରମୁଖ୍ୟମାନଙ୍କ ବୈଠକରେ ପ୍ରଥମ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରିଥିଲେ। ସୂଚନାଯୋଗ୍ୟ ଯେ ୨୦୧୭ରେ ଭାରତ ପାକିସ୍ତାନ ସହିତ ଆଞ୍ଚଳିକ ଦେଶମାନଙ୍କର ଏହି ସଂଗଠନ ଏସ୍‌ସିଓର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିଲା । ଏଥିରେ ଯୋଗଦେବାର କାରଣ ବାବଦରେ ଭାରତ ସରକାର ଦର୍ଶାଇ ଆସିଛନ୍ତି ଯେ ମୂଳତଃ ଏହି ୟୁରେସୀୟ ଗୋଷ୍ଠୀରେ ସାମିଲ ହେବା ଏଇ ଦୃଷ୍ଟିରୁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଯେ ଏହାର ସଦସ୍ୟ ରାଷ୍ଟ୍ରମାନେ ମିଳିତ ଭାବରେ ବିଶ୍ୱ ଜିଡିପିର ଏକ ତୃତୀୟାଂଶ, ବିଶ୍ୱ ବାଣିଜ୍ୟ କାରବାରର ଏକ ପଞ୍ଚମାଂଶ, ବିଶ୍ୱ ତୈଳ ଭଣ୍ଡାରର ଏକ ପଞ୍ଚମାଂଶ ଏବଂ ବିଶ୍ୱ ପ୍ରାକୃତିକ ଗ୍ୟାସ୍ ଭଣ୍ଡାରର ହାରାହାରି ୪୪ ପ୍ରତିଶତ ବହନ କରିଥାନ୍ତି । ଆହୁରି ମଧ୍ୟ ଆଞ୍ଚଳିକ ସୁରକ୍ଷା ଓ ସଂଯୋଗ, ଯାହାକି ଭାରତର ଅଭିବୃଦ୍ଧି ଏବଂ ଆହ୍ୱାନଗୁଡ଼ିକ ଯଥା ପାକିସ୍ତାନରେ ରହିଥିବା ଆତଙ୍କବାଦ, ଏବଂ ଚୀନ୍‌ର ଆକ୍ରମଣାତ୍ମକ ଆଭିମୁଖ୍ୟ ତଥା ବେଲ୍ଟ ଏବଂ ରୋଡ୍ ଇନିସିଏଟିଭ୍ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଏହା ଧ୍ୟାନ କେନ୍ଦ୍ରିତ କରେ। ତେବେ ଭାରତର ଅଧ୍ୟକ୍ଷତାରେ ଚଳିତ ସପ୍ତାହରେ ଅନୁଷ୍ଠିତ ଏହି ଆଭାସୀ ବୈଠକ କୌଣସି ଉଲ୍ଲେଖନୀୟ ପ୍ରସଙ୍ଗ ଉପରେ କିଛି ଆଦୃଶିଆ ପ୍ରଗତି ହାସଲ କରିବା ଅପେକ୍ଷା ଅଧିକତଃ ଚୀନ୍ ଏବଂ ରୁଷିଆ ଦ୍ୱାରା ସୃଷ୍ଟି ହୋଇଥିବା ଏହି ୟୁରେସୀୟ ଗୋଷ୍ଠୀରେ ଦୁଇ ଦଶନ୍ଧି ଧରି ରହି ଆସିଥିବା ବିରୋଧାଭାସଗୁଡ଼ିକର ପରିଚାଳନା କରିବାର କାର୍ଯ୍ୟ ହୋଇ ଯାଇଥିଲା ବୋଲି କୁହାଯାଇପାରେ । ଆତଙ୍କବାଦର ମୁକାବିଲା କରିବାର ଆବଶ୍ୟକତା ଉପରେ ଏସ୍‌ସିଓ ଗୋଷ୍ଠୀର ବ୍ୟାପକ ସହମତି ଥିବା ବେଳେ ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ଗୋଷ୍ଠୀଙ୍କ ବିରୁଦ୍ଧରେ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୃଢ଼ ନିଷ୍ପତ୍ତି ନେବାକୁ ଏସ୍‌ସିଓର ସହମତି ହାସଲ କରିବା ନିମନ୍ତେ ଭାରତ ସଂଘର୍ଷ କରି ଆସିଛି, ବିଶେଷକରି ଯେତେବେଳେ କି ଚୀନ୍ ଜାତିସଂଘ ଭଳି ଆନ୍ତର୍ଜାତିକ ମଞ୍ଚଗୁଡ଼ିକରେ ପାକିସ୍ତାନକୁ ସୁରକ୍ଷା ପ୍ରଦାନ କରିବା ବଜାୟ ରଖିଛି ଏବଂ ଭାରତର ସୁରକ୍ଷା ପ୍ରତି ପାକିସ୍ତାନର ଆତଙ୍କବାଦ ବିପଦ ବହନ କରି ଚାଲିଛି । ଏମିତିରେ ବି ଭାରତ ଚୀନ୍‌ର ଏହି ଛାମୁଆ ସଂଯୋଗକାରୀ ପ୍ରକଳ୍ପକୁ ପ୍ରତିବାଦ କରି ଆସିଛି, କାରଣ ଏହି ପ୍ରକଳ୍ପର ଏକ ପ୍ରମୁଖ ଅଂଶ ପାକ୍-ଅଧିକୃତ କାଶ୍ମୀର ପଥ ଦେଇ ଯାଉଛି । ପୁନଶ୍ଚ, ଭାରତ ଏସ୍‌ସିଓ ଅର୍ଥନୀତିକ ବିକାଶ କୌଶଳ ୨୦୩୦ରେ ସ୍ୱାକ୍ଷର କରି ନଥିଲା, ଯାହାକି କେତେକ ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ଗୃହୀତ ହୋଇଛି, କାରଣ ଏହି ଦସ୍ତାବିଜ ଅଧିକାଂଶ ପରିମାଣରେ ଚୀନ୍‌ର ନୀତିଗୁଡ଼ିକ ଅନୁସାରେ ପ୍ରସ୍ତୁତ କରାଯାଇଛି । ଯେହେତୁ ଏସ୍‌ସିଓ ଚାର୍ଟର ବା ଘୋଷଣାନାମା କୌଣସି ପ୍ରକାରର ଦ୍ୱିପାକ୍ଷିକ ପ୍ରସଙ୍ଗ ଉତ୍‌ଥାପନ କରିବାକୁ ଅନୁମତି ପ୍ରଦାନ କରେନାହିଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତେଣୁ ତାଙ୍କର ଉଦ୍‌ଘାଟନୀ ଭାଷଣରେ ଆତଙ୍କବାଦ ଉପରେ କହିବା ବେଳେ କୌଣସି ରାଷ୍ଟ୍ରର ନାମ ନେଇ ନଥିଲେ। କିନ୍ତୁ କିଛି ରାଷ୍ଟ୍ର ଆତଙ୍କବାଦକୁ ନୀତିଗତ ଉପକରଣ ଭାବରେ ବ୍ୟବହାର କରିବା ସହିତ ଏହା ବିରୁଦ୍ଧରେ ସଂଗ୍ରାମ କରିବାର କଥା ଉଠିଲେ ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି ବୋଲି କହିବା ସମୟରେ ସେ ଯେ ଚୀନ୍ ଏବଂ ପାକିସ୍ତାନକୁ ବୁଝାଉଛନ୍ତି, ତାହା ବୁଝିବାରେ କ୍ୱଚିତ୍ କୌଣସି ଅସୁବିଧା ଥିଲା । ସମ୍ଭବତଃ ଏହି ବୈଠକରେ ଦେଖିବାକୁ ମିଳିଥିବା ସହମତିର ଏକମାତ୍ର କ୍ଷେତ୍ର ଥିଲା ଆଫଗାନିସ୍ତାନର ପରିସ୍ଥିତି ବାବଦରେ, ଯେଉଁଥିରେ ଏହି ରାଷ୍ଟ୍ରରେ ଏକ ସମାବେଶୀ ସରକାର ଗଠନ ପାଇଁ ସ୍ପଷ୍ଟ ଆହ୍ୱାନ ଦିଆଯିବା ଏବଂ ଆତଙ୍କବାଦକୁ ବିସ୍ତାର କରିବା ନିମନ୍ତେ ଆଫଗାନିସ୍ତାନକୁ ବ୍ୟବହାର କରାଯିବାକୁ ପ୍ରତିରୋଧ କରିବା ଅନ୍ତର୍ଭୁକ୍ତ ଥଲା । ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସହିତ ଏହାର କ୍ରମବର୍ଦ୍ଧିଷ୍ଣୁ ସମ୍ପୃକ୍ତ ମଧ୍ୟରେ କ୍ଷମତା କେନ୍ଦ୍ରମାନଙ୍କ ଭିତରେ ଏକ ଭାରସାମ୍ୟ ରକ୍ଷା କରିବାକୁ ଏହାର କୂଟନୀତିକ ଉଦ୍ୟମର ଏକ ଅଂଶ ଭାବରେ ଭାରତ ଏସ୍‌ସିଓର ସଦସ୍ୟତା କାମନା କରିଥିଲା । ଆହୁରି ମଧ୍ୟ ଏସ୍‌ସିଓର ସଦସ୍ୟତାକୁ ଏହି କୌଶଳପୂର୍ଣ୍ଣ ଅଞ୍ଚଳ ସହିତ ସଂଯୋଗକୁ ନିବିଡ଼ କରିବା ଦୃଷ୍ଟିରେ ଦେଖାଯିବାର ଅନ୍ୟ ଏକ ପଥ ଭାବରେ ବିବେଚନା କରାଯାଇଥିଲା । କିନ୍ତୁ ସମୟ ଅତିବାହିତ ହେବା ସହିତ ସୃଷ୍ଟି ହେଉଥିବା ଭୂରାଜନୀତିକ ଶୃଙ୍ଖଳା ଏସବୁ ଅଙ୍କକଷାକୁ ବିଗାଡ଼ି ଦେଉଛି । ଭାରତ ଏକ ବହୁଧ୍ରୁବୀୟ ଏସିଆ ମହାଦେଶକୁ ପ୍ରୋତ୍ସାହନ ଯୋଗାଇବାକୁ ଚାହୁଁଥିବା ବେଳେ ଦେଖିବାକୁ ବାକି ରହିଛି ଆନ୍ତର୍ଜାତିକ ଦ୍ୱନ୍ଦ୍ୱଗୁଡ଼ିକ ଯୋଗୁଁ ସାର୍କ୍ (ସାଉଥ୍ ଏସିଆନ୍ ଆସୋସିଏସନ୍ ଫର ରିଜିଓନାଲ କୋଅପରେସନ୍) ଯେମିତି ଅକାମୀ ହୋଇ ପଡ଼ିଛି, ଏସ୍‌ସିଓ ସେହି ପଥରେ ଯାଉଛି କି ନାହିଁ ।



# ୨୦୨୪ରେ ମଣ୍ଡଳ ନା ପୁଣି କମଣ୍ଡଳ

## ଅଧ୍ୟାପକ ଗୋପବନ୍ଧୁ

୧୯୯୦ ମସିହା ଭାରତୀୟ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଓ ବହୁଚର୍ଚ୍ଚିତ ବର୍ଷ। ଡିସେମ୍ବର ୨ ତାରିଖ ୧୯୮୯ ମସିହାରେ ଦ୍ୱିତୀୟ ଥର ପାଇଁ ଭାରତବର୍ଷରେ ଅଣକଂଗ୍ରେସ ସରକାର ଶ୍ରୀଯୁକ୍ତ ବିଶ୍ୱନାଥ ପ୍ରତାପ ସିଂଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ଓ ନଭେମ୍ବର ୭ ତାରିଖ ୧୯୯୦ ମସିହାରେ ଏହି ସରକାରର ପତନ ହୋଇଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୧୯୯୦ ମସିହା ଅଗଷ୍ଟ ୭ ତାରିଖ ଦିନ ସେ ମଣ୍ଡଳ କମିଶନ ରିପୋର୍ଟର ଆଂଶିକ କାର୍ଯ୍ୟକାରିତା ପାଇଁ ଘୋଷଣା କରିଥିଲେ। ସେହି ବର୍ଷଠାରୁ ଏହି ଦିନଟିକୁ ସାମାଜିକ ନ୍ୟାୟ ଦିବସ ରୂପେ ଏହାର ସମର୍ଥକମାନେ ପାଳନକରି ଆସୁଛନ୍ତି। ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପରେ ଏହା ବିରୁଦ୍ଧରେ ସମଗ୍ର ଦେଶରେ ପ୍ରତିବାଦ ଓ ହିଂସା ଆରମ୍ଭ ହେଲା। ଏହା ଭିନ୍ନକଥା ଯେ ଯେଉଁମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଅନ୍ୟାନ୍ୟ ପଛୁଆବର୍ଗର ଥିଲେ ଯେଉଁମାନଙ୍କ ବିକାଶ ପାଇଁ ଏ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା କରାଯାଇଥିଲା। ଦୁର୍ଭାଗ୍ୟ ଯେ ବର୍ତ୍ତମାନ କେନ୍ଦ୍ର ସରକାରରେ ଥିବା ବିଜେପି ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତାକୁ ସମର୍ଥନ କରିନଥିଲା। ବରଂ ଏହାକୁ ପ୍ରତିହତ କରିବା ପାଇଁ ତତ୍କାଳୀନ ବରିଷ୍ଠ ନେତା ଶ୍ରୀଯୁକ୍ତ ଲାଲକୃଷ୍ଣ ଆଡଭାନୀ ଶ୍ରୀରାମ ରଥଯାତ୍ରା ଆରମ୍ଭ କଲେ। ଏ ରଥଯାତ୍ରା ଯୁଆଡେ ଗଲା ଦଙ୍ଗାଫସାଦ୍ ଆରମ୍ଭ ହେଲା। ଶେଷରେ ବିହାରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଲାଲୁପ୍ରସାଦ ଯାଦବ ତାଙ୍କୁ ଗିରଫ କଲେ। ଏହାର ପ୍ରତିବାଦରେ କ୍ଷୁବ୍ଧ ବିଜେପି ଭିପି ସିଂ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଲା। ଫଳରେ ଏହିବର୍ଷ ହିଁ ନେସନାଲ ଫ୍ରଣ୍ଟ ସରକାରର ପତନ ହେଲା। ଏହି ବିଷମ ପରିସ୍ଥିତିକୁ ରାଜନୈତିକ ସମୀକ୍ଷକମାନେ ମଣ୍ଡଳ ବନାମ କମଣ୍ଡଳ ଭାବେ ଅଭିହିତ କରିଛନ୍ତି।

ସେ ସମୟରେ ମଣ୍ଡଳ ଓ କମଣ୍ଡଳ ଝଗଡା ଯୋଗୁଁ ନେସନାଲ ଫ୍ରଣ୍ଟ ସରକାରର ପତନ ହେଲା ସତ୍ୟ, ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଏହିଦୁଇ ବିଷୟ ଭାରତବର୍ଷରେ ଦୁଇ ପରସ୍ପର ବିରୋଧୀ ରାଜନୈତିକ ବିନ୍ଦୁଭାବେ ଉଭା ହେଲା। ସାମ୍ପ୍ରତିକ ଅବସ୍ଥାରେ ଯାହାର ପ୍ରଭାବ କ୍ରମେ ଅଧିକ ଘନୀଭୂତ ହେଉଛି। ଏହା ସମସ୍ତଙ୍କୁ ଜଣା ଯେ ଅନ୍ୟାନ୍ୟ ପଛୁଆ ବର୍ଗମାନଙ୍କ ଅନୁଧ୍ୟାନ ପାଇଁ ଯେଉଁ କମିଶନ ବସିଥିଲା ତାହାର ଅଧ୍ୟକ୍ଷ ଥିଲେ ଶ୍ରୀ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳ ଏବଂ ତାଙ୍କରି ନାମ ଅନୁସାରେ ଏହା ମଣ୍ଡଳ କମିଶନ ନାମରେ ନାମିତ। ଅନ୍ୟ ପକ୍ଷରେ କମଣ୍ଡଳ କହିଲେ ହିନ୍ଦୁତ୍ୱବାଦୀ ଧାର୍ମିକ ବିଚାରଧାରାକୁ ବୁଝାଏ। ଯାହାର ପ୍ରତୀକଭାବେ କମଣ୍ଡଳକୁ ରାଜନୈତିକ ସମୀକ୍ଷକମାନେ ନେଇଛନ୍ତି। ଏହାକୁ ହିନ୍ଦୁ ସାଧୁସନ୍ଥମାନେ ବିଶେଷ ମୁହୂର୍ତ୍ତରେ ହାତରେ ଧରିବାର ଦେଖାଯାଏ। ତେବେ ରାଜନୈତିକ ସମୀକ୍ଷକମାନେ ଉଭୟକୁ ଦୁଇଟି ବିଚାରଧାରା ରୂପେ ଗ୍ରହଣ କରନ୍ତି। ଯାହାକି ପରସ୍ପରର ବିରୋଧୀ ବିଚାରଧାରାକୁ ସୂଚୀତ କରେ। ମଣ୍ଡଳ ଓ କମଣ୍ଡଳ ବର୍ତ୍ତମାନର ରାଜନୀତିରେ ଦୁଇଟି ପ୍ରମୁଖ ତତ୍ତ୍ୱ। ଏହି ଦୁଇ ତତ୍ତ୍ୱ ଆଜି ସମସ୍ତ ତତ୍ତ୍ୱକୁ ଗ୍ରାସ କରିଯାଇଛି।

ଏ ବିଚାରଧାରା ଏବେ ଆରମ୍ଭ ହୋଇଛି ଓ ପୂର୍ବରୁ ନଥିଲା ଏପରି ଭାବିବା ଅନୁଚିତ। ହିନ୍ଦୁତ୍ୱକୁ ନେଇ ଏକପ୍ରକାର ରକ୍ଷଣଶୀଳ ବିଚାରଧାରା ମୂଳରୁ ରହିଛି। ଏହାର ସମର୍ଥକମାନେ ପରିବର୍ତ୍ତନକୁ ସ୍ୱୀକାର କରନ୍ତି ନାହିଁ। ଧର୍ମପୁସ୍ତକ ଓ ଧାର୍ମିକ ପରମ୍ପରାରେ ଯାହା ରହିଛି ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ଚାହାଁନ୍ତି। ଧାର୍ମିକ ଭାବାବେଗକୁ ବଢାଇ ଧର୍ମଶାସ୍ତ୍ର ଅନୁମୋଦିତ ଶାସନ ବ୍ୟବସ୍ଥା କାଏମ ରଖିବାକୁ ଚାହାଁନ୍ତି। ମନୁସ୍ମୃତିକୁ ଆଦର୍ଶ ବୋଲି ଭାବନ୍ତି। ଏଥିରେ ଥିବା ବର୍ଣ୍ଣବ୍ୟବସ୍ଥାକୁ ଯାଥାର୍ଥ ବୋଲି କହନ୍ତି। ଏଥିରୁ ସୃଷ୍ଟି ଜାତିବ୍ୟବସ୍ଥା ଏକ ପ୍ରାକୃତିକ ସୃଷ୍ଟି ଓ ଏହାର ପଶ୍ଚାତରେ ଧାର୍ମିକ ସମର୍ଥନ ରହିଛି ବୋଲି କହନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ ସମାଜରେ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର ରହିବେ। ସମାଜରେ ତାରତମ୍ୟ ମଧ୍ୟ ରହିବ। ଧାର୍ମିକ ଦୃଷ୍ଟିରୁ ସମସ୍ତେ ସମାନ ହେବେ ନାହିଁ। ଏ ବିଚାରଧାରା ବହୁ ପୁରାତନ। ଏହାର ପୃଷ୍ଠପୋଷକ ସଂଗଠକମାନେ ଯେତେବେଳେ ଅନୁଭବ କରିଛନ୍ତି ଯେ ତାଙ୍କ ବିଚାରଧାରା କ୍ରମେ ସଙ୍କୁଚିତ ହେଉଛି ଓ ତାଙ୍କ ପ୍ରାଚୀନ ବ୍ୟବସ୍ଥା ଧ୍ୱଂସାଭିମୁଖୀ ହେଉଛି ସେତେବେଳେ ସେମାନେ ସଙ୍ଗଠିତ ହୋଇଛନ୍ତି ଏହାର ପ୍ରଚାର ଓ ପ୍ରସାର ପାଇଁ। ସ୍ୱାଧୀନତା ପରେ ଏହା ରାଜନୈତିକ ରୂପ ନେଇଛି ଯାହାକୁ ରାଜନୈତିକ ସମୀକ୍ଷକମାନେ କମଣ୍ଡଳ ରାଜନୀତି ବୋଲି କହିଛନ୍ତି। ଅବଶ୍ୟ ଏ ଶବ୍ଦର ବ୍ୟବହାର ସୀମିତ। ଯେତେବେଳେ ମଣ୍ଡଳ କଥା ଆଲୋଚନା ପରିସରକୁ ଆସେ ସେତେବେଳେ କମଣ୍ଡଳ ଶବ୍ଦ ମଧ୍ୟ ଆଲୋଚନାର ପରିସରଭୁକ୍ତ ହୁଏ। ଏବେ ମଣ୍ଡଳର ପରିପ୍ରେକ୍ଷୀରେ ଦେଶରେ କମଣ୍ଡଳ ସରକାର ଚାଲିଛି। ଅର୍ଥାତ୍ ଏହି ବିଚାରର ପୃଷ୍ଠପୋଷକ ବିଜେପି ସରକାର କମଣ୍ଡଳ ତତ୍ତ୍ୱକୁ ସୁଦୃଢ କରିଚାଲିଛି।

ଅନ୍ୟ ପକ୍ଷରେ ମଣ୍ଡଳ କହିଲେ ପଛୁଆବର୍ଗ କମିଶନଙ୍କ ଅଧ୍ୟକ୍ଷଙ୍କୁ ବୁଝାଉ ଥିଲେହେଁ ଏବେ ଏହା ଏକ ଆଦର୍ଶକୁ ବୁଝାଉଛି। ଏ ଆଦର୍ଶ ମଧ୍ୟ ବହୁ ପୁରାତନ। ସମତା, ମମତା, ନ୍ୟାୟ ଓ ପ୍ରଗତିଶୀଳତା ହେଉଛି ଏହାର ଆଧାର। ଧର୍ମ ପରିବର୍ତ୍ତେ ମାନବୀୟ ମୁଲ୍ୟବୋଧ ଓ ନୈତିକତା ଉପରେ ଗୁରୁତ୍ୱ ଦେଉଥିବା ଏ ଗୋଷ୍ଠୀ ସମାନ୍ତରାଳଭାବେ କମଣ୍ଡଳ ବିଚାର ସହିତ ରହି ଆସିଛନ୍ତି। ବୁଦ୍ଧଙ୍କଠାରୁ ଆରମ୍ଭକରି ଡ. ଆମ୍ବେଦକର ପର୍ଯ୍ୟନ୍ତ ଏ ବିଚାରଧାରା ସମାଜରେ ସ୍ଥାନିତ ହୋଇଆସିଛି। ଏମାନେ ଯେ ଧର୍ମ ବିରୋଧି ଓ ହିନ୍ଦୁତ୍ୱ ବିରୋଧି ତାହା ନୁହେଁ, ଏମାନେ ପ୍ରଗତିଶୀଳ ସମାଜ ବ୍ୟବସ୍ଥାର ପକ୍ଷଧର। ସମାଜିକ, ଆର୍ଥିକ, ଶିକ୍ଷାଗତ ଓ ସ୍ଥିତିଗତ ଅସନ୍ତୁଳନକୁ ହଟାଇ ଏକ ସମତା ଭିତ୍ତିକ ସମାଜ ଗଠନ ପାଇଁ ଏମାନେ ଆଗ୍ରହୀ। ହିନ୍ଦୁତ୍ୱବାଦ ମଧ୍ୟରେ ଏମାନେ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଓ ନବ ହିନ୍ଦୁତ୍ୱର ପକ୍ଷଧର। ଉନବିଂଶ ଶତାବ୍ଦୀର ଶେଷଭାଗରେ ଏ ବିଚାରଧାରା ପରିବର୍ତ୍ତୀତ ରୂପରେ ଆତ୍ମପ୍ରକାଶ କରିଛି। ମହାତ୍ମା ଫୁଲେ, ରାମସ୍ୱାମୀ ପେରୀୟାର, ଶାହୁଜୀ ମହାରାଜ, ଡ. ବି.ଆର୍. ଆମ୍ବେଦକର ପ୍ରଭୃତି ସମାଜ ସଂସ୍କାରକ ଓ ଚିନ୍ତକମାନେ ସ୍ୱାଧୀନତା ପୂର୍ବରୁ ଏ ବିଚାରଧାରାର ରୂପରେଖ ତିଆରିକରି ଯାଇଛନ୍ତି। ଭାରତୀୟ ସମ୍ବିଧାନରେ ମଧ୍ୟ ଏହାର ଛାପ ସ୍ପଷ୍ଟଭାବେ ପ୍ରତିଫଳିତ ହୋଇଛି। ସେଇଥିପାଇଁ ବର୍ତ୍ତମାନର ସମ୍ବିଧାନ ଅନେକ କମଣ୍ଡଳବାଦୀଙ୍କ ପାଇଁ ଚକ୍ଷୁଶୂଳର କାରଣ ହୋଇଛି।

ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପରେ ନେସନାଲ ଫ୍ରଣ୍ଟ ସରକାର ଭାଙ୍ଗି ଯାଇଥିଲା ଓ ନିର୍ବାଚନ ପରେ କଂଗ୍ରେସ ସରକାର ପୁଣି କ୍ଷମତାକୁ ଫେରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କମଣ୍ଡଳ ଆଦର୍ଶ ଦେଶରେ କାୟା ବିସ୍ତାର କଲା ଓ କେନ୍ଦ୍ରରେ କ୍ଷମତା ଦଖଲ କଲା। ଦେଶରେ କମଣ୍ଡଳ ଶାସନକୁ ପ୍ରତିଷ୍ଠା କଲା। ତେବେ ମଣ୍ଡଳ ରାଜନୀତି ଯେ ସମାପ୍ତ ହୋଇଯାଇଛି ତାହା ନୁହେଁ। ବିଭିନ୍ନ ରାଜ୍ୟ ରାଜନୀତିରେ ଏମାନେ ଯଥେଷ୍ଟ ପ୍ରଭାବଶାଳୀ ଅଛନ୍ତି। ଦିନେ କଂଗ୍ରେସ ଯେକି ମଣ୍ଡଳ ଓ କମଣ୍ଡଳ ରାଜନୀତିଠାରୁ ହଟି ନିରପେକ୍ଷତା ଅବଲମ୍ବନ କରୁଥିଲା ସେ ପାର୍ଟି ଆଉ କମଣ୍ଡଳ ରାଜନୀତିର ସମ୍ମୁଖୀନ ହୋଇନପାରି ମଣ୍ଡଳ ରାଜନୀତିକୁ ଆପଣେଇବାକୁ ବାଧ ହୋଇଛି। କର୍ଣ୍ଣାଟକ ନିର୍ବାଚନରେ ଏହା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଆଗକୁ ପାର୍ଟି ମଣ୍ଡଳ ମାର୍ଗରେ ପରିଚାଳିତ ହେବାକୁ ବାଧ, କାରଣ ପାର୍ଟି ବୁଝିଛି ଏହି ମାର୍ଗହିଁ ତାକୁ ପୁନର୍ବାର କ୍ଷମତାକୁ ଫେରିବାରେ ସହାୟକ ହେବ।

ସାମ୍ପ୍ରତିକ ଅବସ୍ଥାରେ ଜାତୀୟ ରାଜନୀତି ଦୁଇଟି ମେରୁରେ କେନ୍ଦ୍ରୀଭୂତ ହେବା ପରି ମନେ ହେଉଛି। ଗୋଟିଏ ହେଉଛି ମଣ୍ଡଳ ଓ ଅନ୍ୟଟି ହେଉଛି କମଣ୍ଡଳ। ବାମପନ୍ଥୀ, ମଧ୍ୟମପନ୍ଥୀ, ନରମପନ୍ଥୀ ପ୍ରଭୃତି ବିଚାରବାଦୀ ଏହି ଦୁଇ ମେରୁରୁ ଗୋଟିଏକୁ ବାଛିବାକୁ ବାଧ। କାରଣ ନୀକଟ ଭବିଷ୍ୟତରେ ଆଉ କୌଣସି ରାଜନୈତିକ ମେରୁ ଆବିର୍ଭାବ ହେବାର ସମ୍ଭାବନା କମ୍। କେତେକ ରାଜନୈତିକ ସମୀକ୍ଷକଙ୍କ ମତରେ କମଣ୍ଡଳ ରାଜନୀତି ତାର ସର୍ବୋଚ୍ଚ ସୋପାନକୁ ଛୁଇଁ ସାରିଛି। ଏବେ ତାର ଲେଉଟାଣି ବେଳ। ଆଉ କେତେକ କହୁଛନ୍ତି କମଣ୍ଡଳ ରାଜନୀତିର ଆହୁରି ଅନେକ ସମୟ ବାକି ଅଛି। ଅନ୍ୟ କେତେକ କହୁଛନ୍ତି ଆଗକୁ ସମୟ ଆସୁଛି ମଣ୍ଡଳ ରାଜନୀତିର। ଜାତୀୟ ରାଜନୀତିରେ କଡଲେଉଟଣୀ ବେଳ ଆସିଯାଇଛି। ଏବେ ଦେଶରେ ମଣ୍ଡଳ ରାଜନୀତି ଚାଲିବ। ଚାରିଆଡ଼େ ମଣ୍ଡଳ ସପକ୍ଷରେ ପାଣିପାଗ ତିଆରି ହେଉଛି। ଦେଖାଯାଉ ୨୦୨୪ ନିର୍ବାଚନରେ କମଣ୍ଡଳ ପୁଣି କ୍ଷମତାକୁ ଫେରୁଛି କି ମଣ୍ଡଳ କେନ୍ଦ୍ରକୁ ଦଖଲ କରିପାରୁଛି।


ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦


# ସଂଗ୍ରାମୀ ନେତା ଜ୍ୟୋତି ଦା

## ଡ଼ଃ. ଅରୁନ୍ଧତୀ ଦେବୀ



ଭାରତର ଲମ୍ବା ରାଜନୀତି ଇତିହାସରେ ଯେଉଁ ମାନଙ୍କର ଅବଦାନ ଓ ସେବା ମହାନତା ପରବର୍ତ୍ତୀ ପିଢ଼ୀ ପାଇଁ ଆଲୋକର ପଥ ପ୍ରଦର୍ଶିକା ସାଜିବାରେ ସମର୍ଥ ହୋଇଥିଲା ସେମାନଙ୍କ ଭିତରୁ ପଶ୍ଚିମବଙ୍ଗ ରାଜନୀତିର ଭୀଷ୍ମ ପିତାମହ କୁହାଯାଉଥିବା ଜ୍ୟୋତି ବସୁ ବା ସମସ୍ତଙ୍କ ପ୍ରିୟ ଜ୍ୟୋତି ଦା ଅନ୍ୟତମ। କେନ୍ଦ୍ରରେ ଏପରି ଏକ ସମୟ ବି ପହଞ୍ଚିଥିଲା ଯେତେବେଳେ ତାଙ୍କ ପାଖରେ ପ୍ରଧାନମନ୍ତ୍ରୀ ପଦ ବି ପହଞ୍ଚିଥିଲେ ବି ସେ କିନ୍ତୁ ଏହା ପାଇଁ ଲାଳାୟିତ ନଥିବାର ପ୍ରମାଣ ବି ଦେଇଥିଲେ। ହୁଏତ ସେତେବେଳର ରାଜନୈତିକ ଘଟଣାବଳୀର ମୋଡ଼ ଭିନ୍ନ ଥିଲା। ଭାରତୀୟ ରାଜନୀତିରେ ଲମ୍ବା ମାରାଥନ୍ ବିତାଇଥିବା ଏହି କିମ୍ବଦନ୍ତୀ ରାଜନେତା କଲିକତାର ଏକ ଉଚ୍ଚ ମଧ୍ୟବିତ୍ତ ବଙ୍ଗାଳୀ ପରିବାରରେ ୧୯୧୪ ମସିହା ଜୁଲାଇ ୮ ତାରିଖରେ ଜନ୍ମ ହୋଇଥିଲେ ଜ୍ୟୋତି ବସୁ । ତାଙ୍କ ପିତା ନିଶିକାନ୍ତ ବସୁ ପେସାରେ ଜଣେ ଡାକ୍ତର ଥିଲେ । ୧୯୨୦ ମସିହାରେ କଲିକତାର ଲରେଟୋ ସ୍କୁଲରେ ତାଙ୍କର ଶିକ୍ଷା ଆରମ୍ଭ ହୋଇଥିଲା । ସ୍କୁଲକୁ ଯିବା ପୂର୍ବରୁ ତାଙ୍କ ନାଁ ଜ୍ୟୋତିନ୍ଦ୍ର ବସୁ ଥିଲା । କିନ୍ତୁ ସ୍କୁଲରେ ପଢ଼ିବା ପରେ ତାଙ୍କ ନାମକୁ ଛୋଟ କରି ଜ୍ୟୋତି ବସୁ ରଖାଗଲା । ପ୍ରେସିଡେନ୍ସି କଲେଜରୁ ୧୯୩୫ ମସିହାରେ କଲେଜ ଶିକ୍ଷା ସମାପ୍ତ କରିବା ପରେ ଆଇନ ଶିକ୍ଷା ପାଇଁ ସେ ଇଂଲଣ୍ଡ ଚାଲିଯାଇଥିଲେ । ସେଠାରେ ହିଁ ଗ୍ରେଟ ବ୍ରିଟେନର କମ୍ୟୁନିଷ୍ଟ ପାର୍ଟି ଜରିଆରେ ରାଜନୀତିରେ ପ୍ରଥମେ ପାଦ ରଖିଥିଲେ । ଇଂଲଣ୍ଡରେ ସେ ବିଶିଷ୍ଟ ଲେଖକ ତଥା କମ୍ୟୁନିଷ୍ଟ ଦାର୍ଶନିକ ରଜନୀ ପାଲମୀ ଦତ୍ତଙ୍କ ଦ୍ୱାରା ପ୍ରେରିତ ହୋଇ ରାଜନୀତି ଆଡ଼କୁ ଅଧିକ ଆକର୍ଷିତ ହୋଇଥିଲେ । ୧୯୪୦ ମସିହାରେ ସେ ଇଂଲଣ୍ଡରୁ ଆଇନ ଶିକ୍ଷା ସମାପ୍ତ କରି ଭାରତକୁ ପ୍ରତ୍ୟାବର୍ତ୍ତନ ପରେ ପ୍ରଥମେ କଲିକତା ଉଚ୍ଚନ୍ୟାୟାଳୟରେ ସେ ଓକିଲଭାବେ କାର୍ଯ୍ୟ ଆରମ୍ଭ କଲେ । ୧୯୪୪ ମସିହାରେ ସେ ଶ୍ରମିକ ସଂଘରେ ଯୋଗ ଦେଇ ସିପିଆଇ ତରଫରୁ ରେଳ ଶ୍ରମିକଙ୍କ ସହିତ କାମ କରିବା ଆରମ୍ଭ କରି ପରେ ସଂଘର ସାଧାରଣ ସଂପାଦକ ହୋଇଥିଲେ ।

ଇଂଲଣ୍ଡରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଏକାଠି କରି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ପାଇଁ ସେ ଖୁବ୍ ପରିଶ୍ରମ କରିଥିଲେ । ଏହିଠାରୁ ଆରମ୍ଭ ହୋଇଥିଲା ତାଙ୍କର ରାଜନୀତି କ୍ୟାରିୟର । ଭାରତୀୟ ଛାତ୍ରମାନଙ୍କୁ ନେଇ ଗଠିତ ହୋଇଥିବା ଇଣ୍ଡିଆନ୍ ଲିଗ୍ ଓ ଲଣ୍ଡନ ମଜ୍‌ଲିସରେ ପ୍ରଥମେ ଯୋଗ ଦେଇ ପରବର୍ତ୍ତୀ ସମୟରେ ସେ ଲଣ୍ଡନ ମଜ୍‌ଲିସ୍‌ର ସାଧାରଣ ସଂପାଦକ ଭାବେ କାର୍ଯ୍ୟଭାର ଗ୍ରହଣ କଲେ । ସଂପାଦକଭାବେ ପ୍ରଥମେ ସେ ଜବାହରଲାଲ ନେହେରୁ, ସୁବାଷ ଚନ୍ଦ୍ର ବୋଷଙ୍କ ପରି ରାଜନେତାମାନଙ୍କ ବିଦେଶ ଗସ୍ତର ସମସ୍ତ ଆୟୋଜନ କରୁଥିଲେ । ଏହିପରି ଭାବରେ ସେ ଭାରତର ବିଶିଷ୍ଟ ରାଜନେତା ତଥା ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂସ୍ପର୍ଶରେ ଆସିବାକୁ ଲାଗିଲେ । ଯାହାକି ତାଙ୍କ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିପାରିଥିଲା । ୧୯୪୬-୪୭ ମସିହାରେ ପଶ୍ଚିମବଙ୍ଗରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଓ ଶ୍ରମିକମାନଙ୍କ ହରତାଳ ସମୟରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ । ଅନ୍ୟ ଅର୍ଥରେ କହିବାକୁ ଗଲେ ଜ୍ୟୋତି ବସୁ ଜଣେ ରାଜନେତା ସହିତ ଏକ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ ଥିଲେ । ଦେଶ ସ୍ୱାଧୀନ ହେବା ପରେ ତାଙ୍କୁ ୧୯୫୨-୯୬ ମସିହା ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ବିଧାନସଭା ପାଇଁ ନିର୍ବାଚିତ କରାଯାଇଥିଲା । ରାଜନୀତିରେ ନିଷ୍ଠାଭାବ ଯୋଗୁଁ ବସୁ ଖୁବ୍ ଶୀଘ୍ର ସାଧାରଣ ଜନତାଙ୍କ ପ୍ରିୟ ହୋଇଯାଇଥିଲେ । ତାଙ୍କର ନିଷ୍ଠାପରତା ଯୋଗୁଁ ୧୯୬୭-୬୯ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ଜ୍ୟୋତି ଦା ନିଜ ରାଜନୀତି ଜୀବନରେ ଅନେକ ଉତ୍ଥାନ ପତନ ଦେଖିଛନ୍ତି । କିନ୍ତୁ କେବେ ସମସ୍ୟା ଆଗରେ ନଇଁ ନାହାନ୍ତି । ଏପରିକି ୧୯୭୦ ମସିହାରେ ତାଙ୍କୁ ପାଟନା ରେଳ ଷ୍ଟେସନରେ ହତ୍ୟା କରିବାର ଉଦ୍ୟମ କରାଯାଇଥିଲା । ହେଲେ ଏହା ସତ୍ତ୍ୱେ ସେ ଡରି ନଯାଇ ରାଜନୀତିରେ ପୂର୍ବପରି ସକ୍ରିୟ ରହିଲେ । ଏହି ଘଟଣା ପରେ ପରିସ୍ଥିତି ଏପରି ପହଞ୍ଚିଲା କି ୧୯୭୨ ମସିହା ନିର୍ବାଚନରେ କଂଗ୍ରେସ ପଶ୍ଚିମବଙ୍ଗ ଶାସନକୁ ଆସିବା ସହିତ ସେ ବଡ଼ନଗର ବିଧାନସଭା ହାରିଗଲେ । କିନ୍ତୁ ଏତିକିରେ ତାଙ୍କ ରାଜନୀତି ଜୀବନ ଶେଷ ହୋଇଯାଇନଥିଲା । ୧୯୭୭ ମସିହାରେ ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେଲେ । ୫କି ୧୦ନୁହେଁ ଦୀର୍ଘ ୨୩ ବର୍ଷ କାଳ ଏହି ଆସ୍ଥାନ ଜମାଇ ରଖି ଭାରତରେ ଏକ ରେକର୍ଡ଼ ସୃଷ୍ଟି କରିଥିଲେ । ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ହେବା ପାଇଁ ମଧ୍ୟ ସଜ ହେଉଥିଲେ କିନ୍ତୁ ନିଜ ଦଳର ବିରୋଧ ଯୋଗୁଁ ପଛଘୁଞ୍ଚା ଦେଇଥିଲେ । ଯାହାକି ସବୁଠାରୁ ବଡ଼ ଭୁଲ ଥିଲା ବୋଲି ପଛରେ ସମସ୍ତେ ସ୍ୱୀକାର କଲେ । ତାଙ୍କ ଶାସନ କାଳ ଥିଲା ପଶ୍ଚିମବଙ୍ଗ ପାଇଁ ଏକ ସୁଖମୟ ସମୟ । ଚାଷୀମାନେ କ୍ଷେତରେ ସୁନାର ଫସଲ ଫଳିଲା । ବାମ ଦଳ ଶାସନକୁ ଆସିବା ପରେ କୃଷି ଅଭିବୃଦ୍ଧିରେ ପଶ୍ଚିମବଙ୍ଗ ଭାରତରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିଲା । କେବଳ ସେତିକି ନୁହେଁ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ସମୟରେ ସବୁଆଡ଼େ ଶିଖମାନଙ୍କ ହିଂସା ଆରମ୍ଭ ହୋଇଯାଇଥିବାବେଳେ ପଶ୍ଚିମବଙ୍ଗ ଉପରେ ଏହାର କୌଣସି ପ୍ରଭାବ ପଡ଼ିପାରିନଥିଲା । ଏହା କେବଳ ଜ୍ୟୋତି ବସୁଙ୍କ ପାଇଁ ସମ୍ଭବ ହୋଇପାରିଥିଲା । ୧୯୭୭ରୁ ୨୦୦୦ ମସିହା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହିବା ପରେ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସେ ୨୦୦୦ ମସିହାରେ ଏଥିରୁ ଇସ୍ତଫା ଦେଇଥିଲେ । ଶେଷରେ ୨୦୧୦ ମସିହା ୯୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା ।


ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦





## ଶ୍ରାବଣ

### ଜିତେନ୍ଦ୍ର ଚନ୍ଦ୍ର ସାହୁ



ଧୁ ଧୁ ଖରା କେତେ ଗାଧୋଇଛି ଧରା
ସୃଷ୍ଟି ନିୟମ ଚକ୍ରର
ନୁଖୁରା ଶରୀରେ ପ୍ରାଣ ସଞ୍ଚାରିଛି
ଶ୍ରାବଣର ବାରି ଧାର ।

ଜଳ, ସ୍ଥଳ,ନଭ ରୂପ ବଦଳାଇ
ଦିଶଇକି ମନୋହର
ପ୍ରାଣୀ ପ୍ରାଣ ଜାଗେ ତୁମ ଆଗମନେ
ଜୀବ ଜୀବନ ଆଧାର ।

ଚଉଦିଗ ସାରା ଶସ୍ୟ ଶ୍ୟାମଳା
ତରୁ ତୃଣ ଲତାଙ୍କର
ହସେ କୃଷି କ୍ଷେତ୍ର ସ୍ପର୍ଶେ କାହା କର
ମୁଖେ ଦେବାକୁ ଆହାର ।

ଭିମ ଭୈରବ ରୂପ କାନ୍ତି କେବେ
କେବେଟି ଶାନ୍ତ ସୁଧାର
ଡହଳ ବିକଳ କରାଅ ଜୀବନ
ଝରିଲେ ଟି ନିରନ୍ତର ।

ଜୀବନ ସଭିଙ୍କ ସୁଖ ଦୁଃଖ ଭରା
ତୁମେ ତ ଚାରି ଦିନର
ତୁମେ ଗୋ ଶ୍ରାବଣ ସମୟ ହସ୍ତରୁ
କିପରି ହୋଇବ ଦୂର ।


ବସୋଇ, ପରଜଙ୍ଗ, ଢେଙ୍କାନାଳ
ମୋ: ୯୭୭୬୪୫୪୮୦୦


## କେମିତି ଅଛି ନନ୍ଦଦାସ

### ରତ୍ନାକର ରାଉତ



ନନ୍ଦଦାସ ଆଖିକୁ ନିଦ ଆସୁନି
ଝାପ୍‌ସା ଆଲୁଅରେ
ସେମିତି ଛାତକୁ ଚାହିଁ ଚାହିଁ ବିତୁଛି ସାରା ସମୟ
ଘଣ୍ଟାର ଟିକ୍‌ଟିକ୍ ଶବ୍ଦ
ହାତୁଡ଼ି ପାହାର ପରି ଶୁଭୁଛି
ଯେମିତି ଲମ୍ବି ଲମ୍ବି ଯାଉଛି ରାତି
ସରିବାର ନାଆଁ ଧରୁନି ।

ଏବେ ନିଜକୁ ଖୋଜିବାକୁ ପଡୁଛି
ଯେତେ ଆଖି ବନ୍ଦ କରି ଶୋଇବାକୁ
ଚାହିଁଲେବି'
ମୁଦିଲା ଆଖିରେ ସବୁ ଜଳଜଳ ହୋଇ ଦିଶୁଛି
ଆଖି ବୁଜିଲେ ଯେପରି ଆଗରୁ ଘୋଟି
ଆସୁଥିଲା ଅଂଧାର
ସେ ଅନ୍ଧାର କାହିଁ
ବରଂ ବନ୍ଦ ଆଖି ଭିତରେ
ଆଲୁଅର ରୋଶଣି ଲାଗିଛି ।

କେଉଁ ବିତିଲା ଦିନର ଘଟଣା, ଦୁର୍ଘଟଣା ସବୁ
କୁଆଡ଼େ କେଉଁ ଅପନ୍ତରାରେ
ଅବଲୁପ୍ତ ହୋଇ ସାରିଥିଲେ କେଉଁ କାଳୁ
ସେମାନେ ସେମିତି ସଜ ଘଟଣା ଭଳି
ନାଚିନାଚି ଯାଉଛନ୍ତି ଆଖି ଆଗରେ ।

କେତେଦିନ ବିତିଗଲାଣି ଏହା ଭିତରେ
ଫସିଲ ହୋଇ ଯାଇଥିବା କାହାଣୀ ସବୁ
ଚଳଚିତ୍ରର ଛବି ପରି ଆଖି ସାମ୍ନାରେ ଭାସୁଛି
ସମାଧି ଭିତରୁ କଙ୍କାଳ ଉଠିଆସି
ସଶରୀରରେ ଉଭା ହେବା ଭଳି
କେତେ କଥା, କେତେ ଅବ୍ୟକ୍ତ ଅନୁଭୂତି
କେତେ ପାସୋରି ଯାଇଥିବା କ୍ଷତର
ଅସହ୍ୟ ବେଦନା ଓ ପୀଡ଼ା
ମନରେ ଉଙ୍କି ମାରୁଛି ।

କ୍ଷତ ଚେଇଁଲେ ଯେପରି ରକ୍ତ ଝରେ
ସେପରି ପୁଣି ସେହି ପୁରୁଣା ଘାଆରେ
ଯନ୍ତ୍ରଣାରେ
ଦୁଃଖୀ ହୋଇ ଯାଉଛି ପ୍ରାଣ
ପୁନର୍ବାର ସେହି କଣ୍ଟାର ଆଘାତ ସହିବାକୁ
ହେଉଛି
ଏସବୁ ହେଉଛି କାରଣ ନିଦ
ଅଭିମାନରେ କେତେ ଦିନ ହେଲାଣି
ଛାଡ଼ି ଚାଲି ଯାଇଛି ।

ଦିନ ଥିଲା ଘଣ୍ଟାରେ ଦଶ ବାଜିଲେ
ଏବେର ସମୟରେ ପାକଳ
ହୋଇନଥିବାବେଳେ ରାତି
କାହିଁ କୁଆଡୁ ମାଡ଼ିଆସୁଥିଲା ଘନ ଘୋର ନିଦ
ଏବଂ ଗଭୀର ନିଦରେ ବିତିଯାଉଥିବା
ସାରାରାତି
ସମୟ ଜଣା ପଡୁନଥିଲା
ସକାଳ କୋଳାହଳରେ ଭାଙ୍ଗୁଥିଲା ନିଦ ।

ନିଦ କେତେ ସରାଗରେ ଆଉଁସି ଦେଉଥିଲା
ଆଖିପତା
ସେ ସୁଦିନ ସବୁ ଏବେ ସ୍ୱପ୍ନ ହୋଇ ସାରିଛି ।

ଏବେ ଆଗରେ ଯୋଜନ ଯୋଜନ ରାସ୍ତା
ଅସରା ଦିନ ଓ ଅସରା ରାତିର ଆବେଶରେ
ନନ୍ଦଦାସ ମ୍ରିୟମାଣ
ପାଖରେ କିଏ ଅଛି ଯେ
ଭାବ ବିନିମୟ କରିଦେଲେ
ମନ ଭିତରୁ ଓହ୍ଲେଇ ଯିବ
ପୁଂଜିଭୂତ ଏକଲାପଣ ।

ସଭିଏଁ ଅଣନିଃଶ୍ୱାସୀ ଦଉଡ଼ରେ ମାତିଛନ୍ତି
ଗଳଦ୍‌ଘର୍ମ ହୋଇ ଅବିଶ୍ରାନ୍ତ ଦଉଡୁଛନ୍ତି
ଛୁଇଁବାକୁ ଶିଖର,
ମାତ୍ର ସଭିଙ୍କ ପାଇଁ ଶିଖରତ' ସବୁବେଳେ
ସହଜ ଲଭ୍ୟ ନୁହେଁ
ଅନେକଙ୍କ ପାଇଁ ତାହା ସଦା କାଳେ
ଦୂର ଗଗନର ତାରା, ଅମାବାସ୍ୟାର ଜହ୍ନ ।

ନନ୍ଦଦାସ ତ' ସେମାନଙ୍କ ମଧ୍ୟରୁ ଜଣେ
ସେ ଅନେକ ଦଉଡ଼ିଲା କେତେ କାଳ
ବିତେଇ ଦେଲା ଜୀବନର ମହାର୍ଘ ସମୟ
ତୁଚ୍ଛା ପ୍ରଲୋଭନରେ ଆବିଷ୍ଟ ହୋଇ ।

ଏବେ ଅପରାହ୍ଣର ମଉଳା ଖରାରେ
ସେ ଖୋଜୁଛି ଜୀବନର ରାହା
ଜୀବନ ତାକୁ ଖତେଇ ହେଉଛି ରହିରହି
ସୂଚେଇ ଦେଉଛି ତାକୁ ବାରମ୍ବାର
ଯେବେ ଜୀବନକୁ ଜିଇଁବାର ଥିଲା ଆନନ୍ଦରେ
ସେବେଳେ ବୃଥାରେ ଖର୍ଚ୍ଚ କଲୁ ସମୟ
ଅଯଥା ଦଉଡ଼ରେ ମାତି
ଚାହୁଁ ଚାହୁଁ ସେହି ଫୁଲ ଫୁଟା ଦିନ ଗୁଡ଼ିକ
ବହିଗଲା ପାଣିପରି ।

ଜୀବନକୁ ଖୋଜି ନ ପାଇବାର ଅବସୋସରେ
ହଜିଲା ଦିନକୁ ଏବେ ଯେତେ ଖୋଜିଲେ
କାହିଁ ମିଳିବରେ ପାମର
ସେସବୁ ତ' ଅତୀତ
ତୋଠାରୁ ଦୂର, ବହୁତ ଦୂର
ଗଲାଯିଏ ବାହୁଡ଼ି ଥରେ
ସେ କଣ କେବେ ଏଠାକୁ ପୁଣି ଥରେ ଫେରେ
ସେ ସମୟ ହେଉକି ହେଉ ମଣିଷ ।

ନନ୍ଦଦାସର କଣ ଆଉ ବଳଅଛି ନା ଅଛି ବୟସ
ସେ ପୁଣିଥରେ ଚାହିଁଲେ ଫେରିବ ଜୀବନକୁ
ଗଢ଼ିବ ଏମିତି ଏକ ଦୁନିଆ
ଯେଉଁଠି ମଉଳା ଫୁଲର ପାଖୁଡ଼ା ସାଇତିବାକୁ ବି'
ଅନେକଙ୍କର ଭିଡ଼ ଲାଗିଥିବ
ଝରାପତ୍ର ମାନଙ୍କର ନିଆରା ଆସରବି'
ଆଚମ୍ବିତ କରୁଥିବ ଦେଖିଲା ଲୋକଙ୍କୁ
ସେଠାରେ କୋଳାହଳ ନଥିଲେ ମଧ୍ୟ
ନଥିବ ଖାଁ ଖାଁ ନିଶୂନ, ନିର୍ଜନ ଭାବ
ନିଥର ଶୂନ୍ୟତା ଓ ଅସହଣୀୟ ନିରବତା ।


+ଭୁବନେଶ୍ୱର








କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୯୪)

### ଶ୍ରୀରାମଙ୍କ ଯଜ୍ଞ ସଭାରେ ଲବକୁଶ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପିତା ଓ ଚାଚାଙ୍କୁ ପରାସ୍ତ କରି ତାଙ୍କୁ ମୂର୍ଚ୍ଛିତ କଲେ ଲବ କୁଶ। ସାଙ୍ଗରେ ବାନ୍ଧିନେଲେ ବୀର ହନୁମାନ ଓ ଜାମ୍ବବଙ୍କୁ। ମିନା ଅପା ରାମାୟଣ ଆରମ୍ଭ କଲେ।

ଆଶ୍ରମରେ ପହଂଚି କୁଶ ହନୁମାନ ଓ ଜାମ୍ବବଙ୍କୁ ଜଗି ରହିଲେ ଓ ଲବ କହିଲେ ମା'ଙ୍କଠାରୁ ଖାଇବାକୁ ଆଣିବାକୁ। କୁଶ କାହିଁକି ଆସିଲାନି ବୋଲି ସୀତା ପଚାରିବାରୁ ଲବ ତାଙ୍କୁ କହିଲେ ଭାଇ ବାନ୍ଧି ଆଣିଥିବା ଦୁଇ ଜନ୍ତୁଙ୍କୁ ଜଗି ବସିଛନ୍ତି। କୌତୁହଳ ଦମନ ନ କରିପାରି ମାତା ସୀତା ବାହାରକୁ ଆସିଲେ ଓ ସେ ଯାହା ଦେଖିଲେ ତାକୁ ବିଶ୍ୱାସ କରିପାରିଲେ। ବୀର ହନୁମାନ ଓ ଜାମ୍ବବ ବଂଧା ହୋଇଛନ୍ତି ଓ ତାଙ୍କୁ ଜଗି ବସିଛନ୍ତି କୁଶ।

ମାତା ସୀତାଙ୍କୁ ସେଠାରେ ଦେଖି ହନୁମାନ ଆଶ୍ଚର୍ଯ୍ୟ ହେଲେ ଓ ତାଙ୍କୁ ଯୁଦ୍ଧର ସକଳ ବିବରଣୀ ଦେଲେ। ସେ ଏକଥା କହିଲେ ଯେ ଲବ ଓ କୁଶଙ୍କ ଶର ପ୍ରଭୁ ଶ୍ରୀରାମ ଓ ତାଙ୍କ ଭାଇମାନଙ୍କୁ ଅଚେତ କରିଛି। ହନୁମାନଙ୍କଠାରୁ ଏ ଖବର ପାଇ ସୀତା ବ୍ୟଥିତ ହୋଇ ଉଠିଲେ ଓ ସଂଗେ ସଂଗେ ପ୍ରଭୁ ଶ୍ରୀରାମ ଓ ଅନ୍ୟମାନେ ଅଚେତ ହୋଇ ପଡ଼ିଥିବା ଜାଗାକୁ ଗଲେ। ବାଲ୍ମୀକି ଋଷି ମଧ୍ୟ ସବୁ କଥା ଜାଣିଯାଇଥିଲେ ଓ ସେଠାରେ ପହଂଚିଗଲେ। ମାତା ସୀତା କ୍ରନ୍ଦନ କରି ଲବ କୁଶଙ୍କୁ କହିଲେ- "ତୁମ ପିତା ଓ ଚାଚା ତୁମ ଶରାଘାତରେ ଅଚେତ ହୋଇଛନ୍ତି। ଏ କଥା ଶୁଣି ଲବ କୁଶ ମଧ୍ୟ କ୍ରନ୍ଦନ କରିବାକୁ ଲାଗିଲେ।

ବାଲ୍ମୀକି ଋଷି ସମସ୍ତଙ୍କୁ ପ୍ରବୋଧନା ଦେଲେ ଓ ସୀତାଙ୍କୁ ଲବ କୁଶଙ୍କୁ ନେଇ ଆଶ୍ରମକୁ ଯିବାକୁ କହିଲେ। ସେମାନେ ଗଲାପରେ ବାଲ୍ମୀକି ମନ୍ତ୍ରଜଳ ସିଂଚି ରାମ ଓ ତାଙ୍କ ଅନୁଚରମାନଙ୍କ ଚେତା ଫେରାଇ ଆଣିଲେ।

ନିଦରୁ ଉଠିଲା ପରି ଶ୍ରୀମ ଚେଇଁ ଉଠିଲେ। ସେ କିନ୍ତୁ ଏ କଥା ସ୍ମରଣ କରିପାରିଲେ ଯେ ସେ ଦୁଇଜଣ ଦିବ୍ୟ ବାଳକଙ୍କ ଦ୍ୱାରା ଯୁଦ୍ଧରେ ପରାଜିତ ହୋଇଥିଲେ। ବାଳକଙ୍କ ପରିଚୟ ଜାଣିବାକୁ ସେ ଋଷି ବାଲ୍ମୀକିଙ୍କୁ ଅନୁରୋଧ କଲେ। ବାଲ୍ମୀକି ପିତା- ପୁତ୍ରଙ୍କ ମିଳନ ଲାଗି ଏକ ଉପଯୁକ୍ତ ସମୟର ଅପେକ୍ଷା କଲେ ଓ ପିଲାଙ୍କ ପରିଚୟ ଦେଲେ ନାହିଁ। ବରଂ ଶ୍ରୀରାମଙ୍କୁ ଯଜ୍ଞ ଅଶ୍ୱକୁ ନେଇ ଯଜ୍ଞ କାର୍ଯ୍ୟ ସମାପ୍ତ କରିବାକୁ ଅନୁରୋଧ କଲେ।

ଅଯୋଧ୍ୟା ନଗରୀରେ ପହଂଚି ଶ୍ରୀରାମ ଅଶ୍ୱମେଧ ଯଜ୍ଞ ସାରିବାକୁ ଚେଷ୍ଟା କଲେ। ଯଜ୍ଞ ଲାଗି ବିଭିନ୍ନ ଦେଶରୁ ରାଜା ଓ ମୁନି ଋଷିମାନେ ଆସିଥିଲେ। ଯଜ୍ଞ କାମ ସୁରୁଖୁରୁରେ ଚାଲିଲା।

ଏହି ସମୟରେ ବାଲ୍ମୀକି ମୁନି ସ୍ଥିର କଲେ ଯେ ସେ ଲବ କୁଶକୁ ନେଇ ଅଯୋଧ୍ୟା ଯିବେ ଓ ପିତା ପୁତ୍ରଙ୍କୁ ମିଳାଇବେ। ଲବ କୁଶଙ୍କୁ ସାଙ୍ଗରେ ଧରି ସେ ଅଯୋଧ୍ୟା ବାହାରିଲେ। ସେଠାରେ ପହଂଚିବା ଆଗରୁ ସେ ଲବ କୁଶଙ୍କୁ କହିଲେ - "ହେ ମୋର ପ୍ରିୟ ଶିଷ୍ୟ ଲବ ଓ କୁଶ, ତମକୁ ଶିକ୍ଷା ଦେଇଥିବା ବିଭିନ୍ନ ବିଷୟ ଭିତରୁ ଅସ୍ତ୍ର ଶିକ୍ଷା ଓ ସଂଗୀତ ଶିକ୍ଷା ସର୍ବୋତ୍ତମ। ଅସ୍ତ୍ର ଶିକ୍ଷାରେ ତୁମେ ପାରଙ୍ଗମ- ଏ କଥା ପ୍ରମାଣ କରି ସାରିଛ। ଶ୍ରୀରା ଓ ତାଙ୍କ ଭାଇମାନଙ୍କୁ ଯୁଦ୍ଧରେ ପରାସ୍ତ କରି ଏ କଥା ପ୍ରମାଣ କରିଛ ଯେ ତୁମେ ଏ ସମୟର ଶ୍ରେଷ୍ଠ ଧନୁର୍ଦ୍ଧର। ଏବେ ସଂଗୀତ ଶିକ୍ଷାର ଶ୍ରେଷ୍ଠ ପ୍ରମାଣ କରିବାର ସମୟ। ଏ ଗ୍ରନ୍ଥ 'ରାମାୟଣ' ମୁଁ ଲେଖିଛି। ଏବେ ତୁମେ ଦୁଇଜଣ ତୁମ ସୁଲଳିତ କଣ୍ଠରେ ଏ ରାମାୟଣ ଗ୍ରନ୍ଥର ଗାନ କରିବ।





ବାଲ୍ମିକୀ ଋଷିଙ୍କ ସହିତ ଲବ କୁଶ ଅଯୋଧ୍ୟା ନଗରୀରେ ପହଂଚିଗଲେ। ଚାଲୁ ଚାଲୁ ଦୁଇ ଭାଇ ରାମାୟଣ ଗ୍ରନ୍ଥ ଗାୟନ କରିବା ଆରମ୍ଭ କଲେ। ବୀଣା ବାଦନ ସହିତ ଲବ କୁଶ ତାଙ୍କ ସୁଲଳିତ କଣ୍ଠରେ ରାମାୟଣ ଗ୍ରନ୍ଥ ଗାନ କରିବା ମାତ୍ରେ ତାଙ୍କ ଚାରିପଟେ ଅଯୋଧ୍ୟାର ନରନାରୀ ଏକତ୍ରିତ ହୋଇଗଲେ। ରାମାୟଣ ଗ୍ରନ୍ଥର ମହତ୍ତ୍ୱ ସେପରି। ଗ୍ରନ୍ଥ ଗାନ କେବଳ ଅଯୋଧ୍ୟାର ଲୋକଙ୍କ ମନ ମୋହିଲାନି, ଏପରି ଲାଗିଲା ଅଯୋଧ୍ୟାର ସ୍ଥାବର ଜଙ୍ଗମ ମଧ୍ୟ ରାମାୟଣ ପାଠ ଶୁଣୁଛନ୍ତି।

ଲବ କୁଶ ଠିକ୍ ଶ୍ରୀରାମଙ୍କ ପରି ଦେଖା ଯାଉଥିଲେ। ତାଙ୍କ ଅପୂର୍ବ ରୂପକାନ୍ତି ଅଯୋଧ୍ୟା ନରନାରୀଙ୍କ ମନ ମୋହି ନେଇଥିଲା।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧



ନଗେନ୍ଦ୍ର ନାଥ ପଟ୍ଟନାୟକ

## ସୁନେଲି ଶାରୀ ଓ ଚଢେଇଆ

କାରୁ ଚଢେଇଆର ଗୋଟିଏ ବୋଇଲେ ପୁଅ। ନାଆଁ ରାମୁ। ପାଠ ପଢିବାକୁ ତାର ଭାରି ଇଚ୍ଛା। ବିଦ୍ୟାଳୟ ତା ଘରଠୁ କେଇକୋଶ ଦୂର। ପାଦଚଲା କଚ୍ଚାରାସ୍ତାରେ ଚାଲିଚାଲି ଯିବାକୁ ପଡେ। ହେଲେ ଗରିବି କାରୁ ଚଢେଇଆର ପିଛା ଛାଡୁ ନ ଥାଏ। ଆଗପଛ ହୋଇ ରାମୁର ଦୁଇଟି ଭାଇ-ଭଉଣୀ। ସମୟ



ହାତରେ ବହୁତ କମ୍, ସେ ଭିତରେ ତାକୁ ବାପା ବଢେଇଆ କାମରେ ସାହାଯ୍ୟର ହାତ ବଢାଇବାକୁ ପଡିଥାଏ। ଜାଲ ଫାଶରେ ଚଢେଇ ଧରିବା ଓ ଜୀବଜନ୍ତୁକୁ ମାରିବା କାମକୁ ରାମୁ ନାପସନ୍ଦ କରୁଥାଏ। ସେ ତ ପଢାଲେଖାର ସୁନେଲି ସପନ ଦେଖେ। କିନ୍ତୁ ବାପା କାରୁ ଚଢେଇଆ ତା ଜାଲଫାଶରେ ଚଢେଇ ଶିକାର କରିବା, ନିର୍ମମ ଭାବେ ତାକୁ ମାରିବା ଓ କାଟିବାର ସପନ ଦେଖିଚାଲେ। ଦିନେ ରାତିରେ କାରୁ ଗୋଟେ ଅଜବ ସପନ ଦେଖିଲା-ସେ ବିଛେଇଥିବା ଜାଲରେ ଖୁବ୍ ସୁନ୍ଦେର ସୁନେଲି ଶାରୀଟିଏ ଫସିଯାଇଚି। କାରୁ ତାକୁ ଚଟ୍‌କିନା ଧରିନେଇ ଫିଂଜାରା ଭିତରେ ପୂରେଇଦେଲା। ବନ୍ଦୀ ହୋଇଥିବା ବିଚାରୀ ଶାରୀଟି ଛଟପଟ ହୋଇ ଫିଂଜରା ଭିତର ଚାରିପଟେ ବାଡେଇ ହେବାକୁ ଲାଗିଲା। ପୁଣି ହାଲିଆ ହୋଇ ଥରିବାକୁ ଲାଗିଲା। ଶାରୀ ଜାଣି ସାରିଥାଏ ଯେ ଚଢେଇଆ ତାକୁ ଅତି ନିଷ୍ଠୁର ଭାବେ ଫିଂଜରା ଭିତରେ ବନ୍ଦୀକରି ରଖିଚି। କିନ୍ତୁ ସେ ଅଦ୍ଭୁତ ଚଢେଇ ମଣିଷ ଭଳି କଥା କହିଚାଲିଲା–ଶୁଣ ଚଢେଇଆ, ତମେ ଯଦି ମତେ ମୁକ୍ତ କରିଦିଅ ମୁଁ ତମକୁ ଜଙ୍ଗଲରେ ଥିବା ଗୁପ୍ତ ସୁନାଭଣ୍ଡାରର ଠିକଣା ବତେଇଦେବି, ତୁମେ ରାତାରାତି ଧନୀ ପାଲଟିଯିବ। କାରୁ ଏକଥା ଶୁଣିଲା ସିନା ହେଲେ ନିଜ କାନକୁ ବିଶ୍ୱାସ କରିପାରିଲା ନାଇଁ। ସେ ବିସ୍ମୟଭରା କଂଠରେ ପଚାରିଲେ–କଣ ତୁ ସତ କହୁଚୁ ? ଶାରୀ ଦମ୍ଭର ସହିତ କହିଲା –ହଁ ସତ କହୁଚି, କିନ୍ତୁ ମୋ ଆଉ କିଛି ସର୍ତ୍ତ ରହିଚି। ପ୍ରଥମେ ସେ ଭଣ୍ଡାରରୁ ତୁମେ କେବଳ ଦୁଇମୁଠା ସୁନା ମୋହର ଉଠେଇବ। ସେତିକିରେ ତୁମେ ପରିବାର କୁଟୁମ୍ବଙ୍କୁ ବେଶ୍ ହସଖୁସିରେ ପୋଷିପାରିବ। ଶାରୀ ପୁଣି ଦୃଢ ସ୍ୱରରେ କହିଲା –ତୁମକୁ ବଚନ ଦେବାକୁ ପଡିବ ଯେ ତୁମେ କେବେ ବି ପଶୁପକ୍ଷୀଙ୍କୁ ହଇରାଣ ହରକତ କରିବ ନାଇଁ। ଏପରିକି ପୁଅ ରାମାକୁ ବି ଏ ପ୍ରକାର କାମଠୁ ଦୂରେଇ ରଖିବ . . . . ତାକୁ ପାଠ ପଢାଅ। ସେଉଠୁ ଚଢେଇଆ କହିଲା – ଠିକ୍ ଅଛି, ପହିଲେ ମତେ ସେ ସୁନାଭଣ୍ଡାର ଦେଖାଅ। କାରୁ ପୁଅ ରାମାକୁ ଫିଂଜରା ଧରାଇ ଦେଇ ତାକୁ ସଙ୍ଗରେ ଚାଲିବାକୁ ନିର୍ଦ୍ଦେଶ ଦେବା ସ୍ୱରରେ କହିଲା। ଦୁହେଁଯାକ ଶାରୀ ବତେଇଥିବା ମାର୍ଗରେ ଚାଲିବାକୁ ଲାଗିଲେ। ବାଟରେ ଚାଲୁ ଚାଲୁ ଘଂଚ ଜଙ୍ଗଲରେ ଏକ ବିରାଟ ବରଗଛ ନିକଟରେ ପହଁଚିଗଲେ। ଜଙ୍ଗଲ ମଝିରେ ଠିଆ ହୋଇଥାଏ ସେ ବରଗଛଟି, ଆକାଶକୁ ମୁଣ୍ଡଟେକି। ବରଗଛ ମୂଳେ ପଡିଥାଏ ଗୋଟେ ବିରାଟ ପଥର ଖଣ୍ଡ। ଶାରୀ ସେମାନଙ୍କୁ ସେଇଠି ଅଟକିବାକୁ କହିଲା। ଏଥର ଶୁଣ ଚଢେଇଆ, ମୁଁ ତମକୁ ଯୋଉ ସୁନାଭଣ୍ଡାର ଦେଖାଇବାକୁ ଯାଉଚି ତାକୁ ପାଇବାକୁ ହେଲେ ତୁମକୁ ଜୀବଜନ୍ତୁ ଶିକାର ଛାଡିବାକୁ ପଡିବ। ବାସ୍ କେବଳ ଦୁଇମୁଠା ସୁନା ବାହାର କରିବ। ଲୋଭ ଲାଳସା କରିବ ନାଇଁ। ସୁନା ପାଇବା ପରେ ମତେ ଫିଂଜାର ଭିତରୁ ମୁକ୍ତ କରିଦେବ। ଶାରୀ କିଛି ମନ୍ତ୍ର ପଢିବାରୁ ସେ ବିଶାଳ ପଥର ଖଣ୍ଡିକ ଆପଣାଛାଏଁ ନିଜ ଥାନରୁ ଘୁଚିଗଲା। ସେ ଭୂଇଁତଳେ ଏକ ପ୍ରଶସ୍ତ ଗାତ ଦେଖିବାକୁ ମିଳିଲା। ସେ ଗାତରେ ଚିକ୍‌ଚିକ୍ ଝଲସୁଥିବା ସୁନା ମୋହର ଦେଖା ଯାଉଥିଲା। ଏହା ଦେଖି କାରୁ ଆଖି ବିସ୍ମୟରେ ଖୋସି ହୋଇଗଲା। ଆଖି ପିଛୁଳାକେ ସେ ପୁଅ ରାମାକୁ ଇସାରା କଲା ଶାରୀକୁ ମୁକ୍ତ କରି ଦେବାପାଇଁ। ରାମା ସେଇଆ ହିଁ କଲା। ଶାରୀଟି ଫୁରକିନା ଉଡିଯାଇ ବରଗଛ ଶାଖା ଉପରେ ବସିପଡିଲା। କାରୁ ଝଟକିନା ଗାତ ଭିତରେ ହାତ ପୂରେଇ ଦୁଇ ଆଁଜୁଳା ସୁନା ମୋହର ବାହାର କରିଆଣିଲା। ହେଲେ ଅତି ଲୋଭରେ ସେ ତା ବୁଦ୍ଧି ହରେଇ ବସିଲା। ଶାରୀର ଉପଦେଶକୁ ଭୁଲିଗଲା। ପୁଣି କିଛି ସୁନା ମୋହର ବାହାର କରି ଆଣିବା ପାଇଁ ସେ ଗାତ ଭିତରେ ହାତ ପୂରେଇ ଦେଲା। . . . .ହେଲେ ଏ କଣ। ସେଇକ୍ଷଣି ବିରାଟ ପଥର ଖଣ୍ଡିକ ନିଜ ପୂର୍ବସ୍ଥାନକୁ ଘୁଂଚିଆସିଲା। ଫଳରେ ଗାତଟି ବୁଜି ହୋଇଗଲା। କାରୁ କୌଣସିମତେ ନିଜ ହାତରେ ପଥରଟିକୁ ଠେଲି ଜୀବନ ବିକଳରେ ପଦାକୁ ବାହାରି ଆସିଲା। ହେଲେ ସେ ଗୁରୁତର ଭାବେ ଆହାତ ହୋଇ ଯାଇଥିଲା। ଚଢେଇଆ ହାତ ଯୋଡିକ ଖଣ୍ଡିଆଖାବରା ଓ ରକ୍ତ ଜୁଡୁବୁଡୁ। ଭୀଷଣ ଯନ୍ତ୍ରଣାରେ ଛଟପଟ ହେଉଥାଏ ଲୋଭୀ ଚଢେଇଆ। ଗଛ ଶାଖାରେ ବେଶ୍ ଆରାମରେ ବସି ଶାରୀ ତାକୁ ଚେତେଇ ଦେଲା – ଅତିଲୋଭ କଲାରୁ ତୁମର ଏ ଦଶା। ସେଥିପାଇଁ ତୁମ ହାତ ଯୋଡିକ ଖଣ୍ଡିଆଖାବରା ହୋଇଗଲା। ଏବେ ତୁମେ ଆଉ ପଶୁପକ୍ଷୀଙ୍କୁ ନିର୍ଦ୍ଦୟ ଭାବେ ଶୀକାର କରିପାରିବ ନାଇଁ। ପୁଣି ମନେରଖ, ପୁଅ ରାମ ଦ୍ୱାରା ଏ କାମ କରାଇବ ନାଇଁ।

+ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଟିକି ପ୍ରଜାପତି

### ଧ୍ରୁବ ଚରଣ ବେହେରା।

ଉଡି ଉଡି ଯାଏ ପରଜାପତି
ଝାଡି ଦିଏ ଡେଣା ସୁନ୍ଦର ଅତି।
ଦେଖିବାକୁ ଲାଗେ ଭାରି ଡଉଲ
ବିଲ ବଣ ଡେଇଁ ଦେଖେ ଜଙ୍ଗଲ।
ନନା ଚିତ୍ର ଛଇ ଦେହେରେ ଦାଗ
ଫୁଲ ଖୋଜି ଯାଏ ତା' ପାଖେ ଆଗ।
କହି ଦିଏ ତା'ର ମନ ବାରତା
ସୁନ୍ଦର କାହାଣୀ ପ୍ରେମ କବିତା।
ଫୁଲ ସାଥେ ବସି ପରାଣ ମିତ
ମନେ ମନେ ଗାଏ ପ୍ରେମର ଗୀତ।
ସକାଳରୁ ସଞ୍ଜ ବୁଲଇ ସିଏ
କେତେ ଫୁଲଙ୍କର ପରାଣ ମୋହେ।
ତା' ହସ ଚୁମ୍ବନ ପରଶ ପାଇ
କୁସୁମର ମନ ଝୁମି ଯାଆଇ।



ବିଭୁର ଦାନରୁ ତା'ର ଜନମ
ଟିକି ପ୍ରଜାପତି ଅଟେ ତା' ନାମ।

+ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ.୮୩୨୮୯୩୦୫୫୪

## ଆମେ ବଢ଼ିବା ଆମେ ଗଢ଼ିବା

### କୀର୍ତ୍ତନ ସାହୁ

ଆସରେ ପିଲେ ଆସ
ପାଖରେ ମୋର ବସ
ଶୁଣରେ ଗପ
ଶୁଣରେ ଗୀତ
ମୁହଁରେ ରଖ ହସ।
ହୋଇଲେ ଖେଳ ବେଳ
ଖେଳିବା ମଜା ଖେଳ
ସଭିଏଁ ମିଶି
ହେବାରେ ଖୁସି
ନ ଥିବ କଳି ଗୋଳ।
ପଢ଼ିବା ଆମେ ପାଠ
କରିବା ନାହିଁ ମଠ
ଶିଖିବା ନୂଆ
କରିବା ନୂଆ
ଆମେରେ ଭଲ ଚାଟ।
ଏ ମାଟି ମାଆ ଆମ
ତା ପାଇଁ କରି କାମ
ଆମରି ଘର
ସରଗ ପୁର
କରି ରଖିବା ନାମ।
ଆସରେ ପିଲେ ଆସ
ହୃଦୟ ଖୋଲି ମିଶ
ଆମେ ବଢିବା
ଆମେ ଗଢ଼ିବା
ଆମରି ସୁନା ଦେଶ।

+ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର।
ମୋ: ୯୪୩୮୪୧୪୭୦୧

## କବିତା

ତୁମ ପାଇଁ

## ଗାଇବା ମଙ୍ଗଳ ଗୀତଟି

### ଅଶୋକ କୁମାର ପ୍ରଧାନ

ନୀଳ ଆକାଶରେ ମଉସୁମୀ ମେଘ
ବୁଲୁଅଛି ବୋଲି ଖୁସିରେ
ତା' ବୁଲିବା ଦେଖି ଆକାଶରୁ ଖରା
ଗଲେ ଯେ ଯୁଆଡେ ରୁଷିରେ।

ଖରାର ରୁଷିବା ଦେଖିକି ବରଷା
କହିଲା ହେ ଖରା ଭାଇନା
ଏବେ ଆଉ ତୁମେ ଏଇ ରାଇଜରେ
ଦେଖାଅନି ଜମା ଆଇନା।

ଆଠମାସ ହେଲା ଏ ରାଇଜ ସାରା
ଦେଖାଇଲ ତୁମ ପ୍ରଭାବ
ତୁମର ଦାଉରେ ଜଳିଲେ ସଭିଏଁ
ହେଲା ଜଳ ପୁରା ଅଭାବ।

ଜାଣିଛ ନା ନାହିଁ ଜଳ ବିନା ଏଠି
ରହିବେନି କିଏ ଗୋଟିଏ
କି ଲାଭ କୁହତ ଏମିତି କରମ
କରୁଥିଲେ ତୁମେ କୋଟିଏ।

ସବୁରି ବଦନ ଶୁଖିଅଛି ବୋଲି
ଆସିଲି ମୁଁ ଧାଇଁ ଧରାକୁ
ବିତରି ମୁଁ ଜଳ କରିବି ହରଷ
ସବୁ ଦୁଃଖୀ ଦରମରାକୁ।

ମୋତେ ଦେଖି ଦେଖ ଏ ମହୀ ହସୁଛି
ହସିଲାଣି ବନ ଝରଣା
ସତ କହୁଛି ମୁଁ ପରାଣ ବିତରି
ସୁଖ ଶିରୀ ଦେବି ଭରଣା।

ଫୁଲଫଳ ଭରା ହୋଇଲେ ଧରଣୀ
ଚାଲିଯିବି ମୁଁ ମୋ ବାଟରେ
ତୁମ ପରି କାହିଁ ହୀନସ୍ତା କରିବି
ବାଟେ ହାଟେ କିବା ଘାଟରେ।

ବରଷା କଥାକୁ ଶୁଣି ଖରା ଭାଇ
କହିଲା ଦୁଃଖିତ ମନରେ
ଖରା-ବରଷା ଓ ସୁଖ ଦୁଃଖ ସବୁ
ବିଧିର ବିଧାନ ଧନରେ।

ମୁଁ ନଥିଲେ ତୁମେ ଏତେ ସାରା ଜଳ
ଆଣନ୍ତ କେଉଁଠୁ କୁହତ
ଅଯଥାରେ କାହିଁ ମୋତେ ଦୋଷ ଦେଇ
ଫେରାଇ ନେଉଛ ମୁହଁ ତ।

ଖରା କଥା ଶୁଣି କହିଲା ବରଷା
ଆମେ ଦୁହେଁ ପରା ମିତଟି
ଋତୁ ଅନୁସାରେ ଜନହିତ କରି
ଗାଇବା ମଙ୍ଗଳ ଗୀତଟି।

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

## ସେଦିନ କୁଆଡ଼େ ଗଲା

### ନୀଳମଣି ଚାନ୍ଦ

ତୋଟାମାଳବଣ ରହିଥିଲା ଭରି
ଆମ ଚାରିପାଖେ ସାଙ୍ଗ ସାଥୀ ପରି
ସେମିତି ଦିଶୁନି ଭଲା
ଆମେ ବସି ବସି ଭାବୁଥାଉ ଆଜି
ସେ ସ୍ଥ କୁଆଡ଼େ ଗଲା।
ଥିଲାରେ ପାହାଡ଼ ପର୍ବତ ପୂରି
ଏବେ ତ ମିଳେନା ଦେଖୁଥିଲେ ଘୂରି
ସେ ସବୁ କୁଆଡ଼େ ଗଲା
ନ ଜାଣିବା ପରି ଦୋଷ ନ ମୁଣ୍ଡେଇ
ମିଛେ କରୁ ଆମେ ହଲ୍ଲା।
ଆଗେରେ ବରଷା ଦେଉଥିଲା କାଟି
ଆନନ୍ଦରେ ମନ ଯାଉଥିଲା ନାଚି
ବରଷା ବଢିଆ ଥିଲା
ଏବେ ଝରୁନାହିଁ ନଈ ଭରୁନାହିଁ
କାରଣ କହୁ ସେ ପିଲା।
ଚାଳରୁ ପାଣିଟି ଆଗେ ପଡ଼ି ତଳେ
ଫୋଟକାଟି ହେଉଥିଲା କଉଶଳେ
ଫାଟୁଥିଲା ଟିକେ ପରେ
ତାଳପତ୍ର ଛତା ଚାଷୀର ପଖିଆ
ଏବେ ତ ଦିଶେନି ଥରେ।
ଅଷାଢୁଆ, କେଶୁର ତ ମିଳୁନାହିଁ
ସାଧବପୋକଟି ସ୍ୱପ୍ନ ଆମ ପାଇଁ
ଫୁଟୁନାଇଁ କିଆ ଭଲା
ଭାସୁନି କାଗଜଡଙ୍ଗା ଆଗପରି
ସେଦିନ କୁଆଡ଼େ ଗଲା।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭



## ଟୁପୁରୁ ଟୁପୁ ଟୁପୁରୁ ଟୁପୁ....

### ରାମଚନ୍ଦ୍ର ବେହେରା

ଟୁପୁରୁ ଟୁପୁ ଟୁପୁରୁ ଟୁପୁ
ବରଷା ପଡେ ଝରି
ତା'ର ପରଶେ ବିଲ ବାଡିରେ
ଫସଲ ଯାଏ ଭରି।

ଟୁପୁରୁ ଟୁପୁ ଟୁପୁରୁ ଟୁପୁ
ଝରେ ଶୀତଳ ଜଳ
ଗାଆଁ ଦାଣ୍ଡର ସୁଅରେ ଦିଶେ
କାଗଜ ଡଂଗା ମାଳ।

ମଉସୁମୀର ଆଗମନରେ
ମାଟି ଗଲାଣି ଭିଜି
କୃଷକ ଭାଇ ହରଷ ମନେ
କାମେ ଗଲାଣି ମଜ୍ଜି।

ଟୁପୁରୁ ଟୁପୁ ଟୁପୁରୁ ଟୁପୁ
ବରଷେ ଦିନ ରାତି
ଛତା ପଖିଆ ବରଷା କାଳେ
ଦିଏ ସଭିଂକ ସାଥୀ।

ଶୁଖିଲା ନଦୀ ନାଳ ପୋଖରୀ
ଧୀରେ ଗଲେଣି ପୂରି
ସାଧବ ବୋହୁ ତା'ର ଚାଲିରେ
ଖୁସି ଦେଲାଣି ଭରି।

ଟୁପୁରୁ ଟୁପୁ ଟୁପୁରୁ ଟୁପୁ
ପାଣି ଆମ ଜୀବନ
ତା'ର ବଚତ କରିଲେ ଆମେ
ବଂଚିବ ଆମ ପ୍ରାଣ।

ବିନା କାରଣେ ପାଣିକୁ ଆମେ
କରିବା ନାହିଁ ନଷ୍ଟ
ବୁଝି ବିଚାରି ଖରଚ କଲେ
ଦୂର ହେବ ସଂକଟ।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ସମାଜସେବୀ ଶଶାଙ୍କ ଶେଖର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ

କନ୍ଧମାଳ, ୦୭/୦୭ (ନି.ପ୍ର): ବନାନୀ କଳା ସଂଗମ ଠାରେ ଶଶାଙ୍କ ଶେଖର ସ୍ମୃତି କମିଟି ପକ୍ଷରୁ ବରିଷ୍ଠ ସମାଜସେବୀ ଶଶାଙ୍କ ଶେଖର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଦସ୍ୟ ମାନେ ସ୍ୱର୍ଗତ ଶଶାଙ୍କର ଫଟୋ ଚିତ୍ରରେ ଦୀପଦାନ କରି ପୁଷ୍ପ ମାଲ୍ୟ ଅର୍ପଣ କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଗତ ୨୦୨୨ ଜୁଲାଇ ମାସ ୫ ତାରିଖରେ ତାଙ୍କ ଫାର୍ମ ହାଉସରେ ଟ୍ରାକ୍ଟର ଚଳାଉଥିବା ବେଳେ ଅସାବଧାନତାବଶତଃ ଟ୍ରାକ୍ଟର ତଳେ ଚାପି ହୋଇ ସମସ୍ତଙ୍କୁ ଛାଡି ଆରପାରିକୁ ଚାଲିଯାଇଥିଲେ। ସେ ପିଲାଟି ଦିନରୁ ସ୍ୱଷ୍ଟବାଦି ଓ ଜିଦଖୋର ଥିଲେ। ସ୍ନାତକୋତର ଶିକ୍ଷା ଗ୍ରହଣ ପରେ ଚାକିରୀ ନ କରି ସାମାଜିକ ଅନୁଷ୍ଠାନ ଗଢିଥିଲେ। କଲେଜ ଜୀବନରେ ସାଧୁତା ଓ ନିଷ୍କପଟ ଯୋଗୁଁ ଅଳ୍ପ ବ୍ୟବଧାନରେ ନିର୍ବାଚନରେ ହାରିଯାଇଥିଲେ। କନ୍ଧମାଳ ଜିଲ୍ଲାର ନିଶା ନିବାରଣ ପାଇଁ ୨୦୧୧ ମସିହାରେ ଫୁଲବାଣୀ ଆକ୍ସନ ଗ୍ରୁପ ସହଯୋଗରେ ୧୩୫ ଦିନ ଗଣଧାରଣା କରି ଜିଲାରୁ ୨୨ ମଦଭାଟି ଉଚ୍ଛେଦ କରିବାରେ ସମର୍ଥ ହୋଇଥିଲେ। କୋଟଗଡ ବ୍ଲକରେ ଜଳଛାୟା କମିଟି ଗଠନ କରି ତତ୍କାଳୀନ ବିଡିଓ ଏବଂ ଉପଜିଲ୍ଲାପାଳ ସୁରେଶ କୁମାର ବଶିଷ୍ଠଙ୍କ ସହଯୋଗରେ ନିଶାନିବାରଣ କରିଥିଲେ। ପିଏଜିର ରୌପ୍ୟ ଜୟନ୍ତୀ ଅବସରରେ ସଫଳତାର ସହ ସାତ ଦିନିଆ ମହୋତ୍ସବ ଆୟୋଜନ କରି ଚର୍ଚ୍ଚାରେ ରହିଥିଲେ। ସେ କାହାରିକୁ ଭୟ କରୁନଥିଲେ।ଅନ୍ୟାୟ ଦୁର୍ନୀତିର ଘୋର ବିରୋଧ କରୁଥିଲେ। ଗରିବ, ଅସହାୟ ଏବଂ ସହଯୋଗ ଆବଶ୍ୟକ କରୁଥିବା ଲୋକଙ୍କୁ ବିନା ଦ୍ୱିଧାରେ ସହଯୋଗ କରୁଥିଲେ। ଗାଡି ପ୍ରତି ତାଙ୍କର କଲେଜ ଜୀବନରୁ ଭାରି ଦୁର୍ବଳତା ଥିଲା। କୃଷିର ବିକାଶ ପାଇଁ ଏକ ଫାର୍ମ କରି କୃଷକ ଭାବେ ନୂଆ ନୂଆ ଚାଷପଦ୍ଧତିରେ ସଫଳତା ପାଉଥିଲେ। ଫୁଲବାଣୀ ଓ ଖଜୁରୀପଡା ବ୍ଲକରେ ସମ୍ବଳ ବିକାଶ ସ୍ୱୟଂ ସହାୟକ ସମବାୟ ବ୍ୟାଙ୍କ ଖୋଲି ଲୋକଙ୍କୁ ସେବା ଯୋଗାଇ ଦେଉଥିଲେ। ଜିଲାର ଜନସାଧାରଣଙ୍କୁ ଠକେଇ କରୁଥିବା ଲୋକ ବା କର୍ମଚାରୀ ମାନଙ୍କୁ ଗାଳିଗୁଲଜ କରୁଥିଲେ ଓ ବିଭିନ୍ନ ସମସ୍ୟାର ଉତଥାପନ ଓ ସମାଧାନ ପାଇଁ ଜିଲା ବିକାଶ ପରିଷଦର ପ୍ରତିଷ୍ଠାତା ସଦସ୍ୟ ଥିଲେ।। ଦରଦୀ ହୃଦୟ ନେଇ ମଣିଷ ଭଳି ମଣିଷ ଟିଏ ଥିଲେ। ସବୁବେଳେ ଆଶାବାଦୀ ଥିଲେ। ସ୍ୱର୍ଗତ ଶଶାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକରେ ସହରର ସାମାଜିକ ସଂଗଠନ ବନବାସୀ, ଶାନ୍ତିମୈତ୍ରୀ, ସ୍ୱାତୀ, ପରିବେଶ, କଳିଙ୍ଗ ସେବା ସଦନ, ଫାରେଲ, ସାଲୁଙ୍କି, ଫିନାର କର୍ମକର୍ତା, ସାମ୍ବାଦିକ ଓ ବୁଦ୍ଧିଜୀବୀ ଯୋଗଦେଇ ତାଙ୍କ ବିଗତ କାର୍ଯ୍ୟାବଳୀର ସ୍ମୃତି ଚାରଣ କରିଥିଲେ। ସ୍ମୃତି ସଭାକୁ ଅଶୋକ ପରିଡା ସଂଯୋଜନା କରିଥିବା ବେଳେ ବ୍ରଜ ପଟ୍ଟନାୟକ, ଅନନ୍ତ ଚରଣ ମିଶ୍ର,ବଂଶୀଧର ପଣ୍ଡା, ଶାନ୍ତନୁ ମିଶ୍ର, ଭଗବାନ ମହାନ୍ତି, ଡଃ. ଅରୂପ ଜେନା, ଷଷ୍ଠୀ ପ୍ରସାଦ ମିଶ୍ର, ପିତାମ୍ବର ମିଶ୍ର, ରମେଶ ମହାନ୍ତି, ଶଙ୍କର ବେହେରା, ନାରାୟଣ ସାହୁ, କମଳା ବେହେରା, ବୈଦ୍ୟନାଥ ଖଟୁଆ, ପଦ୍ମ ଚରଣ ସାହୁ ପ୍ରମୁଖ ଶଶାଙ୍କର ଗୁଣାବଳୀ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ।

# ଡେଙ୍ଗୁ ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମ୍ପର୍କିତ ବୈଠକ

ଖୋର୍ଦ୍ଧା, ୦୭/୦୭ (ନି.ପ୍ର): ଗୁରୁବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡେଙ୍ଗୁ ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମ୍ବନ୍ଧରେ ସମ୍ମିଳନୀ ସଭା ଜିଲ୍ଲପାଳ କେ. ସୁଦର୍ଶନ ଚକ୍ରବର୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସି. ଡ଼ି.ଏମ. ଓ, ଡେଙ୍ଗୁ ରୋଗକୁ କିପରି ଭାବେ ପ୍ରତିରୋଧ କରାଯାଇ ପାରିବ ସେନେଇ ବିଭାଗୀୟ ଅଧିକାରୀ ମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଘରକୁ ଘର ବୁଲି ଲୋକ ମାନଙ୍କୁ ସତର୍କ କରିବା, ପାଣି ଜମି ରହିବାକୁ ନଦେବା, ପରିବା ଭେଣ୍ଡର ମାନଙ୍କୁ ସଚେତନ କରିବାକୁ ପ୍ରତ୍ୟେହ ସକାଳେ ଓ ସନ୍ଧ୍ୟାରେ ଫୋଗିଙ୍ଗ ମେସିନ ବୁଲାଇବାକୁ ସମସ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲା ପଂଚାୟତ ଅଧିକାରୀଙ୍କୁ ଗ୍ରାମ ପଂଚାୟତ ମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ସଚେତନତା କରିବା ଲିଫ ଲେଟ, ପୋଷ୍ଟର ମାଧମରେ ସଚେତନ କରାଇବାକୁ ପରାମର୍ଶ ଦିଆଯାଇଛି।ଏପରିକି ବସ ଷ୍ଟାଣ୍ଡ ମାନଙ୍କରେ ଅବ୍ୟବହୃତ ଗାଡି, ଗ୍ୟାରେଜ ବାହାରେ ପଡି ରହୁଥିବା ଟାୟାର ଗୁଡିକରେ ଯେପରି ବର୍ଷା ପାଣି ନଜମିବ ସେଥିପ୍ରତି ସଚେତନତା କରିବା ପାଇଁ ଆଂଚଳିକ ପରିବହନ ଅଧିକାରୀଙ୍କୁ ଶିଳ୍ପାଂଚଳ ଏରିଆରେ ପାଣି ଜମିବାକୁ ନଦେବା ପାଇଁ ଡିଆଇସିଙ୍କୁ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି, ଶିକ୍ଷା ବିଭାଗ, କଂଟ୍ରାକଟର ମାନଙ୍କୁ ସଚେତନତା ବାର୍ତା ପହଂଚେଇବା ପାଇଁ ବିଭାଗୀୟ ଅଧିକାରୀ ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଶିକ୍ଷାଧିକାରୀ ଓ ପୂର୍ତ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥଲେ। ଲିଫଲେଟ, ପୋଷ୍ଟର ମାଧମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଡ଼ଃ ପ୍ରଶାନ୍ତ କୁମାର ଦାଶ ଡିପିଏଚଓ , ଡ଼ଃ ରଘୁନାଥ ନାୟକ ଏଡିପିଏଚଓ, ଏସ. କେ. ପରିଡା.,ସିଡ଼ିଏଓ, ରିଜ୍ୱାନା କାଭାବ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ପଂଚାୟତ ଅଧିକାରୀ, ଶ୍ୟାମଳେନ୍ଦୁ ନାୟକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।ଏହି ସଭାକୁ ଡ଼. ଆର୍ତବନ୍ଧୁ ନାୟକ, ସ୍ୱାଗତ ଭାଷଣ ରଖିଥିଲା ବେଳେ ଡ଼ଃ ସୁଭାଶିଷ ମହାନ୍ତି, ଆଇଡି(ଭି ବି ଡି) କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଭିମଖୋଜରେ ବନ ମହୋତ୍ସବ

ସମ୍ବଲପୁର , ୦୬ଜୁଲାଇ (ହି.ସ)- ବୀରସିଂଗଡ ପଞ୍ଚାୟତ ସ୍ଥିତ ଭିମଖୋଜ ଠାରେ ଆଜି ମହାସମାରୋହରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକାନ୍ତ ପ୍ରଧାନ ସ୍ମୃତି ସଂସଦ ଆୟୋଜନରେ ଅନୁଷ୍ଠିତ ଏହି ବନ ମହୋତ୍ସବରେ ଅନେକ ଅନୁଷ୍ଠାନ, ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧି ଓ ସଂଗଠକ ମାନେ ସକ୍ରିୟ ସହଯୋଗ କରିଥିଲେ। ଏହି ଅଞ୍ଚଳରେ ପ୍ରାକୃତିକ ପରିବେଶ ସୃଷ୍ଟି କରି ଏକ ସନ୍ତୁଳିତ ବାତାବରଣ ତିଆରି କରିବାକୁ ମିଳିତ ଭାବେ ଭୀମଖୋଜ ଠାରେ ବୃକ୍ଷରୋପଣ ଭଳି ବୃହତ ଯୋଜନାକୁ ସଫଳ ରୂପାୟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୁଯୋମୁରା ପଞ୍ଚାୟତ ସମିତି ଅଧକ୍ଷା ମମତା ନାଏକ, ଉପଧକ୍ଷା ମନ୍ଦାକିନୀ ବିଶ୍ୱାଳ,ଗୋଷ୍ଠି ଉନ୍ନୟନ ଅଧିକାରୀ ନିଳାମ୍ବର ମହାନନ୍ଦ, ରେଞ୍ଜର ହରି ଶଙ୍କର ନାଏକ, ଶ୍ରୀକାନ୍ତ ପ୍ରଧାନ ସ୍ମୃତି ସଂସଦର ଉପଦେଷ୍ଟା ଶୁରେଶ୍ୱର ପ୍ରଧାନ, ଏନଏସ୍ଏସ୍ ପୋଗ୍ରାମ ଅଫିସର ଶାନ୍ତାନୁ ପ୍ରଧାନଙ୍କ ସହ ରୁଦ୍ର ଦେବାନନ୍ଦ ଆଚାର୍ଯ୍ୟ, ଶ୍ରୀନାଥ ପ୍ରଧାନ ମିଳିତ ଭାବେ ଆନୁଷ୍ଠାନିକ ପୂଜା ପାଠ କରି ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୁଲପାଲି ସ୍ଥିତ ପାର୍ବତୀ ଗିରି ଡିଗ୍ରୀ କଲେଜର ଏନଏସଏସ ଗ୍ରୁପ୍, ଯୁଯୋମୁରା ସମ୍ବାଦ ସାହିତ୍ୟ ଘର, ବନ ବିଭାଗ ଭିଏସ୍ଏସ୍, ଫରେଷ୍ଟ ଏଣ୍ଡ କ୍ଲାଇମେଟ୍ ବିଭାଗ ସହିତ ଶ୍ରୀକାନ୍ତ ସ୍ମୃତି ସଂସଦର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇ ବିଭିନ୍ନ ଔଷଧୀୟ ଓ ଉପାଦେୟ ବୃକ୍ଷରୋପଣ କରିଥିଲେ।

# ସମସ୍ୟାର ଆଶୁ ସମାଧାନ ନିମନ୍ତେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ

ମାଲକାନଗିରି, ୦୭/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଜଳଭଣ୍ଡାର ମଧ୍ୟରେ ରହିଥିବା ଗ୍ରାମ ଗୁଡିକର ରୋଗୀଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ମେଡିକାଲକୁ ଆଣିବା ପାଇଁ ଥିବା ୧୦୮ ବୋଟ ଆମ୍ବୁଲାନ୍ସର କର୍ମଚାରୀଙ୍କ ରହିବା ନିମନ୍ତେ ତାଙ୍କ ବେସ୍ କେମ୍ପ "କୁନ୍ତୁରୁ ପଦର" ଓ "ଓରା ପଦର" ରେ ଘରଟିଏ ନାହିଁ, ସେମାନେ ଏକ ପରିତ୍ୟକ୍ତ ଘରେ ରହୁଛନ୍ତି। ସେହି ଘରେ ବିଜୁଳିର ବ୍ୟବସ୍ଥା ନାହିଁ। ଗତ ୪ ଜୁନ୍ ୨୦୨୩ ରେ ଏହାର ଟିଣ ଛାତ ମଧ ଉଡିଯାଇଛି। ତେଣୁ ସେଠାର ଛାତ ମରାମତି, ବିଜୁଳି, ବଲ୍ବ, ପଙ୍ଖା ପ୍ରଭୃତିର ବ୍ୟବସ୍ଥା କରାଯାଉ। ବର୍ଷା ସମୟରେ ଯାତାୟତ ବେଳେ ରୋଗୀ, ସହଯୋଗୀ ଓ କର୍ମଚାରୀ ସମ୍ପୁର୍ଣ୍ଣ ଭିଜି (ଓଦା) ହୋଇଯାଉଛନ୍ତି। ଫଳରେ ରୋଗୀ ଅଧିକ ଗମ୍ଭିର ହୋଇ ପଡୁଛନ୍ତି। ଏଣୁ ବୋଟ୍ ଟିକୁ ବର୍ଷା ପ୍ରତିରୋଧ କରିବା ସହ କର୍ମଚାରୀଙ୍କୁ ବର୍ଷା ପ୍ରତିରୋଧ ବସ୍ତ୍ର ପ୍ରଦାନ କରାଯାଉ। ଜଳଭଣ୍ଡାରରେ ପବନର ଶୀତଳ ଗତି ବର୍ଷସାରା ସବୁବେଳେ ରହୁଛି। ଶୀତ ଦିନମାନଙ୍କରେ ଶୀତର ପ୍ରକୋପରୁ ରକ୍ଷା ନିମନ୍ତେ ରୋଗୀ ଓ କର୍ମଚାରୀଙ୍କୁ ଶୀତବସ୍ତ୍ର, କମ୍ବଳ (ଅତି କମ୍ରେ ୬ଟି) ଦିଆଯାଉ। ନେଟ୍ୱାର୍କ ସବୁବେଳେ ସମାନ ନଥାଏ ଏଣୁ ଓ୍ୱାର୍ଲେସ୍ କମ୍ୟୁନିକେସନ୍ ର ବ୍ୟବସ୍ଥା କଲେ ଅତ୍ୟାବଶ୍ୟକ ସମୟରେ ସହଜରେ ସମ୍ପର୍କ ସ୍ଥାପନ କରି ରୋଗୀଙ୍କୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇ ପାରିବ। ସିଗନାଲ୍ ର କ୍ଷମତା ବୃଦ୍ଧି କଲେ କୂଳରେ ଥିବା ଗାଁକୁ ଆମ୍ବୁଲାମ୍ସ ପହଂଚିବା ସୂଚନା ମିଳିପାରିବ ଓ ସମୟର ସ୍ୱଳ୍ପ ବିନିଯୋଗରେ ରୋଗୀଙ୍କୁ ସହଜରେ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ପାରିବ। ବୋଟ୍ ରେ ଥିବା ବ୍ୟାଟେରି ଅନେକ ସମୟରେ ଚାର୍ଜ୍ ରହୁନାହିଁ, ଏଣୁ ସୋଲାର ପେନାଲ୍ ର ବ୍ୟବସ୍ଥା କଲେ ସୂର୍ଯ୍ୟ କିରଣରେ ବ୍ୟାଟେରୀ ଚାର୍ଜ୍ ହେବ ଓ ବୋଟ୍ ଷ୍ଟାର୍ଟ୍ କରିବା ସହ ଚଲାଇବାରେ ସହଜ ହେବ। ଜଳଭଣ୍ଡାରରେ ଅନେକ ଗଛର ଖୁଂଟ ପାଣି ଭିତରେ ବୁଡି ରହିଛି, ବୋଟ୍ ଚଳାଇବା ସମୟରେ ପାଣି ଭିତରେ ନଦେଖାଯିବା ଯୋଗୁଁ ବହୁ ସମୟରେ ବୋଟ୍ ଚଳାଚଳରେ ଅସୁବିଧା ହେଉଛି। ଏଣୁ ବୋଟ୍ର ସମ୍ମୁଖରେ ଜଣେ ବ୍ୟକ୍ତିଙ୍କୁ ରାସ୍ତା ଦେଖାଇବା ନିମନ୍ତେ ବସାଇବାକୁ ପଡୁଛି, ଏଣୁ ବୋଟ୍ ଚାଳକଙ୍କ ସ୍ଥାନ ଓ ଷ୍ଟେରିଂକୁ ଉଚ୍ଚ ସ୍ଥାନରେ ରଖିବା ବ୍ୟବସ୍ଥା କଲେ ବୋଟ୍ ଆମ୍ବୁଲାନ୍ସ ଚଳାଇବାରେ ସହଜତା ହେବ। ଅନେକ ସମୟରେ ଚିତ୍ରକୋଣ୍ଡା ପହଂଚିବା ବେଳେ ରାତି ହୋଇଯାଉଛି। ସର୍ଚ୍ଚ ଲାଇଟ୍ ବିଶେଷ ଉଜ୍ଜ୍ୱଳ ନଥିବାରୁ ଅନେକ ସମୟରେ ବୋଟ୍ ର ଗତିକୁ ଅତି ଧିର କରିବାକୁ ପଡୁଛି। ଏଣୁ ଉଚ୍ଚ କ୍ଷମତାଯୁକ୍ତ ସର୍ଚ୍ଚ ଲାଇଟ୍ (ଟର୍ଚ୍ଚ) ପ୍ରଦାନ କରାଯାଉ। କୁନ୍ତୁରୁ ପଦରର ସେହି ଅସ୍ଥାୟୀ ଘରଟି ଗତ ୪ ଜୁନ୍ ୨୦୨୩ ରେ ଆଜ୍ବେଷ୍ଟସ ଛାତଟି ସମ୍ପୁର୍ଣ୍ଣ ନଷ୍ଟ ହୋଇଯାଇଛି, ବର୍ତମାନ ରୋଗୀଙ୍କ ସୂଚନା ପାଇବା ପରେ ବୋଟ୍ ଆମ୍ବୁଲାନ୍ସ ଚିତ୍ରକୋଣ୍ଡାରୁ ବାହରି ରୋଗୀଙ୍କୁ ଆଣିବାକୁ ଯାଉଅଛି। ଯାହା ଫଳରେ ଏହି ବୋଟ୍ ଆମ୍ବୁଲାନ୍ସ ସେବା ଆହୁରି ବିଳମ୍ବ ହୋଇପଡୁଛି। ଓଡିଶାର ବୋଟ୍ ଆମ୍ବୁଲାନ୍ସ ଚାଲିଥିବା ୪ ଜିଲ୍ଲାରୁ ମାଲକାନଗିରି ଜିଲ୍ଲାରେ ଏହାର ଆବଶ୍ୟକତା ଅନେକ ରହିଛି। ଦୁଇଟି ୧୦୮ ଆମ୍ବୁଲାନ୍ସ ଆମ ଉପାନ୍ତ ଅଂଚଳର ୧୦ ୨୭ କେନ୍ଦ୍ରରୁ ସହଜରେ ରୋଗୀଙ୍କୁ ଚିତ୍ରକୋଣ୍ଡା ଆଣି ପ୍ରତିବର୍ଷ ହଜାରରୁ ଅଧିକ ରୋଗୀଙ୍କୁ ଆରୋଗ୍ୟତା ଦେବାରେ ସହଯୋଗ କରୁଛି। ୩୭ କେନ୍ଦ୍ରରୁ ସହଜରେ ରୋଗୀଙ୍କୁ ଚିତ୍ରକୋଣ୍ଡା ଆଣି ପ୍ରତିବର୍ଷ ହଜାରରୁ ଅଧିକ ରୋଗୀଙ୍କୁ ଆରୋଗ୍ୟତା ଦେବାସହ ସେମାନଙ୍କ ଅମୁଲ୍ୟ ଜୀବନ ବଂଚାଇବାରେ ଯେଉଁ ପଦକ୍ଷେପ ୧୦୮ ବୋଟ୍ ଆମ୍ବୁଲାନ୍ସ ଗ୍ରହଣ କରିଛି ତାହ ସବୁବେଳେ ସ୍ୱାଗତଯୋଗ୍ୟ ରହିଛି। ସେମାନଙ୍କ କାର୍ଯ୍ୟ କରିବାର କ୍ଷମତା ବୃଦ୍ଧି ନିମନ୍ତେ ଉପର ଲିଖିତ ଉପକରଣର ଆବଶ୍ୟକତା ପୂରଣକଲେ ଆଉ ଅନେକ ରୋଗୀ ଏହି ସେବାର ଲାଭ ଉଠାଇ ପାଇପାରିବେ। ଏ ବିଷୟରେ ଏକ ସ୍ମାରକ ପତ୍ର ଆଜି ବିଶ୍ୱେଶ୍ୱର ଟୁଡୁ କେନ୍ଦ୍ରୀୟ ରାଷ୍ଟ୍ରମନ୍ତ୍ରୀ ଆଦିବାସୀ ଓ ଜଳ ଶକ୍ତି'' ଙ୍କୁ ଖଇରପୁଟ ଠାରେ ଦିଆଯାଇଛି। ସେ ଏଥିପ୍ରତି ଅତିଶିଘ୍ର ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଭଗବାନପୁର-ନାଳକୂଳ କେଲୁଅ ସେତୁ ବିପଦରେ

ଧର୍ମଶାଳା, ୦୭/୦୭ (ନି.ପ୍ର): ଯାଜପୁର ଜିଲା ବରୁହାଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଭଗବାନପୁର-ନାଳକୂଳ ନିକଟରେ କେଲୁଅ ନଦୀ ଉପରେ ସେତୁ ନିର୍ମାଣ କରାଯାଇଛି। ଏବେ ଏହି ସେତୁ ବିପଦସଙ୍କୁଳ ଅବସ୍ଥାରେ ପଡି ରହିଛି। ସ୍ଥାୟୀ ମରାମତି ଅଭାବରୁ ସେତୁ ଉପର କଂକ୍ରିଟ ବହୁ ସ୍ଥାନରେ ଉଠି ଗଲାଣି। ଫଳରେ ସେତୁ ଦେଇ ଯାତାୟତ କରୁଥିବା ଶହଶହ ଜନସାଧାରଣ ଏହି ସେତୁ ଉପରେ ଯିବାକୁ ଉଚିତ ମଣୁ ନାହାନ୍ତି। ଫଳରେ ସ୍ଥାନୀୟ ଅଂଚଳର ଜନସାଧାରଣ ଏହି ଦୃବଳ ସେତୁକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଧର୍ମଶାଳା,ବଡଚଣା,ରସୁଲପୁର ଓ ବରୀ ବ୍ଲକର ୨୦ଗୋଟି ପଂଚାୟତର ଦୈନିକ ଶହଶହ ଲୋକେ ସଦରମହକୁମାକୁ ଯିବା ଲାଗି ଏହି କେଲୁଅ ନଦୀରେ ଡଙ୍ଗାରେ ପାର ହୋଇ ଯାତାୟତ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଏଠାରେ ବିଜୁ ସେତୁ ନିର୍ମାଣ କରାଯାଇଥିଲା। ହେଲେ ସେତୁକୁ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଜାରକା ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ମରାମତି କରା ନ ଯିବା ଫଳରେ ସେତୁ ଉପରୁ ଏବେ ବହୁ ସ୍ଥାନରେ କଂକ୍ରିଟ ଉଠିଗଲାଣି। ଏବେ ସେତୁର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ରାତି ସମୟରେ ସାଇକେଲ ଓ ବାଇକ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ଅଂଚଳର ଜନସାଧାରଣ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଏହି କଥାକୁ ଗୁରୁତ୍ୱ ଦେଉ ନଥିବା ଅଂଚଳବାସୀ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି। ନିକଟରେ ଏହି ସେତୁ ମରାମତି କରା ନ ଗଲେ ଖୁବ ଅଳ୍ପ ଦିନରେ ଏହି ସେତୁ ଭୁଷୁଡି ଯିବାର ଆଶଙ୍କା ଦେଖା ଦେଇଛି। ଯାହାକୁ ଜିଲା ପ୍ରଶାସନ ତୁରନ୍ତ ଏହି ସେତୁ ପ୍ରତି ଦୃଷ୍ଟି ଦେଇ ମରାମତି କରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ବନ୍ୟା ପାଣିଘେରରେ ଟେମ୍ବୁରପାଲି

ମାଲକାନଗିରି, ୦୭/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ପଂଚାୟତ ସମିତି ଅନ୍ତର୍ଗତ ଟେମ୍ବୁରପାଲି ପଂଚାୟତ ସଦର ଗ୍ରାମ ଆଜି ବର୍ଷା ପାଣି ଜନିତ ବନ୍ୟା ଜଳ ଘେରରେ ରହିଅଛି। ଗୁରୁବାର ସକାଳ ପ୍ରାୟ ୫ଟା ରେ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ଦିନ ୯ଟା ବେଳକୁ ପାହାଡି ଝରଣା ରେ ଧୀରେ ଧୀରେ ଜଳସ୍ତର ବଢ଼ିବାକୁ ଲାଗିଥିଲା। ଅପରାହ୍ନ ୧୨ଟା ବେଳକୁ ପୁରା ଗ୍ରାମ ବନ୍ୟା ଜଳ ଘେରରେ ରହିଯାଇଥିଲା।ଗ୍ରାମ ରୁ କେହି ବାହାରକୁ କିମ୍ବା ଗ୍ରାମ ବାହାରକୁ ଆସିଥିବା ଗ୍ରାମବାସୀ ଆଉ ଫେରି ନପାରି ବାହାରେ ଅଛନ୍ତି। ଗୃହପାଳିତ ପଶୁ ସମେତ ମଣିଷ ବି ପୁରା ଜଳ ଘେରରେ ରହିଛନ୍ତି। ରିପୋର୍ଟ ଲେଖାହେଲା ବେଳକୁ ବି ଜଳ ସ୍ତର ସାମାନ୍ୟ କମିଥିଲେ ହେଁ ସ୍ୱାଭାବିକ ଅବସ୍ଥାକୁ ଆସି ନଥିବାର ସୂଚନା ମିଳିଛି। ବିଗତ ଦିନର ସବୁ ରେକର୍ଡ଼ ଭାଙ୍ଗି ବର୍ଷା ଜଳ ଜୁଲାଇ ମାସରେ ଏପରି ପରିସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ସେହି ପରି ତୁଳସୀ, କେରିମେଟି, ରାସ୍ତାରେ ମାଟି ଅତଡ଼ା ଖସି ଯାତାୟତ ଠପ୍ ହୋଇଯାଇଛି। ସେହିପରି ଆଗ୍ରୀ ଯୋଡ଼ି ଆଉ ଫୁଲ ଯୋଡ଼ି ବ୍ରିଜ ଉପରେ ୫ ଫୁଟ ପାଣି ପ୍ରଭାବିତ ହେଉଥିବା ଜଣାପଡିଛି।

# ଭିକ୍ଷୁକ ଓ ମାନସିକ ବିକାର ଗ୍ରସ୍ତ ଉଦ୍ଧାର ଓ ଥଇଥାନ

ପୁରୀ, ୦୭/୦୭ (ନି.ପ୍ର): ଚଳିତ ବର୍ଷର ରଥଯାତ୍ରା ସମୟରେ ଆସି ପୁରୀ ସହରର ବିଭିନ୍ନ ଗଳି କନ୍ଦି, ଷ୍ଟେସନ, ବସଷ୍ଟାଣ୍ଡ ଓ ସମୁଦ୍ର କୂଳ ଇତ୍ୟାଦିରେ ଭିକ୍ଷୁକ ଓ ମାନସିକ ବିକାର ଗ୍ରସ୍ତ ଲୋକ ରହିଯାଇଛନ୍ତି। ଏମାନଙ୍କୁ ଉଦ୍ଧାର କରି ଥଇଥାନ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ୨ଦିନିଆ ସ୍ୱେଶାଲ ଡ୍ରାଇଭ୍ ଆରମ୍ଭ କରାଯାଇଛି। ଗୁରୁବାର ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ,ଅତିରିକ୍ତ ଜିଲ୍ଲା ପାଳ ପ୍ରୋଟୋକଲ ଶରତ ଚନ୍ଦ୍ର ମହାପାତ୍ର ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ୨୧ଜଣଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି ବୋଲି ପୁରୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା ସୂଚନା ଦେଇଛନ୍ତି।ସେହି ପରି ରଥ ଯାତ୍ରା ଗହଳି ଦାଣ୍ଡ ରେ ଅଧିକ ରୋଜଗାର ଉଦ୍ଦେଶ୍ୟରେ କିଛି ଲୋକ ରାଜ୍ୟର ବିଭିନ୍ନ ସ୍ଥାନରୁ ଚାଲି ଆସୁଥିବା ବେଳେ ପରବର୍ତୀ ଅବସ୍ଥାରେ ପୁରୀ ସହର ପାଇଁ ସମସ୍ୟା ସୃଷ୍ଟି କରିଥାନ୍ତି ଏପରିକି ନିଜ ପରିବାରର ବୃଦ୍ଧ ଲୋକ, ଭିନ୍ନକ୍ଷମ ଓ ମାନସିକ ବିକାର ଗ୍ରସ୍ତ ଲୋକଙ୍କୁ ଆଣି ଜାଣି ଶୁଣି ରଥ ଯାତ୍ରା ଗହଳି ଭିତରେ ନିଜ ଲୋକମାନେ ଛାଡି ଦେଇ ଯାଇଥାନ୍ତି। ତେଣୁ ଏହି ସବୁ ବିଷୟକୁ ଲକ୍ଷ୍ୟ ରଖି ଏଭଳି ସ୍ୱତନ୍ତ୍ର ଡ୍ରାଇଭର ଆୟୋଜନ କରାଯାଇଛି ବୋଲି ଏହି କାର୍ଯ୍ୟକ୍ରମର ପରାମର୍ଶ ଦାତା ସିଦ୍ଧାର୍ଥ ରାୟ ଜଣାଇ ଛନ୍ତି। ସୂଚନା ଯୋଗ୍ୟ ଯେ ସହରର ଗଳି କନ୍ଦିରେ ଘୁରି ବୁଲୁଥିବା ଭିକାରୀ ଓ ମାନସିକ ବିକାରଗ୍ରସ୍ତ ମାନଙ୍କ ସଂପର୍କରେ ସୂଚନା ଦେବା ପାଇଁ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ୯୮୬୧୪୫୭୨୪୮ ଓ ୯୩୪୮୫୦୬୦୦୭ ଦୁଇଟି ନମ୍ବର ଜାରି କରାଯାଇଛି। ଏହି ନମ୍ବର୍ ରେ କଲ୍ ଓ ହ୍ୱାଟ ସପ କରି ଉଦ୍ଧାର ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଯେ କେହି ସୂଚନା ଦେଇ ପାରିବେ। ଏହି ସ୍ୱତନ୍ତ୍ର ଅଭିଯାନ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଚାଲିବ ବୋଲି ଜଣା ପଡିଛି।

# ସମ୍ବଲପୁରୀ ଦିନ ପାଇଁ ରାଜ୍ୟପାଳଙ୍କୁ ପର୍ଶ୍ଚିମାଞ୍ଚଳ ଏକତା ମଞ୍ଚର ଆମନ୍ତ୍ରଣ

ସମ୍ବଲପୁର, ୦୭/୦୭ (ନି.ପ୍ର): ସମ୍ବଲପୁରୀ ସଂସ୍କୃତିର ପୁରୋଧା ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନକୁ ୨୦୧୩ ରୁ ସମ୍ବଲପୁରୀ ଦିନ ଭାବରେ ପର୍ଶ୍ଚିମାଞ୍ଚଳ ଏକତା ମଞ୍ଚ ପାଳନ ଆରମ୍ଭ କରିଛି। ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାର ସମ୍ବଲପୁରୀ ସାଧକ କବି କଳାକାର ମାନଙ୍କୁ ଏକଜୁଟ କରିବା ସହ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସାରା ଜୀବନ ବଳିଦାନ ଦେଇଥିଲେ। ପର୍ଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ତାଙ୍କର ଜନ୍ମଦିନକୁ ବିଗତ ୧୦ ବର୍ଷ ଧରି ସମ୍ବଲପୁରୀ ଦିନ ଭାବରେ ଆୟୋଜନ କରିଆସୁଛି। ଏହାସହ ସମ୍ବଲପୁର କଚେରୀ ରୋଡରେ ପର୍ଶ୍ଚିମାଞ୍ଚଳ ଏକତା ମଞ୍ଚ ପ୍ରତି ବର୍ଷ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନର ପାଳନ କରିଆସୁଛି। ଚଳିତ ବର୍ଷ ୧୧ ତମ ସମ୍ବଲପୁରୀ ଦିନରେ ଅତିଥି ଭାବରେ ଓଡିଶାର ମହାମହିମ ରାଜ୍ଯପାଳଙ୍କୁ ଆମନ୍ତ୍ରଣ କରିବା ପାଇଁ ପର୍ଶ୍ଚିମାଞ୍ଚଳ ଏକତା ମଞ୍ଚ ରାଜଭବନରେ ପହଞ୍ଚିଥିଲେ। ଏହି ସମୟରେ ରାଜ୍ୟପାଳ ଗୁରୁ ସତ୍ୟ ନାରାୟଣ ବହିଦାର ଏବଂ ସମ୍ବଲପୁରୀ ଦିନ ବାବଦରେ ମଞ୍ଚର ସଦସ୍ୟଙ୍କୁ ପଚାରି ବୁଝିଥିଲେ। ସମ୍ବଲପୁରୀ ଦିନର ଗୋଟିଏ ଦଶନ୍ଧିର ଅଭୁତପୂର୍ବ ସଫଳତା ପାଇଁ ରାଜ୍ୟପାଳ ପର୍ଶ୍ଚିମାଞ୍ଚଳ ଏକତା ମଞ୍ଚକୁ ଅଭିନନ୍ଦନ ଜଣାଇଥିଲେ। ମହାମହିମଙ୍କୁ ଆମନ୍ତ୍ରଣ କରିବା ଅବସରରେ ରେଙ୍ଗାଲୀ ବିଧାୟକ ତଥା ପର୍ଶ୍ଚିମାଞ୍ଚଳ ଏକତା ମଞ୍ଚର ଅନ୍ୟତମ ଉପଦେଷ୍ଟା ନାଉରୀ ନାୟକ, ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଂଜନ ବକ୍ସୀ ଓ ସଂଗଠନ ସଂଯୋଜକ ସୁବୋଧ କୁମାର ଦୋରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆମ ପୋଖରି ଯୋଜନାର ଶୁଭାରମ୍ଭ

ଜୟପୁର, ୦୭/୦୭ (ନି.ପ୍ର): ଆମ ପୋଖରି ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଉଦଘାଟନ କାର୍ଯ୍ୟକ୍ରମ ଜୟପୁର ପୌରାଂଚଳରେ ସିଧାପ୍ରସାରଣ କରାଯାଇଥିଲା। ଜୟପୁର ପୌର ସଭାଗୃହ, ପ୍ରସାଦରାଓ ପେଟା, ଟାଉନ ହଲ ଓ ରଜାନଗର ଛକ ରେ ସିଧା ପ୍ରସାରଣ କରାଯାଇଥିଲା। ଅଂଚଳରେ ରହିଥିବା ପୋଖରିର ମୁକ୍ତା ଯୋଜନାରେ ପୁନରୁଦ୍ଧାର ହେବ। ଏସଏସଜି ଗ୍ରୁପ ମାଧ୍ୟମରେ ପୋଖରିର ପୁନରୁଦ୍ଧାର ହେବ। ସିଧାପ୍ରସାରଣ ସମୟରେ ଜୟପୁର ଠାରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତ. କାଉନସିଲର, ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମ

ବଲାଙ୍ଗିର , ୦୭/୦୭ (ନି.ପ୍ର): ଗୋଟିଏ ସପ୍ତାହ ପୂର୍ବରୁ ବଲାଙ୍ଗୀର ବନ ବିଭାଗ ଗତ ଜୁଲାଇ ୨୦୨୩ ର ପ୍ରଥମ ସପ୍ତାହରେ ବୃକ୍ଷ ରୋପଣ ପର୍ବରୁ ଉତ୍ସାହକୁ ବଢାଇବାକୁ ଚେଷ୍ଟା କରିଥିଲା, ଯାହାକି ଅଧିକ ମାତ୍ରାରେ ବୃକ୍ଷ ରୋପଣ ଅଭିଯାନ ପାଇଁ ୭୪ ତମ ବନ ମହୋତ୍ସବ ଭାବରେ ଜଣାଶୁଣା। ଏହି ଉତ୍ସବରେ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରେ ସମାଜର ସମସ୍ତ ବର୍ଗର ଲୋକଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହାକି ଏହାକୁ ଏକ ମହାନ ଲୋକ ମହୋତ୍ସବରେ ପରିଣତ କରିଥିଲା ଯାହା ସରକାରୀ ଉତ୍ସବଠାରୁ ଅଧିକ ଯାଇଥିଲା। ଏହି ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ବଲାଙ୍ଗୀର ବନ ବିଭାଗ ଜୁଲାଇ ୨୦, ୨୦୨୩ ରେ ନୂତନ ବସ୍ ଟର୍ମିନାଲ୍ ନିକଟରେ ଥିବା ନୂତନ ଡିଭିଜନ୍ ଅଫିସ୍ କ୍ୟାମ୍ପସରେ ୭୪ ତମ ବନ ମହୋତ୍ସବ ପାଳନ କରିଥିଲା। ଏହି କାର୍ଯ୍ୟକ୍ରମରେ ହର୍ଷବର୍ଦ୍ଧନ ଉଦଗାତା, ସିସିଏଫ୍ (କେ.ଏଲ୍) ବଲାଙ୍ଗୀର, ଶ୍ରୀ ଚଂଚଲ ରାଣା, ଆଇଏଏସ୍, କଲେକ୍ଟର ଏବଂ ଡିଏମ୍, ବଲାଙ୍ଗିର, ଅତିରିକ୍ତ ପୋଲିସ ଅଧୀକ୍ଷକ, ବଲାଙ୍ଗିର, ଶ୍ରୀ ନୀତୀଶ କୁମାର, ଆଇଏଫଏସ, ଡିଏଫଓ, ବଲାଙ୍ଗୀର ଏବଂ ଅନ୍ୟାନ୍ୟ ବରିଷ୍ଠ ଜିଲ୍ଲା ସ୍ତରୀୟ ଅଧିକାରୀ ସମସ୍ତେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଏକ ସଂକ୍ଷିପ୍ତ ଭାଷଣ ପରେ, ମିଆୱାକି ମଡେଲ ବ୍ୟବହାର କରି କ୍ୟାମ୍ପସରେ ଏକ ଆନୁଷ୍ଠାନିକ ବୃକ୍ଷରୋପଣ କରାଯାଇଥିଲା, ଏହି ଉତ୍ସବକୁ ଏକ ଛୋଟ ପ୍ୟାଚ୍ ଆଚ୍ଛାଦନ କରାଯାଇଥିଲା। ୧ ଜୁଲାଇ ୨୦୨୩ ଠାରୁ, ଏହି ବିଭାଗର ୧୧ ରେଞ୍ଜ ସହାୟତାରେ ୧,୦୦,୦୦୦ ରୁ ଅଧିକ ଚାରା ରୋପଣ କରାଯାଇଛି, ଯାହା ଆମକୁ ଚଳିତ ବର୍ଷ ଜିଲ୍ଲାରେ ୧୩.୯୬ ଲକ୍ଷ ବିହନ ବୁଣିବାର ଲକ୍ଷ୍ୟକୁ ନିକଟତର କରିଛି। ଆମର ଜଙ୍ଗଲ ସମ୍ପଦକୁ ମଜବୁତ କରିବା ରାତାରାତି ବ୍ୟାୟାମ ନୁହେଁ, ଏବଂ ସମାଲୋଚନା ଏବଂ କଳ୍ପନା ସତ୍ୱେ ଆମେ ଯଥାସମ୍ଭବ ବୃକ୍ଷ ରୋପଣ ଏବଂ ପୋଷଣ ଜାରି ରଖିବା ଉଚିତ୍। ଭବିଷ୍ୟତ ପିଢ଼ୀରେ ଏହା ପ୍ରକୃତି ପ୍ରତି ଏକ ସକରାତ୍ମକ ମନୋଭାବ ସୃଷ୍ଟି କରିବ, ମାନବଙ୍କ ନିରନ୍ତର ଆଚରଣକୁ ଉତ୍ସାହିତ କରିବ ଏବଂ ପ୍ରକୃତିର ଆରୋଗ୍ୟ ଏକ ଅବିଶ୍ୱସନୀୟ ବାସ୍ତବତାରେ ପରିଣତ ହେବ ବୋଲି ଶ୍ରୀ ନୀତୀଶ କୁମାର, ଆଇଏଫଏସ୍, ଡିଏଫଓ, ବଲାଙ୍ଗୀର ସମାବେଶକୁ ସମ୍ବୋଧିତ କରି କହିଛନ୍ତି।

## ସବୁଜ ଭାରତର ବାର୍ତ୍ତା ନେଇ ପହଂଚିଲେ ଦୁଇ ଯୁବକ

ଜୟପୁର, ୦୭/୦୭ (ନି.ପ୍ର): ସବୁଜ ଭାରତର ବାର୍ତା ନେଇ ଦୀର୍ଘ ୨ ମାସ ର ଯାତ୍ରା ରେ ୨୨୦୦ କିମି ଅତିକ୍ରମ କରି କେଦାରନାଥ ରୁ ଫେରିଲେ କୋରାପୁଟ ଜିଲ୍ଲାର ଲମତାପୁଟ ଅଂଚଳ ର ୨ ସାଇକେଲ ଯାତ୍ରୀ। ସେମାନେ ହେଲେ ଲମତାପୁଟ ବ୍ଲକ ସଗର ଗାଁ ର ବାବୁଲା ମୁଦୁଲି ଓ ମାଲେଙ୍ଗା ଗ୍ରାମର ସୁରେନ୍ଦ୍ର ମୁଦୁଲି। ଆଜି ଅପରାହ୍ନ ୨ ଟା ରେ ଉଭୟଙ୍କ ସାଙ୍ଗ ସାଥି ଏବଂ ଅଂଚଳବାସୀ ଭବ୍ୟ ସ୍ୱାଗତ କରିଥିଲେ। ଏବଂ ଉଭୟଙ୍କୁ ପାଛୋଟି ନେଇ ଲମତାପୁରେ ପାରମ୍ପରିକ ବାଦ୍ୟଜନ୍ତ୍ର ବଜାଇ ସହର ସାରା ପରିକ୍ରମା କରାଇଥିଲେ। ଉଭୟଙ୍କୁ ଏତେ ପରିମାଣରେ ଏକାଠି ହୋଇ ସମସ୍ତେ ଭବ୍ୟସ୍ୱାଗତରେ ନେଇ ଭାବ ବିହୋଳ ହୋଇଯାଇଥିଲେ ଏହି ଦୁଇ ଯୁବକ।

## ଫୁଲବାଣୀ ସମେତ ସମଗ୍ର କନ୍ଧମାଳରେ ମୌସୁମୀ ବର୍ଷା : ଗ୍ରୀଷ୍ମ ତାପରୁ ଆଶ୍ୱସ୍ତି

କନ୍ଧମାଳ , ୦୭/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ ସମେତ ସମଗ୍ର ଜିଲ୍ଲା ର ଅଧିକାଂଶ ଯାଗାରେ ମୌସୁମୀ ବର୍ଷା ଦେଖିବାକୁ ମିଳିଛି। ଆଜି ସଂନ୍ଧ୍ୟା ରେ ହୋଇଥିବା ଏହି ଭଲ ଧରଣର ବର୍ଷା ଯୋଗୁଁ, ଦିର୍ଘ ସମୟ ଧରି ଗ୍ରୀଷ୍ମର ଉତାପ ଯୋଗୁଁ ଆଉଟୁ ପାଉଟୁ ହେଉଥିବା ଲୋକମାନେ ଏବଂ ଜୀବଜନ୍ତୁ ମାନେ ଏକ ପ୍ରକାରର ଆଶ୍ୱସ୍ତି ଅନୁଭବ କରିଛନ୍ତି। ଏହାର ପ୍ରଭାବରେ ଆଜି ଫୁଲବାଣୀ ମୁଖ୍ୟ ବଜାରରେ ଥିବା ଡ୍ରେନ୍ ରୁ ଆବର୍ଜନା ସବୁ ଆସି ରାସ୍ତା ରେ ଜମା ହୋଇଯାଇଛି। ଫଳରେ ବଜାରରେ ଅଶ୍ୱସ୍ତିକର ପରିବେଶ ସୃଷ୍ଟି ହୋଇଛି। ବଜାରରେ କିଛି ବ୍ୟବସାୟୀ ସେମାନଙ୍କ ଦୋକାନ ଆଗରେ ଥିବା ଡ୍ରେନ କୁ ଅକ୍ତିଆର କରିବା ଫଳରେ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣ ଲୋକେ ଚର୍ଚ୍ଚା କରୁଥିବା ଦେଖିବାକୁ ମିଳିଛି। ତେବେ ଗୋଟିଏ ବର୍ଷାର ପ୍ରଭାବରେ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆଗକୁ ବର୍ଷା ଦିନକୁ ଦୃଷ୍ଟି ରେ ରଖି ପ୍ରଶାସନ ପକ୍ଷରୁ ସହରର ଡ୍ରେନ୍ ଗୁଡିକ ସଫା କରାଇବା ସହିତ ଜବରଦଖଲ ଉଚ୍ଛେଦ କରିବା ଆବଶ୍ୟକ ଅଛି। ଅନ୍ୟ ପକ୍ଷରେ ବଜାରରେ ଖୋଲୁଥିଲା ଉଠା ଦୋକାନୀ ଗୁଡିକ ସେମାନଙ୍କ ଦୋକାନର ଖଲି ଓ ପ୍ଲେଟ୍ ସବୁକୁ ସ୍ୱତନ୍ତ୍ର ଡଷ୍ଟବିନରେ ପକାଇବା ପାଇଁ ନିର୍ଦ୍ଦେଶ ଦେବା ସହିତ,ସେ ଗୁଡିକୁ ନିୟମିତ ଅପସାରଣ କରିବା ପାଇଁ ପଦକ୍ଷେପ ନେବା ନିହାତି ଆବଶ୍ୟକ। ଯାହା ଦ୍ୱାରା ଡ୍ରେନ୍ ରେ ଆବର୍ଜନା ରହିବ ନାହିଁ।

# ସଦର ବିଧାୟକଙ୍କ ନୀଳମଣି କଲେଜ ପରିଦର୍ଶନ



ବସ୍ତା , ୦୭/୦୭ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟକୁ ସଦର ନିର୍ବାଚନମଣ୍ଡଳୀର ବିଧାୟକ ସ୍ୱରୂପ କୁମାର ଦାସ ପରିଦର୍ଶନରେ ଆସି ମହାବିଦ୍ୟାଳୟ ପରିସର ବୁଲିବା ସହ ଛାତ୍ର ଛାତ୍ରୀ, ଅଧକ୍ଷ, ଅଧାପକ, ଅଧାପିକା ଓ କର୍ମଚାରୀ ମାନଙ୍କ ସହ ମହାବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଏହାର ସମାଧାନ ନିମିତ୍ତ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସୂଚନା ପ୍ରଦାନ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ତପନ କୁମାର ବେହେରାଙ୍କ ଅଧକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ବିଡିଓ ନରେନ୍ଦ୍ର ନାଥ ଖମାରୀ, ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରାମଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ କୁମାର ସେଠୀ, ଇଂ. ଅରୁଣ କୁମାର ସ୍ୱାଇଁ, ଇଂ. ପୁରୁଷୋତ୍ତମ କରଣ, ସମାଜସେବୀ ବଂଶୀଧର ପଣ୍ଡା, ଏସ. କେ. ଅନସାର, ଜଗଦୀଶ ବେହେରା ଓ ସାମ୍ବାଦିକ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ବିଧାୟକ ଶ୍ରୀଯୁକ୍ତ ଦାସ ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ଶିକ୍ଷା ନିମିତ୍ତ ଓଡ଼ିଶା ସରକାରଙ୍କ ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ ବିଷୟରେ ସୂଚନା ପ୍ରଦାନ କରିବା ସହ ମୋ କଲେଜ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ । ୫-ଟି ମାଧମରେ ସରକାରୀ ଉଚ୍ଚ ମାଧମିକ ଧନ୍ଦାମୂଳକ ବିଦ୍ୟାଳୟ ଓ ନୀଳମଣି ମହାବିଦ୍ୟାଳୟକୁ ଆସିଥିବା ଅର୍ଥରାଶିର ସୁବିନିଯୋଗ ପାଇଁ ସେ ପରାମର୍ଶ ପ୍ରଦାନ କରିଥିଲେ । ଆଗାମୀ ଦିନରେ ନୀଳମଣି ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ବିଭାଗ ଖୋଲିବା ପାଇଁ ଅଧକ୍ଷଙ୍କ ପ୍ରସ୍ତାବ ଉପରେ ସେ ସମ୍ମତି ପ୍ରଦାନ କରିଥିଲେ । ପୁରାତନ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ପ୍ରତି ସପ୍ତାହରେ ଥରେ ଏକାଠି ହୋଇ ମହାବିଦ୍ୟାଳୟ ବିକାଶ କ୍ଷେତ୍ରରେ ସହଯୋଗ କରିବାକୁ ଶ୍ରୀଯୁକ୍ତ ଦାସ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟତଃ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ସହିତ ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସମ୍ପର୍କରେ ଏହି ସଭାରେ ମତ ପ୍ରକାଶ ପାଇଛି । ଅଧାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ସରୋଜ କୁମାର ପାଣି, ଶମ୍ଭୁନାଥ ଗିରି, ସତ୍ୟେନ୍ଦ୍ର କୁମାର ପାଲ, ଲାଖିରାମ ହାଁସଦା, ଡ଼ଃ ଶାନ୍ତନୁ କୁମାର ଜେନା, ଶ୍ରବଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଧାୟକ ଶ୍ରୀଯୁକ୍ତ ଦାସଙ୍କ ଆହ୍ୱାନକ୍ରମେ ମୋ କଲେଜ ଅଭିଯାନ ପାଣ୍ଠିକୁ ଡ଼ଃ ତପନ କୁମାର ବେହେରା, ଗୌରାଙ୍ଗ ପଣ୍ଡା, ବଂଶୀଧର ପଣ୍ଡା, ପ୍ରସନ୍ନ କୁମାର ସାହୁ, ସଞ୍ଜୟ କୁମାର ସେଠୀ, ଅଜୟ କୁମାର ପରିଡା, ଏସ. କେ. ଅନସାର, ଦେବବ୍ରତ ବିଶ୍ୱାଳ, ଜଗଦୀଶ ବେହେରା, ବିନୟ କୁମାର ବେହେରା, ତପନ କୁମାର ନାୟକ, ଶ୍ରୀଧର ମହାପାତ୍ର, ଜୟନ୍ତ କୁମାର ପାଣିଗ୍ରାହୀ, ଅନନ୍ତ କୁମାର ସାହୁ, ଗୋପାଳ ଚନ୍ଦ୍ର ସାହୁ, ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଏକ ଲକ୍ଷ ଏକଷଠୀ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ଅଧାପକ ଡଃ ତପନ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇସ୍କୁଲରେ ଅନୁଷ୍ଠିତ ବନମହୋତ୍ସବରେ 'ଯୁଗଶ୍ରୀ ଟ୍ରଷ୍ଟ' ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର, ୦୭/୦୭ (ନି.ପ୍ର): ସମଗ୍ର ବିଶ୍ୱରେ ବର୍ତ୍ତମାନ ପର୍ଯ୍ୟାବରଣ ନଷ୍ଟ ହେବା ସଂଗେ ସଂଗେ ଉତ୍ତାପ ବୃଦ୍ଧି ଘଟି ଜଳବାୟୁର ବ୍ୟାପକ ପରିବର୍ତ୍ତନ ଘଟୁଛି । ଜଙ୍ଗଲ ଓ ସବୁଜ ପରିବେଶର ଦ୍ରୁତ ହ୍ରାସ ଏହାର ମୁଖ୍ୟ କାରଣ । ଏଥି ନିମନ୍ତେ ବ୍ୟାପକ ବୃକ୍ଷରୋପଣ ଓ ନାଗରିକ ସହଭାଗିତା ଆବଶ୍ୟକ । ଗତ ଗୁରୁବାର ତା୬।୭।୨୩ରିଖରେ ରଘୁନାଥ ଜିଉ ହାଇସ୍କୁଲ, ସିନ୍ଧିଆ ଓ ଶୁକ୍ରବାର ତା୭।୭ରିଖରେ ବାଘାଯତୀନ ହାଇସ୍କୁଲ, ଓଡ଼ଙ୍ଗୀ ଠାରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର/ଛାତ୍ରୀ, ଅଭିଭାବକ ଓ 'ଯୁଗଶ୍ରୀ ଟ୍ରଷ୍ଟ'ର ସଦସ୍ୟମାନେ ଉପସ୍ଥିତ ହୋଇ ବିଦ୍ୟାଳୟରେ ବୃକ୍ଷ ରୋପଣ କରିଥିଲେ । ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ ଓ ବୃକ୍ଷ ରକ୍ଷା କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ସେମାନଙ୍କୁ ଚାରା ଉପହାର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ପାଇଁ ବୃକ୍ଷର ଉପକାରିତା ଓ ଏହା ଉପରେ ପର୍ଯ୍ୟାବରଣର ପ୍ରଭାବ ସଂପର୍କରେ ସେମାନଙ୍କୁ ସଚେତନ କରାଯାଇଥିଲା । ସ୍କୁଲର ଏହି କାର୍ଯ୍ୟକ୍ରମରେ ରଘୁନାଥ ଜିଉ ହାଇସ୍କୁଲ, ସିନ୍ଧିଆର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ପତ୍ରୀ, ସରପଂଚ ବୃନ୍ଦାବତୀ ପ୍ରଧାନ, ଅଭିଭାବକ ସମିତି ସଭାପତି ନନୀଗୋପାଳ ଦାସ, ଚକ୍ରଧର ମହାନ୍ତି, ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ବାଘାଯତୀନ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ବିଶ୍ୱାଳ, ପରିଚାଳନା ସମିତି ସଭ୍ୟ ଇଂ. ପ୍ରଦୀପ କୁମାର ମହାନ୍ତି, ଅଭିଭାବକ ସଭାପତି ରବିନାରାୟଣ ପାଣିଗ୍ରାହୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ଓ 'ଯୁଗଶ୍ରୀ ଟ୍ରଷ୍ଟ'ର ମେନେଜିଂ ଟ୍ରଷ୍ଟୀ ଶ୍ରୀମତୀ ମମତା ମହାପାତ୍ର, ଟ୍ରଷ୍ଟୀ ଗୀତାଞ୍ଜଳି ସିଂହ, ସମାଜସେବୀ ପ୍ରତିମା ପଣ୍ଡା ଓ ସଂଯୁକ୍ତା ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆସନ୍ତା ବର୍ଷାଦିନ ଦୁଇମାସ ମଧରେ ୨୦ଟି ହାଇସ୍କୁଲରେ ଏହି ବନ ମହୋତ୍ସବ କାର୍ଯ୍ୟକ୍ରମ ହେବ ବୋଲି ଟ୍ରଷ୍ଟ ପକ୍ଷର ସୂଚନା ପ୍ରଦାନ କରାଯାଇଛି ।

## ଉନ୍ନତ କିସମର ପନିପରିବା ବିହନ ବଂଟନ କାର୍ଯ୍ୟକ୍ରମ

ଜୟପୁର, ୦୭/୦୭ (ନି.ପ୍ର): ଜୀବ ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ, ହଦର୍ଲି, ବେଣକ୍ଷ ଗାଁ, ପୁରୁଣା ବୋରିଗୁମ୍ମା,ବଡ ଶିରିଶି, ପ୍ରଧନୀଗୁଦକ୍ଷ ଓ ଦବୁଗୁଦଠାରେ ଉନ୍ନତ ପନିପରିବା ମଞ୍ଜି ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡି ବି ଟି କିଶାନ ପ୍ରକଳ୍ପ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଉଦ୍ୟାନ କୃଷି ପରିକ୍ଷଣ କେନ୍ଦ୍ର ଭୁବନେଶ୍ୱର ଓ ଓଡ଼ିଶା ଜୀବିକା ମିଶନ ସହଯୋଗରେ କୋରାପୁଟ ଜିଲ୍ଲାରେ ବୈଜ୍ଞାନିକ ପଦ୍ଧତିରେ ପନିପରିବା ଚାଷ ସଂପର୍କ ରେ ତାଲିମ୍ ପ୍ରଦାନ କରାଯାଇଥିଲା । କୁନ୍ତଳା ପୂଜାରୀ,ସୁନୀତା ବିଶୋଇ, ଉଷାରାଣୀ ବିଶୋଇ ଓ ଗିରିଧାରୀ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଟିଆଲସି (ବଡ଼ ଜୋର)ରେ ଆଦର୍ଶ ଶ୍ମଶାନ ଉଦଘାଟିତ

ଖୋର୍ଦ୍ଧା, ୦୭/୦୭ (ନି.ପ୍ର): ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ୧୦ନମ୍ବର ୱାଡରେ ଅବସ୍ଥିତ ଟିଆଲସି (ବଡ଼ ଜୋର) ଶ୍ମଶାନ ଉନ୍ନତି ଯୋଜନାରେ ଏକ କୋଟି ବ୍ୟୟ ଅଟକଳରେ ଆଦର୍ଶ ଶ୍ମଶାନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ଦ୍ୱାରା ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଏହି ଯୋଜନାରେ ଜନସାଧାରଣ ସେମାନଙ୍କର ମୃତ ଆତ୍ମୀୟଙ୍କ ଶବକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ସମୟରେ ୨ଟି ଶବ ସଂସ୍କାର କରି ପାରିବେ ।

# ଏବିଭିପି ଭଦ୍ରକ ଜିଲ୍ଲା ସମିତି ଗଠିତ: ସ୍ୱାଧୀନ ଦାସ ଜିଲ୍ଲା ପ୍ରମୁଖ ଜ୍ୟୋତି ସାହୁ ହେଲେ ଜିଲ୍ଲା ସଂଯୋଜକ

ଭଦ୍ରକ, ୦୭/୦୭ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା ପ୍ରଦେଶର ପ୍ରାନ୍ତ ଅଭ୍ୟାସ ବର୍ଗ- ୨ରେ ଶିକ୍ଷାବର୍ଷ ୨୦୨୩- ୨୪ ପାଇଁ ଏବିଭିପି ଭଦ୍ରକ ଜିଲ୍ଲା ସମିତି ଘୋଷଣା କରାଯାଇଛି । ବାଲେଶ୍ୱରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଅଧାପିକା ଗାର୍ଗୀ ବାନାର୍ଜୀଙ୍କ ଅନୁମୋଦନ କ୍ରମେ ଉପସଭାପତି ସଞ୍ଜୟ ମହାନ୍ତି ବିଭିନ୍ନ ସାଙ୍ଗଠନିକ ବିଭାଗ ଏବଂ ଜିଲ୍ଲା ସମିତି ଘୋଷଣା କରିଛନ୍ତି । ଏହି କ୍ରମରେ ଭଦ୍ରକ ଜିଲ୍ଲା ପ୍ରମୁଖ ଭାବେ ସୁସଂଗଠକ ସ୍ୱାଧୀନ ସୁନ୍ଦର ଦାସ, ସହପ୍ରମୁଖ ଶିକ୍ଷାବିତ୍ ପୁରୁଷୋତ୍ତମ ବେହେରା, ଜିଲ୍ଲା ସଂଯୋଜକ ଛାତ୍ରନେତା ଜ୍ୟୋତି ପ୍ରକାଶ ସାହୁ, ସହସଂଯୋଜକ ଛାତ୍ରନେତା ଅରବିନ୍ଦ ଷଡ଼ଙ୍ଗୀ, ଅନ୍ୟତମ ଜିଲ୍ଲା ସହସଂଯୋଜିକା ଛାତ୍ରୀନେତ୍ରୀ ମମତା ମହାକୁଡ଼, ଭଦ୍ରକ ନଗର ସଂଗଠନ ସମ୍ପାଦକ ଭାବେ କଳାହାଣ୍ଡିର ଛାତ୍ର ନେତା ପୁରୁଷୋତ୍ତମ ବିଶିଙ୍କୁ ମନୋନୀତ କରାଯାଇଛି । ଠିକ୍ ସେମିତି ବାଲେଶ୍ୱର ବିଭାଗ ସମିତି ପାଇଁ ଭଦ୍ରକ ଜିଲ୍ଲାରୁ ବିଭାଗ ପ୍ରମୁଖ ଭାବେ ଅଧାପକ ରମେଶ ଚନ୍ଦ୍ର ବେହେରା, ସହ ସଂଯୋଜକ ବିଶ୍ୱନାଥ ସୋନୁ ଲାହା, ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ସୁଶ୍ରୀ ପ୍ରିୟଙ୍କା ଦାଶ, ସହଛାତ୍ରୀ ପ୍ରମୁଖ ଭଦ୍ରକ ମହିଳା ମହାବିଦ୍ୟାଳୟର ଛାତ୍ରୀ ପାର୍ବତୀ ମିଶ୍ର ସାଙ୍ଗଠନିକ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ନୂତନ ସମିତି ଘୋଷଣା ପରେ ବିଦ୍ୟାର୍ଥୀ ପରିଷଦ ଭଦ୍ରକ ଜିଲ୍ଲାରେ କାର୍ଯ୍ୟକର୍ତ୍ତାଙ୍କ ମହଲରେ ଆନନ୍ଦ ଓ ଉତ୍ସାହ ବୃଦ୍ଧି ପାଇଛି । ନୂତନ ମନୋନୀତ ଜିଲ୍ଲା ପ୍ରମୁଖ ଶ୍ରୀ ଦାସ ଏବଂ ଜିଲ୍ଲା ସଂଯୋଜକ ଶ୍ରୀ ସାହୁ ରାଜ୍ୟ ସଭାପତି ଶ୍ରୀମତୀ ବାନାର୍ଜୀ, ରାଜ୍ୟ ସଂଗଠନ ସମ୍ପାଦକ ବୈଲୋଚନ ସାହୁ ଏବଂ ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ପରବର୍ତ୍ତୀ ସମୟରେ ଜିଲ୍ଲା ଅଭ୍ୟାସ ବର୍ଗରେ ଜିଲ୍ଲା କ୍ଷେତ୍ରରେ ପାରଦର୍ଶୀ ଛାତ୍ରନେତାଙ୍କୁ ଜିଲ୍ଲା ସମିତିରେ ନିଆଯିବ ବୋଲି ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିବା ସହ ଆଗାମୀ ଦିନରେ ବିଦ୍ୟାର୍ଥୀ ପରିଷଦକୁ ଜିଲ୍ଲାରେ ଆହୁରି ଶକ୍ତିଶାଳୀ କରାଯିବ ଏବଂ ଛାତ୍ରଛାତ୍ରୀଙ୍କ ଅଧିକାର ପାଇଁ ଲଢ଼େଇ କରାଯିବ ବୋଲି ପ୍ରକାଶ କରିଛନ୍ତି । ଚଳିତ ବର୍ଷ ଜିଲ୍ଲାରେ ୧୦ ହଜାର ଛାତ୍ରଛାତ୍ରୀଙ୍କୁ ସଦସ୍ୟତା କରାଯିବା ସହ ଜିଲ୍ଲାର ଶିକ୍ଷା ଓ ସାମାଜିକ କ୍ଷେତ୍ରର ବିଭିନ୍ନ ସମସ୍ୟା ବିରୁଦ୍ଧରେ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଂଯୋଜକ ଜ୍ୟୋତି ସାହୁ ପ୍ରକାଶ କରିଛନ୍ତି ।

AFFIDAVIT

An affidavit before the Notary Public Khaira Balasore. I, Sri Shatrughan Mallik aged about 37 yeras S/o Anadi Mallik of village/ po- Kaithagadia, Ps- Khaira, Dist.-Balasore. Declare that my actually name is Shatrughan Mallik. But wrongly in my certificate my name has been mentioned as Shankarshan Mallik but in my AADHAR CARD my name has been metioned Shatrughan Mallik s/o Anadi Mallik. Which is my correct name. Both Shatrughan Mallik and Shankarshan Mallik is one and same person. Henceforth i will be known as Shatrughan Mallik in all purpose.

Shatrughan Mallik

# ପ୍ରୟାସ ସ୍ୱେଚ୍ଛାସେବୀ ସଂଗଠନ ଓ ଆଦିବାସୀ ମହିଳା ମାରପିଟ୍ ଘଟଣା: ରାସ୍ତାରୋକ ପରେ ହେଲା ସମାଧାନ



ନୀଳଗିରି , ୦୭/୦୭ (ନି.ପ୍ର): ଗତ ୫ତାରିଖରେ ସଜନାଗଡ ପଞ୍ଚାୟତର ଏକ ସରକାରୀ ଅନାବାଦି ଜମିକୁ ନେଇ ପ୍ରୟାସ ସ୍ୱେଚ୍ଛାସେବୀ ସଂଗଠନର ମହିଳା ଏବଂ ଜଣେ ଆଦିବାସୀ ମହିଳା ପରିବାରଙ୍କ ମଧରେ ଉପୁଜିଥିବା ବିବାଦ ଶେଷରେ ସମାଧାନ ହୋଇଛି । ତେବେ ଉଭୟପକ୍ଷ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ଆପୋଷ ସମାଧାନ ପାଇଁ ଉଭୟପକ୍ଷକୁ ଡାକିଥିଲେ । ୭ ତାରିଖ ଶୁକ୍ରବାର ସକାଳ ୭ଘଟିକା ସମୟକୁ ସଜନାଗଡ଼ ଭୂଦାରଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଦିନ ଧାର୍ଯ୍ୟ କରାଯାଇଥିଲା । ଆଦିବାସୀ ମହିଳା ସବିତା ବିଶ୍ୱାଳ ଓ ତାଙ୍କ ମାଆଙ୍କ ସମେତ ପ୍ରାୟ ତିନିଶହ ଲୋକ ସମାଧାନ ପାଇଁ ଆସିଥିବା ବେଳେ ଅପରପକ୍ଷ ଆସିନଥିଲେ । ବହୁ ସମୟ ଅପେକ୍ଷା କରି ଶେଷରେ ବାଧ ହୋଇ ଥାନାରେ ଏତଲା ଦେବାପରେ ସଜନାଗଡ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟ ରାଜପଥ ୧୯ରେ ଧାରଣାରେ ବସିଥିଲେ । ଦିନ ପ୍ରାୟ ୧.୩୦ରୁ ୩ଟା ପର୍ଯ୍ୟନ୍ତ ରାସ୍ତାରୋକ୍ ହେବାପରେ ନୀଳଗିରି ତହସିଲଦାର ରଞ୍ଜନ ବେହେରା ଏବଂ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କଲାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ତେବେ ପ୍ରଶାସନ ତରଫରୁ ପୂର୍ବରୁ ଉକ୍ତସ୍ଥାନରେ ରହିଥିବା ମହିଳାଙ୍କ ପରିବାର ରହିବା ପାଇଁ କହିଥିଲା ବେଳେ 'ପ୍ରୟାସ'ସଂଗଠନକୁ ଅନ୍ୟ ଏକ ସ୍ଥାନ ଚିହ୍ନଟ କରି ବ୍ୟବସ୍ଥିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଆଇପିଏସ ସ୍ତରରେ....

ଏଚଆରପିସି ଡିଆଇଜି , ୨୦୧୧ ବ୍ୟାଚ୍ ଆଇପିଏସ୍ ତଥା କଟକ ଏସପି ଯୁଗଳ କିଶୋର କୁମାର ବୋନଥଙ୍କୁ ପୁଲିସ ମୁଖ୍ୟାଳୟ ଅତିରିକ୍ତ ଆଇଜି ଭାବେ ବଦଳି କରାଯାଇଛି । ସେହିପରି ୨୦୧୫ ବ୍ୟାଚ୍ ଆଇପିଏସ୍ ରାହୁଲ ଜୈନଙ୍କୁ ନୟାଗଡ଼ ପୁଲିସ ଏସପି ଭାବେ ବଦଳି କରାଯାଇଛି । ଶ୍ରୀ ଜୈନ ଏବେ ମୁଖ୍ୟାଳୟ ଏସପି ଭାବେ କାର୍ଯ୍ୟରତ । ସେହିପରି ବରିଷ୍ଠ ଓପିଏସ୍ ମିହିର କୁମାର ପଣ୍ଡାଙ୍କୁ କଟକ ଏସପି ଭାବେ ବଦଳି ହୋଇଛି । ଶ୍ରୀ ପଣ୍ଡା ଏବେ ଭୁବନେଶ୍ୱର କମିଶନରେଟ ପୁଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ଡିସିପି ଭାବେ କାର୍ଯ୍ୟ କରୁଛନ୍ତି ।

## ହାୱଡ଼ା-ସିକନ୍ଦରାବାଦ....

ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରୁଛନ୍ତି । ତେବେ ଟ୍ରେନରେ ନିଆଁ ଲାଗିବାର କାରଣ ଜଣାପଡି ନାହିଁ । ଦକ୍ଷିଣ-ପୂର୍ବ ରେଳବାଇ ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ଟ୍ରେନର ନିଆଁ ଲିଭିବା ପରେ ଟ୍ରେନକୁ ବାତିଲ କରାଯିବ ଓ ବକିଳ୍ପ ରୁଟ ସମ୍ପର୍କରେ ସୂଚନା ଦିଆଯିବ ବୋଲି କହିଛନ୍ତି । ତେବେ ତେଲେଙ୍ଗାନା ଡିଜିପି ଅଞ୍ଜନୀ କୁମାର ତାଙ୍କ ଟ୍ୱିଟ୍‌ରେ ଟ୍ରେନର ୭ଟି ବଗିରେ ନିଆଁ ଲାଗିଥିବାର ସୂଚନା ଦେଇଛନ୍ତି

## ବିଧାନସଭା ନିର୍ବାଚନ...

ବରିଷ୍ଠ ନେତା ଓମ୍ ପ୍ରକାଶ ମାଥୁରଙ୍କୁ ଛତିଶଗଡ଼ ପାଇଁ ନିର୍ବାଚନ ପ୍ରଭାରୀ ନିଯୁକ୍ତ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କୁ ଛତିଶଗଡ଼ର ନିର୍ବାଚନ ସହପ୍ରଭାରୀ ନିଯୁକ୍ତ କରାଯାଇଛି । ମଧ୍ୟପ୍ରଦେଶ ପାଇଁ ଭୂପେନ୍ଦ୍ର ଯାଦବଙ୍କୁ ଦଳ ନିର୍ବାଚନ ପ୍ରଭାରୀ ଦାୟିତ୍ୱ ଦେଇଛି । ଏହା ସହିତ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟର ସହପ୍ରଭାରୀ ନିଯୁକ୍ତ କରାଯାଇଛି । ଏହି ଚାରୋଟି ରାଜ୍ୟରୁ ବର୍ତ୍ତମାନ କେବଳ ମଧ୍ୟପ୍ରଦେଶରେ ବିଜେପି ସରକାର ରହିଛି । ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସ ଶାସନ କରୁଥିବା ବେଳେ ତେଲେଙ୍ଗାନାରେ ବିଆରଏସ୍ ଶାସନ କରୁଛି । ଏହା ପୂର୍ବରୁ ବିଜେପି ପଞ୍ଜାବ, ତେଲେଙ୍ଗାନା, ଝାଡ଼ଖଣ୍ଡ ଓ ଆନ୍ଧ୍ର ପ୍ରଦେଶ ପାଇଁ ନୂଆ ରାଜ୍ୟ ସଭାପତି ନିଯୁକ୍ତ କରିଥିଲା ।

## ରାହୁଲ ନିରାଶ: ହାଇକୋର୍ଟରୁ ....

କରି ୨ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ । ଏହା ପରେ ତାଙ୍କର ଲୋକସଭା ସଦସ୍ୟ ପଦ ରଦ୍ଦ ହୋଇଯାଇଥିଲା । କାରଣ ନିୟମ ଅନୁଯାୟୀ ଯଦି ଜଣେ ସାଂସଦ ଦୁଇ ବା ତା'ଠାରୁ ଅଧିକ ବର୍ଷ ଜେଲ ଦଣ୍ଡାଦେଶ ପାଆନ୍ତି, ତା'ହେଲେ ତାଙ୍କ ସଦସ୍ୟ ପଦ ରଦ୍ଦ ହୋଇଯିବ । ସୁରଟର ଏହି ତଳ କୋର୍ଟଙ୍କ ରାୟ ବିରୋଧରେ ରାହୁଲ ସୁରଟ ସେସନ୍ସ କୋର୍ଟକୁ ଯାଇଥିଲେ । ତାଙ୍କୁ ଦିଆଯାଇଥିବା ଜେଲ୍ ଦଣ୍ଡାଦେଶ ଉପରେ ରହିତାଦେଶ ଦେବା ପାଇଁ ସେ କୋର୍ଟଙ୍କୁ ଅନୁରୋଧ କରିଥିଲେ । କୋର୍ଟ ତାଙ୍କ ଜାମିନ ଆବେଦନ ମଞ୍ଜୁର କରିଥିବା ବେଳେ ଜେଲ ଦଣ୍ଡାଦେଶ ଉପରେ ରହିତାଦେଶ ଦେବାକୁ ମନା କରି ଦେଇଥିଲେ । ଏହା ପରେ ରାହୁଲ ଗୁଜରାଟ ହାଇକୋର୍ଟରେ ଆବେଦନ କରିଥିଲେ ।

## ୟୁଜିସି ନିଷ୍ପତ୍ତି ବଦଳାଇଲା: .....

ସଂସ୍ଥା ପକ୍ଷରୁ ଆଶାୟୀମାନଙ୍କୁ ୩ ବର୍ଷର ସମୟ ଦେବା ସହ ପିଏଚଡି ଶେଷ କରିବାକୁ କୁହାଯାଇଥିଲା । ଏଥିସହ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକୁ ୨୦୨୧-୨୨ ଶିକ୍ଷାବର୍ଷରୁ ଆସିଷ୍ଟାଣ୍ଟ ପ୍ରଫେସର ପୋଷ୍ଟ ପାଇଁ ପିଏଚ୍‌ଡ଼ି ବାଧ୍ୟତାମୂଳକ କରିବାକୁ କୁହାଯାଇଥିଲା । ତେବେ ୨୦୨୧ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା ବିରୋଧରେ ମତ ରଖିଥିଲେ । ଏଥିସହ ଭାରତର ଶିକ୍ଷା ବ୍ୟବସ୍ଥାରେ ଏପରି ନିୟମ ଆଦୌ ଠିକ ଲାଗୁ ନାହିଁ ବୋଲି କହିଥିଲେ । ନିୟମରେ ସଂଶୋଧନ କରିବାକୁ ପ୍ରତିଶ୍ରୁତି ମଧ ଦେଇଥିଲେ । ଏବେ ୟୁଜିସି ଏଥିରେ ପରିବର୍ତ୍ତନ କରିଛି ।

# ଗେଷ୍ଟ ହାଉସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲେଶ୍ୱର, ୦୭/୦୭ (ନି.ପ୍ର): ସହଦେବଖୁଣ୍ଟ ଥାନା ଅନ୍ତର୍ଗତ ସର୍କିଟ ହାଉସ ପଛ ପାଖରେ ଥିବା ବିଦ୍ୟୁତ ବିଭାଗର ଏକ ଗେଷ୍ଟ ହାଉସ ପରିସରରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଉଦ୍ଧାର ହୋଇଛି । ଗେଷ୍ଟହାଉସ ପରିସରରେ ଥିବା ଏକ ଗଛରେ ଫାଶି ଅବସ୍ଥାରେ ତାଙ୍କର ମୃତଦେହ ଝୁଲୁଥିବା ସକାଳେ ଦେଖିବାକୁ ମିଳିଥିଲା । ଖବର ପାଇ ସହଦେବଖୁଣ୍ଟା ଥାନା ପୁଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ମୃତଦେହ ଉଦ୍ଧାର ସହ ତଦନ୍ତ ଆରମ୍ଭ କରିଥିଲେ । ଗେଷ୍ଟହାଉସର ହାଉସକିପିଂ ଷ୍ଟାଫ ଭାବେ କାର୍ଯ୍ୟ କରୁଥିବା ମୃତକ ଜଣକ ରେମୁଣା ଥାନା ଅନ୍ତର୍ଗତ ଖରିଦମୁଖୁରା ଗ୍ରାମର ରାମଗୋପାଳ ଦାଶ ବୋଲି ଚିହ୍ନଟ କରାଯାଇଛି । ତେବେ ରାମଗୋପାଳଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ତାଙ୍କ କକା ଶଶଧର ଦାଶ ସହଦେବଖୁଣ୍ଟା ଥାନାରେ ଲିଖିତ ଏତଲା ଦେଇଛନ୍ତି । ଗେଷ୍ଟହାଉସକୁ ରାତ୍ରିଯାପନ ପାଇଁ ନିୟମିତ ଆସୁଥିବା ଟାଟା ପାୱାରର କିଛି ଅଧିକାରୀ ତାଙ୍କ ପୁତୁରାକୁ ହତ୍ୟାକରି ଗଛରେ ଟାଙ୍ଗି ଦେଇଥିବା ସେ ଆରୋପ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ ରାମଗୋପାଳ ଗତ ଦୁଇ ବର୍ଷ ଗେଷ୍ଟ ହାଉସରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଥିଲେ । ସେଠାକୁ ରାତ୍ରୀଯାପନ ପାଇଁ ଆସୁଥିବା ଟାଟାପାୱାରର ଅଧିକାରୀମାନେ ବାହାର ଅଞ୍ଚଳରୁ ଯୁବତୀଙ୍କୁ ଆଣି ଅନୈତିକ କାର୍ଯ୍ୟରେ ଲିପ୍ତ ରହିବାକୁ ରାମଗୋପାଳ ସର୍ବଦା ବିରୋଧ କରିଆସୁଥିଲେ । ସମ୍ପୃକ୍ତ ଅଧିକାରୀ ଓ ଗେଷ୍ଟହାଉସର ସିକ୍ୟୁରିଟି ଗାର୍ଡମାନେ ଏବାବଦରେ ଚୁପ ରହିବା ପାଇଁ ରାମଗୋପାଳଙ୍କୁ ଧମକ ଦେଉଥିଲେ ବୋଲି କକା ଶଶଧର କହିଛନ୍ତି । ଗୁରୁବାର ରାତିରେ ସମ୍ଭବତଃ ଏହି ଭଳି ଘଟଣାର ପୁନରାବୃତ୍ତି ହେବା ଓ ଏହାକୁ ବିରୋଧ କରିବା ଯୋଗଡୁଁ ଟାଟା ପାୱାର ଅଧିକାରୀ ଓ ସିକ୍ୟୁରିଟି ଗାର୍ଡ଼ ରାମଗୋପାଳଙ୍କୁ ମାରି ଗଛରେ ଝୁଲାଇ ଆତ୍ମହତ୍ୟାର ରୂପ ଦେଇଥିବା ସେ ଅଭିଯୋଗ କରିଛନ୍ତି । ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ହୋଇଥିବା ବେଳେ ଘଟଣାର ବିଧିବଦ୍ଧ ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶଶଧର ଏତଲାରେ ଦାବି କରିଛନ୍ତି ।

# ଥାଲାସେମିଆ ପୀଡ଼ିତ ବାଳକ ଶରୀରରେ ଏଚଆଇଭି ଭୂତାଣୁ: ଜିଲା ରକ୍ତଭଣ୍ଡାରକୁ ଦାୟୀ କରୁଛନ୍ତି ପିତାମାତା

ରେମୁଣା, ୦୭/୦୭ (ନି.ପ୍ର): ନିୟମିତ ରକ୍ତ ନେଉଥିବା ଥାଲାସେମିଆ ପୀଡ଼ିତ ୧୩ ବର୍ଷର ବାଳକ ଏଚଆଇଭି ସଂକ୍ରମିତ ହେବାକୁ ନେଇ ପିତା-ମାତାଙ୍କ ସମେତ ପରିବାର ଲୋକେ ଉଦବେଗ ପ୍ରକାଶ କରିଛନ୍ତି । ଜିଲା ରକ୍ତଭଣ୍ଡାରରେ ସଠିକ ପରୀକ୍ଷା କରାନଯାଇ ରକ୍ତ ଦିଆଯିବା କାରଣରୁ ତାଙ୍କ ପିଲା ଏଚଆଇଭି ସଂକ୍ରମିତ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ରେମୁଣା ବ୍ଲକ ବେଗମପୁର ଅଞ୍ଚଳର ୧୩ ବର୍ଷର ବାଳକ, ଜନ୍ମ ବେଳୁ ତାଙ୍କଠାରେ ରକ୍ତହୀନତା ରୋଗଥିବା ଜଣାପଡ଼ିଥିଲା । ଥାଲାସେମିଆ ରୋଗ ଭାବେ ଚିହ୍ନଟ ହେବା ପରେ ପରିବାର ଲୋକେ ତାଙ୍କୁ ୧୨ ବର୍ଷ ଧରି ନିୟମିତ ରକ୍ତ ଦେଇ ଆସୁଥିଲେ । ପୂର୍ବରୁ ତାଙ୍କ ପିତାମାତା ଭୁବନେଶ୍ୱରର ସମ ହସପିଟାଲରେ ନିୟମିତ ତାଙ୍କୁ ରକ୍ତ ଦେଉଥିବା ବେଳେ ଗତ ମାର୍ଚ୍ଚ ମାସଠାରୁ ସେ ବାଲେଶ୍ୱର ଜିଲା ରକ୍ତ ଭଣ୍ଡାରରୁ ରକ୍ତ ନେବା ଆରମ୍ଭ କରିଥିଲେ । ତେବେ ଜୁନ ମାସ ୩୦ ତାରିଖରେ ସେ ରକ୍ତ ନେବା ପରେ ରାତିରେ ତାଙ୍କୁ ଜ୍ୱର ଆସିଲା । ଡାକ୍ତର ପରାମର୍ଶ ଅନୁସାରେ ଔଷଧ ଖାଇଲେ ମଧ୍ୟ ଜ୍ୱର ଛାଡ଼ିନଥିଲା । ଫଳରେ ପରିବାର ଲୋକେ ତାଙ୍କୁ ସମ ହସପିଟାଲକୁ ନେଇଯାଇଥଲେ । ସେଠାରେ ରକ୍ତ ପରୀକ୍ଷା ପରେ ସେ ଏଚଆଇଭି ସଂକ୍ରମିତ ବୋଲି ଜଣାପଡ଼ିଥିଲା । ପୁଅର ଏଭଳି ଅବସ୍ଥା ପାଇଁ ତାଙ୍କ ପିତାମାତା ଜିଲା ରକ୍ତଭଣ୍ଡାରକୁ ଦାୟୀ କରିଛନ୍ତି । ଉଚିତ ପରୀକ୍ଷା ନ କରି ରକ୍ତ ଦିଆଯିବା ଯୋଗୁଁ ତାଙ୍କ ପୁଅ ଏଚଆଇଭି ପଜିଟିଭ ହୋଇଥିବା ସେମାନେ ଆରୋପ ଉଠାଇଛନ୍ତି । ତେବେ ଏ ସମ୍ପର୍କରେ ଜିଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କୁ ପଚାରିବାରୁ ବାଲେଶ୍ୱରରେ ଉଚ୍ଚମାନର ପରୀକ୍ଷା (ନାକ ପିସିଆର) ପରେ ସାଧାରଣତଃ ରୋଗୀଙ୍କୁ ରକ୍ତ ଦିଆଯାଇଥାଏ । ଓଡ଼ିଶାରେ ବାଲେଶ୍ୱର ସମେତ ମୋଟ ୪/୫ ଜିଲାରେ ଏହି ପରୀକ୍ଷା ବ୍ୟବସ୍ଥା ରହିଛି । ଏଠି ସେଭଳି ତ୍ରୁଟି ହେବାର ସୁଯୋଗ ନାହିଁ । ଅନ୍ୟପକ୍ଷରେ ଗତ ମାର୍ଚ୍ଚ ମାସରୁ ସମ୍ପୃକ୍ତ ପିଲା ବାଲେଶ୍ୱରରେ ରକ୍ତ ନେଉଥିଲା । ଯେହେତୁ ଥାଲାସେମିଆ ରୋଗୀଙ୍କର ରୋଗ ପ୍ରତିରୋଧକ ଶକ୍ତି କମ, ବିଭିନ୍ନ ସମୟରେ ତାଙ୍କଠାରେ ଥଣ୍ଡା, ଜ୍ୱର ତଥା ଅନ୍ୟାନ୍ୟ ରୋଗ ପରିଲକ୍ଷିତ ହୋଇଥାଏ । ସେ ବାହାରୁ କେଉଁଠି ଇଞ୍ଜେକ୍ସନ ନେଇ ଏଚଆଇଭି ସଂକ୍ରମିତ ହୋଇ ଥାଇପାରନ୍ତି ବୋଲି ବୋଲି ଡାକ୍ତର ଉପାଧ୍ୟାୟ ସ୍ପଷ୍ଟ କରିଛନ୍ତି ।

## ନିଆରା ଢଙ୍ଗରେ ପାଳିଲେ ଦୁଇ ଭଉଣୀଙ୍କ ଜନ୍ମ ଦିବସ

ବସ୍ତା ।୭(ନିପ୍ର): ଆମ୍ବଗଡ଼ିଆ ପଞ୍ଚାୟତ ଅଧିନରେ ଥିବା ଭଗବାନପୁର ଗ୍ରାମ ନିବାସୀ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଭଗବାନ ମହାପାତ୍ରଙ୍କ ନାତୁଣୀ ତଥା ଆମ୍ବଗଡ଼ିଆ ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ଓ ଶ୍ରୀମତୀ ସଂଯୁକ୍ତା ମହାପାତ୍ରଙ୍କ ଦୁଇ କନ୍ୟା ଆୟୁଷ୍ମତୀ ନିବେଦିତା ମହାପାତ୍ର ଓ ଜୟସ୍ମିତା ମହାପାତ୍ର ଙ୍କ ଜନ୍ମ ଦିବସ , ପିଞ୍ଛାବଣିଆ ସ୍ଥିତ ବୈଦିକ ଗୁରୁକୁଳ ଆଶ୍ରମ ପରିସରରେ, ପାଳିତ ହୋଇଯାଇଅଛି । ଗୁରୁକୁଳର ପ୍ରଧାନ ଆଚାର୍ଯ୍ୟ ବିଜୟ ଜୀ ଙ୍କ ପୌରହିତ୍ୟରେ ନିରାଡମ୍ବର ଭାବେ ଜନ୍ମଦିନରେ ଗୁରୁକୁଳଆଶ୍ରମର ପରିଶରରେ ବୃକ୍ଷ ରୋପଣ, ଗୋମାତା ସେବା, ବିଶ୍ୱ କଲ୍ୟାଣ ଦେବଯଜ୍ଞ ସହିତ ଆଶ୍ରମରେ ରହୁଥିବା ଅସହାୟ ଗରିବ ପିଲାମାନଙ୍କୁ ଅନ୍ନ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା । ପ୍ରକାଶ ଥାଉକି ସେହି ଦୁଇ ଭଉଣୀ ଙ୍କ ଜନ୍ମ ସମାନ ମାସ ଓ ସମାନ ତାରିଖରେ ହୋଇଥିଲାବେଳେ କେବଳ ବର୍ଷର ପରିବର୍ତ୍ତନ ହୋଇଥିଲା ।ସେହି ଦୃଷ୍ଟିରୁ ଦୁଇ ଭଉଣୀ ଙ୍କ ଜନ୍ମ ଦିବସ ଏକାଦିନେ ପାଳନ ହୋଇ ଆସୁଅଛି । ଉକ୍ତ କାର୍ଯ୍ୟକ୍ରମରେ ଗଛ ମଣିଷ ଶ୍ରୀ ରବୀନ୍ଦ୍ର ବେହେରା, ବିଶିଷ୍ଟ କଳାକାର ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ନାୟକ, ଶିକ୍ଷକ ଶ୍ରୀଯୁକ୍ତ ସନ୍ତୋଷ କୁମାର ପରିଡ଼ା, ଆମ୍ବଗଡ଼ିଆ ବିକାଶ ପରିଷଦ ର ସଦସ୍ୟ ଶ୍ରୀଧର ସେଠୀ ଓ ଶରେଣଶ୍ୱର ବେହେରା ଙ୍କ ସମେତ ସାଙ୍ଗସାଥୀ ପରିବାରବର୍ଗ ଓ ବନ୍ଧୁବାନ୍ଧବଗଣ ଉପସ୍ଥିତ ରହି ନିବେଦୀତା ଓ ଜୟସ୍ମିତା ଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।



## ସୁବର୍ଣ୍ଣରେଖା ନଦୀରୁ ଚୋରାବାଲି ଚାଲାଣ ବେଳେ ଗ୍ରାମବାସୀ ଭିଆଇଲେ କାଣ୍ଡ

ଜଳେଶ୍ୱର , ୦୭/୦୭ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ଅଧିନରେ ୨୩ଟି ବାଲି ସୌରାତ ରହିଛି । ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା , ରାସଗୋବିନ୍ଦପୁର, ଦାନ୍ତୁନ, ରାମନଗର, କାନ୍ଥି, ଦୀଘା, ନୟାଗ୍ରାମ ଥାନା ଅଂଚଳରେ ନିର୍ମାଣକାର୍ଯ୍ୟଲାଗି ଚୋରାରେ ବାଲି ଚାଲାଣ ହେଉଛି । ସରକାରୀ ଓ ବେସରକାରୀଭାବେ ଏହି ବାଲି ମିଳିପାରୁନଥିବାରୁ କେତେକ ଅସାମାଜିକ ଲୋକ ରାତିରେ ବାଲି ଉତ୍ତୋଳନ କରି ଚାଲାଣ କରି ଆସୁଛନ୍ତି । ଏଥିରେ ରାଜସ୍ୱ କର୍ମଚାରୀମାନଙ୍କ ସଂପୃକ୍ତି ଥିବାର କୁହାଯାଇ ଆସୁଛି । ଚୋରାବାଲି ଚାଲାଣ ଯୋଗୁଁ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ଘଟୁଛି । କେବେଳ ଜଳେଶ୍ୱର ତହସିଲରୁ ପ୍ରାୟ ୩ କୋଟି ଟଙ୍କାର ରାଜସ୍ୱ ବାଲିରୁ ମିଳିଥାଏ । କିନ୍ତୁ ଏବେ ୨ବର୍ଷ ଧରି ସମସ୍ତ ସୌରାତ ବନ୍ଦ ଥିବାରୁ ରାଜସ୍ୱ ମିଳିପାରୁ ନାହିଁ । ଅନ୍ୟପକ୍ଷରେ ମକରମପୁର, ଦକ୍ଷିଣ ପ୍ରହରାଜପୁର, ଗୁଆଗଡିଆ, ରାଜନଗର, ବେହେରାସାହି ଅଂଚଳରୁ ବାଲି ଉତ୍ତୋଳନ ହେଉଥିବା ବେଳେ ନଦୀ ସୌରାତ ନିକଟସ୍ଥ ଗ୍ରାମବାସୀ, କେତେକ ପ୍ରତିପତିଶାଳୀ ବ୍ୟକ୍ତି, ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ହାତ କରି ବାଲି ଚାଲାଣ କରି ଆସୁଥିବା ବେଳେ ଏଥିପ୍ରତି ଜିଲା ପ୍ରଶାସନ ଆଖିବୁଜି ଦେଇଥିବା ପରି ମନେହୁଏ । ଗତ ଗୁରୁବାର ରାତିରେ ଓଡି୦୧ୟୁ-୫୪୧୧, ଓଡି୦୧ଜେ-୩୦୯୮, ଓଡି୦୧ଏଏ-୪୧୭୦ ସହିତ ୨ଟି ନମ୍ବର ନ ଥିବା ଟ୍ରାକ୍ଟରକୁ ସରଡିହା ଆର୍‌ଆଇ ସହିତ ଅନ୍ୟ ଦୁଇଜଣ ଅଧିକାରୀ ଘଟଣାସ୍ଥଳରୁ ଜବତ୍ କରିଛନ୍ତି । କିନ୍ତୁ ଏହି ଘଟଣା ପ୍ରଘଟ ହେବାପରେ ଦକ୍ଷିଣପ୍ରହରାଜପୁର ଓ ମକରମପୁର ଅଂଚଳରୁ ଉପରୋକ୍ତ କେତେକ ଟ୍ରାକ୍ଟରକୁ ରାଜସ୍ୱ ବିଭାଗ କର୍ମଚାରୀମାନେ ଅଟକାଇଥିଲେ । କିନ୍ତୁ ଏଥିରେ ଉତ୍ୟକ୍ତ ହୋଇ ବାଲି ମାଫିଆମାନେ ରାଜସ୍ୱ ବିଭାଗର ୩ ଅଧିକାରୀଙ୍କୁ ଅଟକାଇ ଥିଲେ । ଏ ଖବର ଜଣାଯିବାପରେ ଜଳେଶ୍ୱର ତହସିଲଦାର, ଜଳେଶ୍ୱର ଆଇଆଇସିଙ୍କ ନିର୍ଦ୍ଦେଶରେ ଟାକ୍ସଫୋର୍ସ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ ।




## ୭୪ ତମ ବନ ମହୋତ୍ସବ ପାଳିତ



ଲଙ୍ଗଳେଶ୍ୱର , ୦୭/୦୭ (ନି.ପ୍ର): ଲଙ୍ଗଳେଶ୍ୱର ବନ ବିଭାଗ ଓ ଡଗରା ବନ ସୁରକ୍ଷା ସମିତି ର ମିଳିତ ସହଯୋଗ ରେ ଆଜି ୭୪ ତମ ବନ ମହୋତ୍ସବ ଡଗରା ମକର ପଡ଼ିଆରେ ଆୟୋଜିତ ହୋଇଥିଲା । ଏଥିରେ ଚାନ୍ଦିପୁର ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା ଅତିଥି ଭାବରେ ଯୋଗଦେଇ ବୃକ୍ଷ ରୋପଣ କରି ବନମହୋତ୍ସବ ପାଳନ ସମ୍ପର୍କରେ ଉପସ୍ଥିତ ଥିବା ଲୋକମାନଙ୍କୁ ସଚେତନ କରାଇଥିଲେ । ବୃକ୍ଷ ରୋପଣ କରିବା ଦ୍ୱାରା ମୃତ୍ତିକା ସଂରକ୍ଷଣ ସବୁଜ ସୁନ୍ଦର ପ୍ରାକୃତିକ ପରିବେଶ ସୃଷ୍ଟି କରିବାପାଇଁ ଲୋକମାନେ ନିଜ ଜନ୍ମ ଦିନ ବିବାହ କାର୍ଯ୍ୟ ଆଦି ରେ ଚାରା ରୋପଣ ଓ ବଣ୍ଟନ କ୍ଷେତ୍ରରେ ଆଗେଇ ଆସିବାପାଇଁ ଶ୍ରୀ ଲେଙ୍କା ପରାମର୍ଶ ଦେଇଥିଲେ । ଏଥିରେ ଲଙ୍ଗଳେଶ୍ୱର ବନପାଳ ଶଶିଧର ମହାନ୍ତି, ପ୍ରହ୍ଲାଦ ଚନ୍ଦ୍ର ନାୟକ, ଡଗରା ବନ ସୁରକ୍ଷା ସମିତି ର ସଭାପତି ଗଣପତି ଜେନା, ନିତ୍ୟାନନ୍ଦ ଜେନା, ପ୍ରଫୁଲ୍ଲ ସାହୁ, ହରିହର ଜେନା ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ପଡିଆର ଚାରିପଟେ ୧୨୦ ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ ହେଇଛି । ଡଗରା ବିଟ୍ ର ବନରକ୍ଷୀ ହୃଷିକେଶ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନରକ୍ଷୀ ରାମେଶ୍ୱର ମୁର୍ମୁ, ଅମୂଲ୍ୟ ଜେନା, ଦୁର୍ଯ୍ୟୋଧନ କରଣ, ମନ୍ମଥ ଦଳାଇ, ଜଗନ୍ନାଥ ଦିନ୍ଦା, କାର୍ଯ୍ୟକ୍ରମ କୁ ସୁପରିଚାଳନା କରିଥିଲେ । ବନ ସୁରକ୍ଷା ସମିତି ର କର୍ମକର୍ତ୍ତା, ସ୍ଥାନୀୟ ଅଞ୍ଚଳର କ୍ଲବ୍ ର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## କୃଷି କ୍ରାନ୍ତି ଅଭିଯାନର ଉଦ୍‌ଘାଟନ ଉତ୍ସବ

ଉଦଳା , ୦୭/୦୭ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଂଚ'ର ନେତୃତ୍ୱରେ ମୟୂରଭଞ୍ଜ ଉଦଳା, କପ୍ତିପଦା, ଖୁଂଟା, ଗୋପବନ୍ଧୁନଗର ଓ ବଡ଼ସାହି ବ୍ଲକରେ ଚଳିତ ଜୁଲାଇ ୬ ତାରିଖ ଗୁରୁବାର ଦିନ 'କୃଷି କ୍ରାନ୍ତି ଅଭିଯାନ' ର ଉଦ୍‌ଘାଟନ ଉତ୍ସବ ପାଳିତ ହୋଇ ଯାଇଛି । ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅନ୍ତର୍ଗତ ଅଙ୍ଗାରପଡ଼ା ଗ୍ରାମରେ ବ୍ଲକ ସ୍ତରୀୟ ଉଦ୍‌ଘାଟନ ଉତ୍ସବକୁ ସ୍ଥାନୀୟ ୱାର୍ଡ଼ ମେମ୍ବର ଶ୍ରୀପଂଚମି ମାର୍ଣ୍ଡି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ମଂଚର ଏପରି ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ମଂଚର ଟିମ ଲିଡ଼ର ଗଦାଧର ଦାଶ, ଯେଉଁ ଜମିରୁ ଚାଷି ମାନେ ବର୍ଷରେ ଗୋଟିଏ ଫସଲ ଅମଳ କରୁଥିଲେ ସେଠାରୁ କିପରି ଦୁଇଟି ଫସଲ ଅମଳ କରିପାରିବେ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରୁପାଏ ବାସ୍କେ, ରାମଚନ୍ଦ୍ର ସିଂ, ଲାଲମୋହନ ବିନ୍ଧାଣୀ, ସୁବ୍ରତ ମହାନ୍ତି, କପାଳ ମାର୍ଣ୍ଡି, କାରୁକର ମୁର୍ମୁ, ସସ୍ମିତା ମଢ଼େଇ, ରବିନ୍ଦ୍ର ଖଣ୍ଡେଇ ପ୍ରମୁଖ ଉପସ୍ଥିତ ରହି ଚାଷି ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସେହିପରି କପ୍ତିପଦା ବ୍ଲକର ଚକ୍ରଧରପୁର ପଂଚାୟତ ଅନ୍ତର୍ଗତ ବେଗୁନା ପଟା ଗ୍ରାମଠାରେ କୃଷି ମିତ୍ର ସୂର୍ଯ୍ୟମଣୀ ମୁର୍ମୁ ପ୍ରଦୀପ ପ୍ରଜ୍ୱଳନ କରି ଅଭିଯାନର ବ୍ଲକ ସ୍ତରୀୟ ଉତ୍ସବକୁ ଉଦ୍‌ଘାଟନ କରି ଦେଶକୁ ଆହର ଯୋଗାଉଥିବା ଚାଷି ଭାଇ ମାନଙ୍କର ଦିର୍ଘ ଓ ସୁସ୍ଥ ଜୀବନ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ହରପ୍ରିୟା ଦାସ, ରାମାୟ ମୁର୍ମୁ, ମୋନାଲି ମୁର୍ମୁ ଓ ଅବନ୍ତି ବେହେରା ଉପସ୍ଥିତ ରହି ଅଭିଯାନର ଲକ୍ଷ ଓ ଉଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେହିପରି ଖୁଂଟା ବ୍ଲକର ବୃନ୍ଦାବନଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଆଠପଡ଼ା ଗ୍ରାମଠାରେ ସ୍ଥାନୀୟ ୱାର୍ଡ଼ ମେମ୍ବର ବୁଧୁନି ରାଉତପ୍ରଦୀପ ପ୍ରଜ୍ୱଳନ କରି ଅଭିଯାନର ବ୍ଲକ ସ୍ତରୀୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଆରତୀ ଖଣ୍ଡାପାତ୍ର, ଭାରତୀ ଖଣ୍ଡାପାତ୍ର ଓ ଅଭିଲିପ୍ସା ପୃଷ୍ଟି ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ସେହିପରି ଗୋପବନ୍ଧୁନଗର ବ୍ଲକ ସ୍ତରୀୟ ଉତ୍ସବରେ ପଂଚାୟତ ସମିତି ସଦସ୍ୟା ସଂଯୁକ୍ତା ନାୟକ ଓ ୱାର୍ଡ଼ ମେମ୍ବର ଭଗବାନ ନାୟକ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଗୌତମ ମହାପାତ୍ର ଓ ନିରୁପମା ଦାସ ଅଭିଯାନର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ସେହିପରି ବଡ଼ସାହି ବ୍ଲକରେ ମଧ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ଏହି ଅଭିଯାନ କୃଷି କ୍ଷେତ୍ରରେ ଏକ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିବ ବୋଲି ମଂଚ ତରଫରୁ କୁହାଯାଇଛି ।

## ଜଗନ୍ନାଥ ସାଗରର ବିକାଶ ନେଇ ସମୀକ୍ଷା

ଜୟପୁର, ୦୭/୦୭ (ନି.ପ୍ର): ଜୟପୁରର ଜଗନ୍ନାଥ ସାଗରରେ ବିକାଶ ନେଇ ସମୀକ୍ଷା ହୋଇଛି । ବଙ୍ଗାଲୋରର ସାଗର ମଡେଲରେ ଜୟପୁର ଜଗନ୍ନାଥ ସାଗରର ବିକାଶ ହେବ । ଲେକମ୍ୟାନ ଭାବେ ଖ୍ୟାତ ବରିଷ୍ଠ ଜଳ ସଂରକ୍ଷଣବିତ ମାଲିଗାଭିଡ ଆନନ୍ଦ ଶୁକ୍ରବାର ଜଗନ୍ନାଥ ସାଗରର ବିକାଶ ପାଇ ସମୀକ୍ଷା କରିଛନ୍ତି । ଏହି ସମିକ୍ଷା ସମୟରେ ଜୟପୁର ବିଧାୟକ ତାରା ପ୍ରାସଦ ବାହିନିପତି, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ । ସାଗରର ପୁନଃ ଉଦ୍ଧାର ଓ ବିକାଶ କରାଯାଇବ ।

## ସୁଶ୍ରୀ ସ୍ୱାତୀ ସ୍ନିଗ୍ଧା ମହାନ୍ତିଙ୍କ ସଫଳତା



ବାଲେଶ୍ୱର, ୦୭/୦୭ (ନି.ପ୍ର): ସୁଶ୍ରୀ ସ୍ୱାତୀ ସ୍ନିଗ୍ଧା ମହାନ୍ତି ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ବାଲେଶ୍ୱରରେ ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା +୩ ସ୍ନାତକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି । ଇଂରାଜୀ ସମ୍ମାନ ଏବଂ ସମୁଦାୟ ଇଚ୍ଛାଧିନ ବିଷୟ ଗୁଡ଼ିକରେ ମହାବିଦ୍ୟାଳୟର ସେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ଅଧ୍ୟକ୍ଷ ଡକ୍ଟର ଦିଲ୍ଲିପ୍ ଘୋଷ, ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପକ ଏବଂ ଅଧ୍ୟାପିକାମାନେ ତାଙ୍କୁ ବଧେଇ ଜଣାଇବା ସହିତ ସ୍ନେହାର୍ଶୀବାଦ ପ୍ରଦାନ କରିଛନ୍ତି । ସ୍ୱାତୀ ସ୍ନିଗ୍ଧା ଅବସରପ୍ରାପ୍ତ ଓଡ଼ିଆ ବିଭାଗର ପ୍ରାଧ୍ୟାପିକ ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧିଶ ଶ୍ରୀମତୀ ନିର୍ମଳା ମହାନ୍ତିଙ୍କର ନାତୁଣୀ ତଥା ଇଂରାଜୀ ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି ଓ ଶ୍ରୀମତୀ ପ୍ରୀତିନନ୍ଦା ମହାନ୍ତିଙ୍କର ସୁକନ୍ୟା ଅଟନ୍ତି । ସୁଶ୍ରୀ ମହାନ୍ତି କେବଳ ପାଠରେ ନୁହେଁ, ଖେଳକୁଦ, ଚିତ୍ର ଓ ଅଭିନୟରେ ମଧ୍ୟ ବିଭିନ୍ନ ସମୟରେ ପୁରସ୍କାର ଏବଂ ପ୍ରମାଣପତ୍ର ପାଇଛନ୍ତି । ଓଡ଼ିଶା ରାଜ୍ୟସ୍ତରୀୟ ବିଭିନ୍ନ ବିଦ୍ୟାଳୟ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ନାଟକ ପ୍ରତିଯୋଗିତାରେ ସେ ସର୍ବଶ୍ରେଷ୍ଠ ଅଭିନେତ୍ରୀ ଭାବରେ ପୁରସ୍କୃତ ହୋଇଥିଲେ । ନୃତ୍ୟ, ସଙ୍ଗିତରେ ମଧ୍ୟ ସେ ରୁଚି ରଖନ୍ତି । ଭଗବାନଙ୍କ ଆଶୀର୍ବାଦରୁ ଭବିଷ୍ୟତରେ ସେ ଜଣେ ସୁନାମଧନ୍ୟା ଇଂରାଜୀ ଅଧ୍ୟାପିକା ହୋଇ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼େଇବାର ଲକ୍ଷ୍ୟ ରଖିଛନ୍ତି ।

## ନୀଳଗିରିରେ ବ୍ରାଉନସୁଗାର ଜବତ

ନୀଳଗିରି , ୦୭/୦୭ (ନି.ପ୍ର): ଉତ୍ତର ଓଡ଼ିଶାର ବ୍ରାଉନସୁଗାର ର ହବ୍ ଏବେ ନୀଳଗିରି ପାଲଟିଛି । ବିଭିନ୍ନ ପ୍ରକାରର ମାଦକଦ୍ରବ୍ୟ ଚୋରାଚାଲାଣ ଚାଲୁଥିବା ବେଳେ ନୀଳଗିରି ଅବକାରୀବିଭାଗ ଶୁକ୍ରବାର ପୂର୍ବାହ୍ନ ୯ଟା ସମୟରେ ନୀଳଗିରି କଦମସାହି ଛକ ନିକଟରେ ଜଣେ ବ୍ରାଉନସୁଗାର ସ୍ମଗ୍ଲରକୁ ଧରିବାରେ ସଫଳ ହୋଇଛି । ବିଶେଷ ସୂତ୍ରରୁ ଖବରପାଇ ଏକ ସ୍ପେଲଣ୍ଡର ପ୍ଲସ ବାଇକ୍ ନଂ ଓଜ ୦୧ଏଈ୭୮୪ରେ ଯାଉଥିବା ନୀଳଗିର ଥାନା ଖଡ଼ିପଦା ଗ୍ରାମର ସୁରେନ୍ଦ୍ର ପୁଟିଙ୍କ ପୁଅ ବଳରାମ ପୁଟିଙ୍କ ଠାରୁ ୧୬୦ଗ୍ରାମ ଓଜନର ବ୍ରାଉନସୁଗାର ଅବକାରୀ ବିଭାଗ ଜବଦ୍ କରିବା ସହିତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ଜବତ ବ୍ରାଉନ ସୁଗାର ର ମୂଲ୍ୟ ଆନୁମାନିକ ୧୫ଲକ୍ଷ ଟଙ୍କା ହେବବୋଲି ବିଭାଗ ଅନୁମାନ କରିଛି । ଏହି ଚଢ଼ାଉରେ ଅବକାରୀବିଭାଗର ସବ ଇନ୍ସପେକ୍ଟର ନୃସିଂହ ରଥ, ଏଏସଆଇ ଜୟମାଧବ ଦାସ ପଟ୍ଟନାୟକ, ଦେବାଶିଷ ମଲ୍ଲିକ, ପିଙ୍କି ମାରାଣ୍ଡି ପ୍ରମୁଖ ସାମିଲ ଥିଲେ ।

## ସପ୍ତବର୍ଣ୍ଣା ଏବଂ ଶିଶୁ କବିତା ସମଗ୍ର ଉନ୍ମୋଚିତ

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ଆଜି ଭୁବନେଶ୍ୱର ରାଜଭବନରେ କବି ସୁଶ୍ରୀ ହରପ୍ରିୟା ସାହୁଙ୍କ କବିତା ସଂକଳନ ' ଶିଶୁ କବିତା ସମଗ୍ର' ଏବଂ ସାତଟି କବିତା ପୁସ୍ତକର ଏକତ୍ରିତ ରୂପ ' ସପ୍ତବର୍ଣ୍ଣା ' ମହାମହିମ ରାଜ୍ୟପାଳ ଗଣେଶୀ ଲାଲଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି ।' ଏହି ଅବସରରେ କବି ସୁଶ୍ରୀ ହରପ୍ରିୟା ସାହୁ , ବରିଷ୍ଠ କବି ସମ୍ପାଦକ ଭିକାରୀ ଧଳ ,ବରିଷ୍ଠ କବି ରକ୍ଷକ ନାୟକ , ଏବଂ ପ୍ରକାଶକ ମାନମୟୀ ରଥ ଉପସ୍ଥିତ ଥିଲେ । ଏକକାଳୀନ ଭାବରେ ଏତେ ସଂଖ୍ୟକ ପୁସ୍ତକ କିଭଳି ରଚନା କରିପାରିଛନ୍ତି ବୋଲି ଆଶ୍ଚର୍ଯ୍ୟ ଏବଂ ଆନନ୍ଦ ପ୍ରକଟ କରିଥିଲେ ରାଜ୍ୟପାଳ ମହୋଦୟ । ଏକ ନିରାଡ଼ମ୍ବର ପରିବେଶରେ ଏଭଳି ଏକ ଅଭିନବ ଉନ୍ମୋଚନରେ ନିଜ ବହିଟିକୁ ଉନ୍ମୋଚିତ ହେବାର ଦେଖି କବି ଆନନ୍ଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ ।



## ସ୍ତମ୍ଭକାର ସୁଦର୍ଶନ ଦାସଙ୍କ ଜନ୍ମ ଦିବସରେ ରକ୍ତଦାନ ଶିବିର

ଜଳେଶ୍ୱର ୭/୭(ନି.ପ୍ର): ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସଙ୍କ ୫୭ତମ ଜନ୍ମ ଦିବସ ଉପଲକ୍ଷେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । କଂଗ୍ରେସ କର୍ମୀମାନେ ହନୁମାନ ମନ୍ଦିରେ ପୂଜାର୍ଚ୍ଚନା କରି ସୁଦର୍ଶନଙ୍କ ନିରାମୟ ଜୀବନ କାମନା କରିଥିଲେ । ଟାଉନ୍ କଂଗ୍ରେସ ସଭାପତି ଗିରିଜା ଦାସ, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରି, ପୂର୍ବତନ କାଉନ୍‌ସିଲର ଦେବଦୁଲାଲ ଦାସ, ଜଗଦୀଶ ନନ୍ଦି, ପଦ୍ମଲୋଚନ ବେହେରା, ସୌଭିକ ଜେନା, ରାହୁଲ ଗିରି, ରଂଗିତ ଗିରି, ଅଶ୍ୱିନୀ ଜେନା, ଅଜିତ୍ ସେଠୀ, ଗୋପାଳକୃଷ୍ଣ ଜେନା, ମାନା ରାୟ, ତ୍ରିଲୋଚନ ଦାସଅଧିକାରୀ, ଦୁର୍ଗାଶଂକର ଦାସ, ଜଗନ୍ନାଥ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ତିହିଡ଼ି ବଜାରରେ କୋଟ୍‌ପା ଚଢ଼ଉ

ଭଦ୍ରକ , ୦୭/୦୭ (ନି.ପ୍ର): ଜାତୀୟ ତମାଖୁ ନିୟନ୍ତ୍ରଣ ଆଇନ ଅବମାନନା ନେଇ ତିହିଡ଼ି ବଜାରରେ ଧରପଗଡ଼ କରାଯାଇ ୧୪ ଜଣ ଦୋକାନୀଙ୍କ ଠାରୁ ୨୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ତିହିଡ଼ିର ପୋଲିସ ଏ.ଏସ୍.ଆଇ ଶ୍ରୀକାନ୍ତ ନାୟକ ଏବଂ ତାଙ୍କ କର୍ମଚାରୀ, ଅବକାରୀ ବିଭାଗର ସଞ୍ଜୟ କୁମାର ପାତ୍ର ଏବଂ ରାମଚନ୍ଦ୍ର ନାୟକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଏପିଡ଼େମିଲୋଜିଷ୍ଟ ଡା କାଶୀନାଥ ପଣ୍ଡା, ଅଣ ସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ ରାଉତ ପ୍ରମୁଖ ଏହି ସ୍କ୍ୱାଡ଼ରେ ସାମିଲ ଥିଲେ । ଜବତ୍ କରାଯାଇଥିବା ବିକ୍ରୟ ନିଷେଧ ତମାଖୁ ଜାତୀୟ ଦ୍ରବ୍ୟ ସବୁକୁ ନଷ୍ଟ କରି ଦିଆଯାଇଥିଲା ।

## ଏସ୍.ଇ.ବି.ସି. ସର୍ଭେ କାର୍ଯ୍ୟ ପର୍ଯ୍ୟବେକ୍ଷଣ କଲେ ଜିଲ୍ଲା ପର୍ଯ୍ୟବେକ୍ଷକ

ଭଦ୍ରକ , ୦୭/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଗତ ମଇ ୧ ତାରିଖରୁ ଆରମ୍ଭ କରାଯାଇଥିବା ଓଡ଼ିଶା ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଜନିତ ସର୍ଭେ କାର୍ଯ୍ୟ ଏବେ ଆଇ.ସି.ଆର୍. ଫର୍ମର ବୈଧତା ପରୀକ୍ଷଣ ସୋପାନରେ ପହଞ୍ଚିଛି । ଜିଲ୍ଲା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ ଭଦ୍ରକ ଗସ୍ତରେ ଆସି ଭଣ୍ଡାରିପୋଖରୀ ବ୍ଲକ୍, ଭଦ୍ରକ ବ୍ଲକ ଭଦ୍ରକ ମ୍ୟୁନିସିପାଲିଟି, ବନ୍ତ ବ୍ଲକ, ପରିଦର୍ଶନରେ ଯାଇ ଆଇ.ସି.ଆର ଫର୍ମର ବୈଧତା ତନଖି କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଉପଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପର୍ଯ୍ୟବେକ୍ଷକଙ୍କ ସହ ଗସ୍ତରେ ସାମିଲ ଥିଲେ । ଭଣ୍ଡାରୀପୋଖରୀ ବି.ଡ଼ି.ଓ. ଦେବଦତ୍ତ ଦାସ, ଭଦ୍ରକ ବି.ଡ଼ି.ଓ ସୀତାକାନ୍ତ ରାଉତ, ଭଦ୍ରକ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ, ବନ୍ତ ବି.ଡ଼ି.ଓ. ପି.କେ. ସେଠୀ ପ୍ରମୁଖ ନିଜ ନିଜ ବ୍ଲକ୍‌ର ସର୍ଭେରେ ଆଇ.ସି.ଆର୍ ଫର୍ମ ବୈଧତା ପରୀକ୍ଷଣ କାର୍ଯ୍ୟ ପରିଦର୍ଶନ ବେଳେ ପର୍ଯ୍ୟବେକ୍ଷକଙ୍କୁ ସହଯୋଗ କରିଥିଲେ । ସୂଚନା ଯୋଗ୍ୟକି ମଇ ୧ ତାରିଖରୁ ଆରମ୍ଭ କରାଯାଇଥିବା ଏହି ସର୍ଭେର ପଞ୍ଜିକରଣ କାର୍ଯ୍ୟ ଜୁନ ୬ ପର୍ଯ୍ୟନ୍ତ ଚାଲୁ ରହିଥିଲା । ପରେ ପରେ ସମସ୍ତ ଆଇ.ସି.ଆର୍.ଫର୍ମକୁ ସ୍କାନ କରାଯାଇ ଡିଜିଟାଇଜେସନ୍ ପରେ ଚୂଡ଼ାନ୍ତ ତାଲିକା ପ୍ରକାଶନ ପୂର୍ବରୁ ବୈଧତାକୁ ତନଖି କରାଯାଉଛି । ସଂପୃକ୍ତ ବ୍ଲକ ଓ ପୌର ପ୍ରଶାସନ ଅଧିନରେ ଏହି କାର୍ଯ୍ୟ ସମ୍ପାଦନ କରାଯାଉଛି ।



## ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ ପାଳିତ




ମୟୂରଭଂଜ, ୦୭/୦୭ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତି ଟୁଡୁ ଙ୍କ ମାର୍ଗଦର୍ଶନରେ ବନମହୋତ୍ସବ ପାଳିତ ହୋଇଛି । ଇକୋ କ୍ଲବ ସଂଯୋଜକ ରାଜୀବ ଲୋଚନ ଜେନାଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଫଳ ଓ ଔଷଧୀୟ ବୃକ୍ଷ ରୋପଣ କରାଯାଇଛି । ଅବାଞ୍ଛିତ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ବୃକ୍ଷରୋପଣ ଅପରିହାର୍ଯ୍ୟ ବୋଲି ପ୍ରଧାନଶିକ୍ଷକ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୁବାଳା ମହାନ୍ତ, ଲକ୍ଷ୍ମୀନାରାୟଣ ମହାନ୍ତ, ବିଷ୍ଣୁପ୍ରିୟା ମଲ୍ଲିକ ସକ୍ରିୟ ଅଂଶଗ୍ରହଣ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷାକର୍ମଚାରୀ ବୃକ୍ଷରୋପଣରେ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo